# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

VOLUME- 42 ◆ISSUE-330 ◆BHUBANESWAR ◆THURSDAY ◆29 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୩୦ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




‘ସବୁ କଳା ଜାଣିଛି’

▶ପୃଷ୍ଠା ୧୧ ଦେଖନ୍ତୁ...

### କମିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେନ୍ଦ୍ରୀୟ ସହାୟତା

# ଓଡ଼ିଶାକୁ ୫୦୦ କୋଟି ଟଙ୍କା କମ୍ ଅନୁଦାନ

■ **ଭୁବନେଶ୍ୱର, ୨୮।୫ (ସମିସ):** ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏଯାଏଁ ସଡ଼କ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଗତ ଅଧିବେଶନରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିବା ସହ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସବୁଦିନିଆ ରାସ୍ତା କରିବାକୁ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ହ୍ରାସ କରିବା ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

ବିଡ଼ମ୍ବନା ହେଉଛି ନବୀନ ପଟ୍ଟନାୟକ ସରକାରଙ୍କ ଶେଷ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ଯେତିକି ଅନୁଦାନ ପ୍ରଦାନ କରିଥିଲେ, ଏବେ ବିଜେପି ସରକାରଙ୍କ




ସମୟରେ ତା'ଠାରୁ ଓଡ଼ିଶା ୫୦୦ କୋଟି ଟଙ୍କା କମ୍ ପାଇଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରରୁ ବିପୁଳ ଅର୍ଥ ରାଶି ମିଳିବ ବୋଲି ଦଳୀୟ ନେତାମାନେ ମାରିଥିବା ବାହାଦୂରୀ ଏବେ ଛଳନା ବୋଲି ପ୍ରମାଣିତ ହୋଇଛି।

୨୦୨୩-୨୪ ଆର୍ଥିକ ବର୍ଷରେ ତତ୍କାଳୀନ ବିଜେଡି ସରକାର ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଓଡ଼ିଶାକୁ କେନ୍ଦ୍ର ସରକାର ୧୨୬୧ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରେ ଗ୍ରାମାଞ୍ଚଳକୁ ସଡ଼କ ନିର୍ମାଣ କରାଯାଉଥିଲା ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରୁଥିଲେ। ୨୦୨୪-୨୫ରେ ରାଜ୍ୟରେ ବିଜେପି ସରକାର କେନ୍ଦ୍ରରୁ ଏହି ଯୋଜନାରେ ମାତ୍ର ୭୧୨ କୋଟି ଟଙ୍କା ଆଣିବାରେ ସକ୍ଷମ ହୋଇଛନ୍ତି। ଫଳରେ ଓଡ଼ିଶା ଡବଲ୍ ଇଞ୍ଜିନ୍ ସରକାରରେ ଉପେକ୍ଷିତ ହୋଇଛି।

ବିଜେଡି ଶାସନରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଓଡ଼ିଶାର ଅବହେଳାର ତୀବ୍ର ପ୍ରତିବାଦ କରିବା ସହ ଅଧିକ ଅନୁଦାନ ଦାବି କରୁଥିଲା। ବିଜେଡି ସାଂସଦମାନେ ଦିଲ୍ଲୀରେ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ରାଜ୍ୟର ଦାବି ଉଠାଉଥିଲେ। ମାତ୍ର ସମ୍ପ୍ରତି ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ ▶ପୃଷ୍ଠା-୭

## ଓଡ଼ିଶାରେ ମୌସୁମୀ

### ଲଘୁଚାପ ଘନୀଭୂତ । ୨୪ ଘଣ୍ଟାରେ ଅବପାତ । ଆହୁରି ୨ ଦିନ ବର୍ଷା

■ **ଭୁବନେଶ୍ୱର, ୨୮।୫ (ସମିସ):** ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସ୍ୱାଭାବିକ ତାରିଖ ଜୁନ୍ ୧୦ ତୁଳନାରେ ୧୪ ଦିନ ଆଗରୁ ଆଜି(ବୁଧବାର) ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ ରେ କେରଳ ଛୁଇଁବା ପରେ ଜୁନ୍ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ଚଳିତବର୍ଷ ମୌସୁମୀ ମେ' ୨୪ରେ କେରଳ ଛୁଇଁଥିବା ବେଳେ ମାତ୍ର ୪ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ କରିଛି। ▶ପୃଷ୍ଠା-୭

## ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ବୟସ ସୀମା ୪୨କୁ ବୃଦ୍ଧି

**ରାଜ୍ୟରେ ପ୍ରତିଷ୍ଠା ହେବ କୃତ୍ରିମ ବୁଦ୍ଧିମତା (ଏଆଇ) ଉତ୍କର୍ଷ କେନ୍ଦ୍ର**

**ଯୋରନ୍ଦା ମହିମା ଗାଦିର ଉନ୍ନତି ସହ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ପାଇଁ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ**

**ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ-୨୦୨୫କୁ ଅନୁମୋଦନ**

**ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ଜେଟି ନିର୍ମାଣ ପାଇଁ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଲେ ସରକାର**

■ **ଭୁବନେଶ୍ୱର, ୨୮।୫ (ସମିସ):** ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ରାଜ୍ୟ ସରକାର ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏଥିସହ କ୍ୟାବିନେଟରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ▶ପୃଷ୍ଠା-୭










ସକାଳ
www.sakalaepaper.com

# ଇରାନରେ ୩ ଭାରତୀୟଙ୍କୁ ଅପହରଣ; କୋଟିଏ ମାଗୁଛନ୍ତି ଦଲାଲ୍




ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଇରାନ ଯାଇଥିବା ତିନି ଜଣ ଭାରତୀୟ ନାଗରିକ ନିଖୋଜ ହୋଇଯାଇଛନ୍ତି । ସେମାନଙ୍କୁ ଠାବ କରିବା ଲାଗି ଉଦ୍ୟମ ଚାଲିଥିବା ବେଳେ ପରିବାର ଲୋକ ଅଭିଯୋଗ କରିଛନ୍ତି ଏହି ତିନି ଜଣଙ୍କୁ ଦଲାଲମାନେ ମୁଣ୍ଡଜାମିନ କରି ରଖିଛନ୍ତି । ସେମାନେ ବିପୁଳ ଟଙ୍କା ଦାବି କରୁଛନ୍ତି, ନହେଲେ ଛାଡ଼ିବେ ନାହିଁ ବୋଲି ଧମକ ଦେଉଛନ୍ତି ।

ନିଖୋଜ ଥିବା ତିନି ଜଣ ବ୍ୟକ୍ତି ଗୋଟିଏ ପରିବାରର ବୋଲି ଜଣାପଡ଼ିଛି । ସେମାନେ ହେଲେ ପଞ୍ଜାବର ହୁସନପ୍ରୀତ ସିଂହ, ଯଶପାଲ ସିଂହ ଏବଂ ଅମୃତପାଲ ସିଂହ । ଅମୃତପାଲଙ୍କ ମାତା ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ ମେ ୨ ତାରିଖରେ ତାଙ୍କ ପୁଅ ଓ ଅନ୍ୟ ଦୁଇ ଜଣ ଇରାନରେ ପହଞ୍ଚିଥିଲେ । ଇରାନରୁ ସେମାନେ ଅଷ୍ଟ୍ରେଲିଆ ଯିବେ ବୋଲି ତାଙ୍କ ପୁଅ ଫୋନ କରି ତାଙ୍କୁ ଜଣାଇଥିଲା । ଏହାର କିଛି ସମୟ ପରେ ପୁଅ ତାଙ୍କୁ ପୁଣି ଫୋନ୍ କରିଥିଲେ । ସେ ଜଣାଇଥିଲେ ଯେ ସେମାନଙ୍କୁ କିଛି ଲୋକ ମୁଣ୍ଡଜାମିନ କରି ରଖିଛନ୍ତି । ଟ୍ରାଭେଲ ଏଜେଣ୍ଟମାନେ ଟଙ୍କା ଦେଇନଥିବାରୁ ସେମାନେ ଟଙ୍କା ଦାବି କରୁଛନ୍ତି । ତିନି ଜଣ ୧୮ ଲକ୍ଷ ଲେଖାଏଁ ପଠାଇବାକୁ ସେମାନେ ଦାବି କରିଥିଲେ । ଏହି ଖବର ମିଳିବା ପରେ ଅମୃତପାଲଙ୍କ ମା' ଟ୍ରାଭେଲ ଏଜେଣ୍ଟମାନଙ୍କ ସହିତ ସଂପର୍କ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏହି ଏଜେଣ୍ଟମାନେ ଫେରାର ହେବା ସହିତ ସେମାନଙ୍କର ମୋବାଇଲ ଫୋନକୁ ସୁଇଚ୍ ଅଫ୍ କରିଦେଇଥିଲେ ।

ଭାରତ ସରକାର ଏସଂପର୍କରେ ଇରାନ ସରକାରଙ୍କୁ ଜଣାଇଛନ୍ତି । ତେହରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ନିଖୋଜ ଭାରତୀୟଙ୍କୁ ତୁରନ୍ତ ଠାବ କରିବା ଲାଗି ପ୍ରଶାସନ ଉପରେ ଚାପ ପକାଯାଉଛି । ସେମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଅନୁରୋଧ କରାଯାଇଛି । ଯାହା ସୂଚନା ମିଳିବ ସେସଂପର୍କରେ ନିଖୋଜ ବ୍ୟକ୍ତିଙ୍କ ପରିବାରକୁ ଜଣାଇ ଦିଆଯିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି ।

ମିଳିଥିବା ଖବର ଅନୁଯାୟୀ ପଞ୍ଜାବରେ ଏଜେଣ୍ଟମାନେ ଏହି ତିନି ଜଣଙ୍କୁ ଦୁବାଇ ଓ ଇରାନ ରାସ୍ତା ଦେଇ ଅଷ୍ଟ୍ରେଲିଆ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ମେ ୨ ତାରିଖରେ ସେମାନେ ଇରାନରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ଅପହରଣ କରିନିଆଯାଇଥିଲା । ଏକ କୋଟି ଟଙ୍କା ନଦେଲେ ସେମାନଙ୍କୁ ମାରି ଦିଆଯିବ ବୋଲି ଅପହର୍ତ୍ତାମାନେ ଧମକ ଦେଉଛନ୍ତି । ଅପହର୍ତ୍ତାମାନେ ଏକ ଭିଡିଓ ପଠାଇଛନ୍ତି ଯେଉଁଥିରେ ଦେଖାଯାଇଛି ଯେ ତିନି ଭାରତୀୟଙ୍କୁ ବାନ୍ଧି ରଖାଯାଇଛି ଏବଂ ସେମାନଙ୍କ ଦେହରେ କ୍ଷତ ଚିହ୍ନ ଥିବା ସହିତ ରକ୍ତ ବହୁଛି ।

## ■ ଗାଜାରେ ଖାଦ୍ୟ ପାଇଁ ଦଳାଚକଟା
# ୩ ମୃତ, ୪୬ ଆହତ

ରାଫା, ୨୮।୫ (ଏଜେନ୍ସି): ଗାଜା ସହର ରାଫାରେ ମଙ୍ଗଳବାର ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି । ଖାଦ୍ୟ ପାଇଁ ଯାଇଥିବାବେଳେ ଦଳାଚକଟା ହୋଇଛି । ଏହି ଅଘଟଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ୪୬ ଜଣ ଆହତ ହୋଇଛନ୍ତି । ୭ ଜଣ ଲୋକ ମଧ୍ୟ ନିଖୋଜ ଅଛନ୍ତି । ରିପୋର୍ଟ ଅନୁଯାୟୀ ଇସ୍ରାଏଲ ସୈନିକଙ୍କ ପାଇଁ ଏପରି ହୋଇଥିଲା । ଏହାର ଯବାନ ଫାଙ୍କା ଗୁଳିଚାଳନା କରିବାରୁ ଦଳାଚକଟା ହୋଇଥିଲା । ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି ଯେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଭାବେ ଯବାନ ଗୁଳି ଚଳାଇ ଥିଲେ । ରିପୋର୍ଟ ଅନୁଯାୟୀ ଗାଜାରେ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କେନ୍ଦ୍ର ଆରମ୍ଭ କରାଯାଉଛି । ମଙ୍ଗଳବାର ଦିନ, ରାଫା ସହରର ଏପରି ଏକ କେନ୍ଦ୍ରରେ ହଜାର ହଜାର ଲୋକଙ୍କ ଭିଡ଼ ଲାଗିଥିଲା । ଇସ୍ରାଏଲୀ ଗୁଳି ଚଳାଇବା ପରେ ପାଲେଷ୍ଟିନୀୟ ନାଗରିକ ଖାଦ୍ୟ ପାଇଁ ଦୌଡିଥିଲେ । ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ରାଫାରେ ଯାହା ଘଟିଲା ତାହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଏବଂ ସମ୍ପୂର୍ଣ୍ଣ ଯୁଦ୍ଧ ଅପରାଧ ଥିଲା ।

## ତିନି ସେନାର ଯବାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ଜଣେ ଅଧିକାରୀ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏବେ ଦେଶର ତିନି ସେନାର ଯବାନଙ୍କ ଉପରେ ଜଣେ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇପାରିବେ । 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଅଧିନରେ ଏହି କ୍ଷମତା ଦିଆଯାଇଛି । ଏହି ନିୟମ ମଙ୍ଗଳବାରଠାରୁ ଦେଶରେ ଲାଗୁ କରାଯାଇଛି । କେନ୍ଦ୍ର ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି । ଏହି ନିୟମ ଅଧିନରେ ଜଣେ କମାଣ୍ଡର-ଇନ୍-ଚିଫ୍/ ଅଫିସର-ଇନ-କମାଣ୍ଡଙ୍କୁ ନିଯୁକ୍ତ କରାଯିବ । ଏହି କମାଣ୍ଡର ସୈନିକଙ୍କୁ ନିୟନ୍ତ୍ରଣ ଏବଂ କାର୍ଯ୍ୟାନୁଷ୍ଠାନ ନେଇପାରିବେ । 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଦୁଇ ବର୍ଷ ତଳେ ମୌସୁମୀ ଅଧିବେଶନରେ ପାରିତ କରାଯାଇଥିଲା । ୨୦୨୩ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ଏହାକୁ ମଞ୍ଜୁରୀ ଦେଇଥିଲେ । ପରେ ୨୦୨୪ ମେ' ୧୦ରୁ ଏହା କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ସରକାର ବୁଧବାର ଆନୁଷ୍ଠାନିକ ଭାବେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ ।

## ହମାସ୍ ମୁଖ୍ୟ ଶିନାୱରକୁ ହତ୍ୟା

ତେଲ ଆଭିଭ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ହମାସ୍‌ର ଗାଜା ମୁଖ୍ୟ ମହମ୍ମଦ ସିନାୱରକୁ ଇସ୍ରାଏଲ ସେନା (ଆଇଡିଏଫ୍) ହତ୍ୟା କରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ବୁଧବାର ଏହି ଘୋଷଣା କରିଛନ୍ତି । ଗତ ୧୪ ତାରିଖରେ ଆଇଡିଏଫ୍ କରିଥିବା ବଡ଼ଧରଣର ଆକ୍ରମଣରେ ହମାସ୍ ମୁଖ୍ୟ ଗୁରୁତର ଆହତ ହୋଇଥିଲା । ସେତେବେଳେ ସିନାୱର ପ୍ରାଣ ହରାଇଛି କି ନାହିଁ ତାହା ଆଇଡିଏଫ୍ ସ୍ପଷ୍ଟ କରିପାରି ନ ଥିଲା । ମହମ୍ମଦ ସିନାୱରର ଭାଇ ତଥା ହମାସର୍ ପୂର୍ବତନ ମୁଖ୍ୟ ୟାହା ସିନାୱାରକୁ ଆଇଡିଏଫ୍ ୨୦୨୪ ଅକ୍ଟୋବରେ ନିହତ କରିଥିଲା । ସେ ୨୦୨୩ ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା । ତା' ପାଇଁ ହିଁ ଗାଜାରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଇରାନ୍‌ରେ ବିସ୍ଫୋରଣ କରି ହମାସର ପୂର୍ବତନ ମୁଖ୍ୟ ଇସ୍‌ମାଇଲ ହାନିଏକୁ ମାରିବା ପରେ ୟାହା ଏହି ଆତଙ୍କବାଦୀ ସଂଗଠନର ଦାୟିତ୍ୱ ନେଇଥିଲା ।

## ■ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଜାମିନ
# ଗୋଟେ ହାତରେ ତାଳି ବାଜେନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ୨୩ ବର୍ଷୀୟ ଅଭିଯୁକ୍ତକୁ ଜାମିନ ଦେଇଛନ୍ତି । ଦୀର୍ଘ ୯ ମାସ ହେଲା ଜେଲ୍‌ରେ ଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରାଯାଇ ନାହିଁ ବୋଲି କହିଛନ୍ତି । ଏହା ସହିତ ସୁପ୍ରିମକୋର୍ଟ ପୀଡ଼ିତା ମହିଳାଙ୍କୁ କଠୋର ଭାଷାରେ ସମାଲୋଚନା କରିଛନ୍ତି । ଗୋଟେ ହାତରେ ତାଳି ମଧ୍ୟ ବାଜେ ନାହିଁ । ଏହି ମହିଳା କୌଣସି ଶିଶୁ ନୁହଁନ୍ତି । ତାଙ୍କୁ ୪୦ ବର୍ଷ ହେଲାଣି ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି । ଏହି ମାମଲାରେ ଦିଲ୍ଲୀ ପୁଲିସର ଆଭିମୁଖ୍ୟ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଅଭିଯୁକ୍ତ (ସୋସିଆଲ ମିଡିଆ ଇନଫ୍ଲୁଏନ୍ସର)ଙ୍କ ସହ ମହିଳା ନିଜ ଇଚ୍ଛାରେ ୭ ଥର ଜମ୍ମୁ ଯାଇଥିଲେ । ଏହାକୁ ନେଇ ତାଙ୍କ ସ୍ୱାମୀ ମଧ୍ୟ ଚିନ୍ତିତ ନ ଥିଲେ । ଏହା ସତ୍ତ୍ୱେ ପୁଲିସ କାହିଁକି ଧାରା ୩୭୬ ଲଗାଇଲ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ଖଣ୍ଡପୀଠ ଯୁବକକୁ ମଧ୍ୟ ଭର୍ତ୍ସନା କରିଛନ୍ତି । ଏଭଳି ଲୋକଙ୍କ ଦ୍ୱାରା କିଏ ପ୍ରଭାବିତ ହେଉଛି ବୋଲି ପଚାରିଛନ୍ତି ।

## ଗୁଳି ମାରି ମୋତେ ପୋତି ଦିଅ: ଶେଖ୍ ହାସିନା

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ମୋତେ ଗୁଳି କରିଦିଅ । ଗଣଭବନରେ ମୋତେ ପୋତି ଦିଅ । ମୁଁ କେଉଁଆଡେ ଯିବାକୁ ଚାହୁଁନାହିଁ । ଉଗ୍ର ହିଂସାକୁ ଦେଖି ବାଂଲାଦେଶ ଛାଡ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କର ଏହା ଥିଲା ଶେଷ ଉକ୍ତି । ବାଂଲାଦେଶ ଖବରକାଗଜ 'ପ୍ରୋଥୋମ ଆଲୋ'ରେ ଏହି ରିପୋର୍ଟ ପ୍ରକାଶ ପାଇଛି । ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓକିଲ ମହମ୍ମଦ ତାଜୁଲ ଇସଲାମ ଏହି ସୂଚନା ଦେଇଥିଲେ । ହିଂସା ସମୟରେ ଢାକାର ଚଙ୍ଖରପୁଲରେ ହୋଇଥିବା ମାନବାଧିକାର ଉଲ୍ଲଙ୍ଘନ ମାମଲା ବିଷୟରେ ମଧ୍ୟ ସେ କୋର୍ଟଙ୍କୁ ସୂଚନା ଦେଇଥିଲେ ।

# ଘୋଷଣା ପରେ ମକ୍‌ଡ୍ରିଲ୍ ସ୍ଥଗିତ ରଖିଲେ ସରକାର

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ବିରୋଧରେ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର' ଏବେ ଶେଷ ହୋଇନାହିଁ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହା ପୂର୍ବରୁ ଘୋଷଣା କରିଥିଲେ । ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ ପୂର୍ବରୁ ଭାରତ ଯେଉଁ ଭଳି ଭାବେ ମକଡ୍ରିଲ କରିଥିଲା ଏବେ ପୁଣି ସେହି ଭଳି ଜମ୍ମୁ-କଶ୍ମୀର, ଗୁଜରାଟ, ପଞ୍ଜାବ ଏବଂ ରାଜସ୍ଥାନର ପାକିସ୍ତାନ ସୀମାରେ ଭାରତ ଗୁରୁବାର ମକ୍‌ଡ୍ରିଲ୍ ଅପରେସନ ସିଲ୍ଡ କରିବାକୁ ଭାରତ ସରକାର ଘୋଷଣା କରିଥିଲେ । ମାତ୍ର ଶେଷ ସମୟରେ ଏହାକୁ ବାତିଲ କରିଦିଆଯାଇଛି । ଏଥିପାଇଁ ପୂର୍ବରୁ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରାଯାଥିଲା । ଶତ୍ରୁର ଆକ୍ରମଣ ସମୟରେ କେମିତି ଜୀବନ ବଞ୍ଚାଇବାକୁ ହୁଏ ଏଥିରେ ତାର ଶିକ୍ଷା ଦିଆଯାଇଥାନ୍ତା । କିନ୍ତୁ ଏବେ ପ୍ରାଶାସନିକ କାରଣ ଦର୍ଶାଇ ଏହାକୁ ସ୍ଥଗିତ କରିଦିଆଯାଇଛି । ଗୁଜରାଟ, ରାଜସ୍ଥାନ ଏବଂ ଚଣ୍ଡିଗଡରେ ଏହାକୁ ବାତିଲ କରିଦିଆଯାଇଥିବାବେଳେ ହରିୟାଣାରେ ଜାରି ରଖିବା ପାଇଁ ରାଜ୍ୟ ସରକାର ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି ।

ଏହା ପୂର୍ବରୁ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ଗତ ୭ ତାରିଖରେରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହାପରେ ପାକିସ୍ତାନ ସହ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣର ସାମ୍ନା କରି ନ ପାରି ପାକିସ୍ତାନ ଯୁଦ୍ଧବିରତି ପାଇଁ ଭାରତକୁ ଅନୁରୋଧ କରିଥିଲେ । ଏବେ ଯୁଦ୍ଧବିରତି ଜାରି ରହିଥିବା ସତ୍ତ୍ୱେ କୁଟୀଳ ପାକିସ୍ତାନ ଉପରେ କୌଣସି ପ୍ରକାରର ଭରସା ନାହିଁ । ତେଣୁ ଭାରତ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି ।

ଭାରତ ସହ ସଂଘର୍ଷବେଳେ ଏହି ସୀମାନ୍ତ ରାଜ୍ୟଗୁଡ଼ିକରେ ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା । କିନ୍ତୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ଧ୍ୱଂସ କରି ଦେଇଥିଲା ।

# ସୋସିଆଲ ମିଡିଆରେ ଆମେରିକୀୟଙ୍କୁ ଆକ୍ଷେପ କଲେ ମିଳିବନି ଭିସା

ୱାଶିଂଟନ, ୨୮।୫ (ଏଜେନ୍ସି): ଆମେରିକା ନିଜର ଭିସା ନୀତିକୁ ପୂର୍ବାପେକ୍ଷା ଆହୁରି କଡ଼ାକଡ଼ି କରିଛି । ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଆମେରିକାକୁ ତାଚ୍ଛଲ୍ୟ, ଆକ୍ଷେପ, ସମାଲୋଚନା କରୁଥିବା ଓ ଧମକ ଦେଉଥିବା ବ୍ୟକ୍ତିଙ୍କୁ ଆଉ ଆମେରିକା ଭିସା ମିଳିବ ନାହିଁ । ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ବୁଧବାର ଏହି ଘୋଷଣା କରିଛନ୍ତି । ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଆମେରିକା ଏଭଳି ନିୟମ ଆଣିଛି ।

ରୁବିଓ କହିଛନ୍ତି ଯେ ଯଦି କୌଣସି ବିଦେଶୀ ଅଧିକାରୀ ନିଜ ଦେଶରେ ଆମେରିକୀୟଙ୍କୁ ଗିରଫ କିମ୍ବା ଅନ୍ୟ କୌଣସି ଧମକ ଦେଇ ପୋଷ୍ଟ ସେନ୍‌ସର କରେ ତେବେ ଏହାକୁ କଦାପି ସ୍ୱୀକାର କରାଯିବ ନାହିଁ । ଆମେରିକା ଟେକ୍ ପ୍ଲାଟଫର୍ମରେ ବିଷୟବସ୍ତୁକୁ ହଟାଇବା କିମ୍ବା ନିୟନ୍ତ୍ରଣ କରିବାକୁ ଦାବି କରୁଥିବା ବିଦେଶୀ ଅଧିକାରୀଙ୍କ ଭିସା ଉପରେ କଟକଣା ଲଗାଇ ଦିଆଯିବ । କିଛି ବିଦେଶୀ ନାଗରିକ ଆମେରିକାରେ ରହି ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଆମେରିକୀୟଙ୍କୁ ଗିରଫ ଧମକ ଦେଉଛନ୍ତି । ତେବେ ଏହି ନିୟମରେ କେଉଁ ଦେଶ କିମ୍ବା ଅଧିକାରୀ ପ୍ରଭାବିତ ହେବେ ତାହାର କୌଣସି ସୂଚନା ରୁବିଓ ଦେଇ ନ ଥିଲେ । କିନ୍ତୁ ସେ କହିଛନ୍ତି ଯେ କିଛି ବିଦେଶୀ ନାଗରିକ ପଦରେ ରହି ଆମେରିକା ଟେକ୍ କମ୍ପାନୀ ଏବଂ ଆମେରିକୀୟଙ୍କ ବିରୋଧରେ ସେନ୍‌ସରସିପ୍ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । କିନ୍ତୁ ଏପରି କରିବାରେ ତାଙ୍କର କୌଣସି ଅଧିକାର ନ ଥିଲା ।

# 'ଅପରେସନ ସିନ୍ଦୂର' ଲାଗି ୫ ବର୍ଷ ପଛକୁ ପଳାଇଛି ପାକିସ୍ତାନ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦ ବିରୋଧରେ ଭାରତ ଚଳାଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନର ବିପୁଳ କ୍ଷୟକ୍ଷତି ହୋଇଛି । ଏଥିରେ ପାକିସ୍ତାନ ବାୟୁସେନା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଭାରତ ଆକ୍ରମଣରେ ପାକ୍ ବାୟୁସେନା ଅସହାୟ ହୋଇ ପଡିଥିଲା । ଆକ୍ରମଣରୁ କିପରି ରକ୍ଷା କରିବ ତାହା ବୁଝିପାରି ନ ଥିଲା । ଏଥିରେ ହୋଇଥିବା କ୍ଷତି ଯୋଗୁଁ ପାକିସ୍ତାନ ସେନା ୫ ବର୍ଷ ପଛକୁ ପଳାଇଛି ବୋଲି ଅପରେସନ ସିନ୍ଦୂର ସହ ଜଡ଼ିତ ଅଧିକାରୀ କହିଛନ୍ତି । ଅପରେସନ ସିନ୍ଦୂରରେ ଭାରତୀୟ ବାୟୁସେନା କ୍ରୁଜ୍ ମିସାଇଲ୍, ଦୀର୍ଘ ଦୂରଗାମୀ ଅସ୍ତ୍ରଶସ୍ତ୍ର ଏବଂ ବିଭିନ୍ନ ପ୍ରକାରର ଘୂର୍ଣ୍ଣୟମାନ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଲଗାତାର ଚାରି ଦିନ ପର୍ଯ୍ୟନ୍ତ ପାକିସ୍ତାନରେ ଅତି ସଠିକ୍ ଭାବରେ ଆକ୍ରମଣ କରିଥିଲା । ଏହି ଆକ୍ରମଣ ଦ୍ୱାରା ପାକିସ୍ତାନକୁ ହୋଇଥିବା କ୍ଷତି ଏତେ ଅଧିକ ଯେ ଏହାକୁ ପୂରଣ କରିବାକୁ ଅତି କମରେ ୫ ବର୍ଷ ସମୟ ଲାଗିବ ।


# ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ: ଭାରତର ସଠିକ ଆକ୍ରମଣରେ ପାକିସ୍ତାନ ଘାଇଲା ହୋଇଯାଇଥିଲା । ଏହା ଦେଖି ପାକିସ୍ତାନ ଏତେ ମାତ୍ରାରେ ଭୟଭୀତ ହୋଇ ଯାଇଥିଲା ଯେ ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା । ଏହି ଦେଶର ମିଲିଟାରୀ ଅପରେସନ ମହାନିର୍ଦ୍ଦେଶକ (ଡିଜିଏମଓ) ଏଥିପାଇଁ ବାର୍ତ୍ତା ମଧ୍ୟ ପ୍ରେରଣ କରିଥିଲେ । ଏହା ସତ୍ତ୍ୱେ ପାକିସ୍ତାନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଥିଲା । ଗୋଟିଏ ପଟେ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିବାବେଳେ ଅନ୍ୟପଟେ ସାମରିକ ଠିକଣାରେ ଆକ୍ରମଣ କରିଥିଲା । ଏହାର ତିନି ଦିନ ପରେ ମେ ୧୦ରେ ଅପରାହ୍ନ ୩:୩୫ ସମୟରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥିଲା । ଏଥିରେ ଅସ୍ତ୍ରବିରତି ଉପରେ ଆଲୋଚନା ହୋଇଥିଲା । ଆମେରିକାର ମଧ୍ୟସ୍ଥତା ପରିବର୍ତ୍ତେ ପ୍ରତିଷ୍ଠିତ ସାମରିକ ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଏହି ଯୁଦ୍ଧବିରତି ହୋଇଥିଲା । ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ ଏହାର ଲକ୍ଷ୍ୟ ଥିଲା ।

ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ ଯେ ପାକିସ୍ତାନୀ ଘାଟି ଉପରେ ଭାରତୀୟ ବାୟୁସେନା ସଠିକ୍ ଆକ୍ରମଣ କରିଥିଲା । ଏଥିଯୋଗୁଁ ପାକିସ୍ତାନର ଡିଜିଏମଓ ଆଲୋଚନା କରିବାକୁ ଅନୁରୋଧ କରି ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲେ । ଅନ୍ୟପକ୍ଷରେ ଅପରେସନ ସିନ୍ଦୂର ଜନିତ ମୃତ୍ୟୁ ସଂଖ୍ୟା ପାକିସ୍ତାନରେ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ୧୬୦ ରୁ ଅଧିକ ଆତଙ୍କବାଦୀ, ସେମାନଙ୍କ ସହାୟକ ଏବଂ ପାକିସ୍ତାନୀ ସାମରିକ କର୍ମଚାରୀ ପ୍ରାଣ ହରାଇଛନ୍ତି । ଏମାନଙ୍କ ମଧ୍ୟରେ ବହାବଲପୁର ସ୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ୨୦ରୁ ଅଧିକ ସଦସ୍ୟ ସାମିଲ ଅଛନ୍ତି ।

**ଉପଗ୍ରହର ଚିତ୍ରରୁ ଖୁଲାସା**

# ପାକିସ୍ତାନ ମୁରିଦ ଏୟାରବେସ୍‌ର ଭୂତଳ ଠିକଣାକୁ ନିଶାଣ କରିଥିଲା ଭାରତ




ଇସଲାମାବାଦ, ୨୮।୫ (ଏଜେନ୍ସି): ଅପରେସନ ସିନ୍ଦୂର ଅଧିନରେ ପାକିସ୍ତାନର ମୁରିଦ ଏୟାର ବେସ୍‌ର ଭୂତଳ କେନ୍ଦ୍ର ଉପରେ ଭାରତ ଆକ୍ରମଣ କରିଥିଲା । ନୂଆ ଜାରି ହୋଇଥିବା ଉପଗ୍ରହ ଚିତ୍ରରେ ଏହି ଦାବି କରାଯାଇଛି । ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଜାରି ଏହି ଫଟୋରେ ଭାରତର କ୍ଷେପଣାସ୍ତ୍ର ମାଡ଼ ଦ୍ୱାରା ୩ ମିଟର ଓସାରର ଖାତ ହୋଇ ଯାଇଥିବା ଦେଖାଯାଉଛି । କଡ଼ା ସୁରକ୍ଷା ବଳୟରେ ଥିବା ଏହି ଏୟାରବେସ୍‌ର ଏକ କୋଠାର ପ୍ରମୁଖ ପ୍ରବେଶ ପଥ ନିକଟରେ ଏହି ଖାତ ହୋଇଛି । ଏଥିରେ ଭୂତଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି । ଏହା କମାଣ୍ଡ ଓ କଣ୍ଟ୍ରୋଲ କିମ୍ବା ଡ୍ରୋନ ଅପରେସନ ପାଇଁ ବ୍ୟବହାର କରାଯାଉଥିଲା ବୋଲି ଆଶଙ୍କା ରହିଛି । ଭୂ-ଗୁଇନ୍ଦା ଗବେଷକ ଡାମିଏନ ସିମନଙ୍କ ଅନୁଯାୟୀ ଏୟାର ବେସ୍ ମଧ୍ୟରେ ଥିବା ଏକ ଅତ୍ୟନ୍ତ ସୁରକ୍ଷିତ କୋଠା (ସବ୍-କମ୍ପ୍ଲେକ୍ସ)କୁ ଭାରତ ନିଶାଣ କରିଥିଲା । ଏଠାରେ ଅନେକ ସୁରକ୍ଷା ସ୍ତର ରହିଛି । ଡବଲ୍ ଫେନ୍ସିଂ ଏବଂ ୱାଚଟାୱାର୍ ସହିତ ଅନେକ ସୁରକ୍ଷାକର୍ମୀ ଜଗି ରହୁଛନ୍ତି । ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ଥାନକୁ ଆକ୍ରମଣ କରି ଭାରତ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଦେଇଛି । ଏହା ଅସ୍ତ୍ରଶସ୍ତ୍ରର ସଠିକ୍ ଲକ୍ଷ୍ୟଭେଦ ଏବଂ ବିଧ୍ୱଂସକ କ୍ଷମତାକୁ ପ୍ରଦର୍ଶିତ କରିଛି । ପ୍ରଥମ ଥର ପାଇଁ ପାକିସ୍ତାନରେ ଥିବା ସାମରିକ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରିଥିଲା ।

# କମଲ ହାସନଙ୍କୁ ରାଜ୍ୟସଭା ପଠାଇବ ଡିଏମ୍‌କେ



ଚେନ୍ନଇ, ୨୮।୫ (ଏଜେନ୍ସି): କନ୍ନଡ ଭାଷା ଉପରେ ମନ୍ତବ୍ୟ ଦେଇ ବିବାଦରେ ଫସିଥିବା ଅଭିନେତା କମଲ ହାସନଙ୍କୁ ତାମିଲନାଡୁର କ୍ଷମତାସୀନ ଡିଏମ୍‌କେ ସରକାର ରାଜ୍ୟସଭାକୁ ପଠାଇବାକୁ ଯାଉଛନ୍ତି । ଜୁନ୍ ୧୯ରେ ରାଜ୍ୟସଭା ନିର୍ବାଚନ ହେବାକୁ ଥିବାବେଳେ ଡିଏମ୍‌କେ ନିଜ ଦଳର ତିନି ଜଣ ଏବଂ ଏମଏନଏମ ମୁଖ୍ୟ କମଲ ହାସନଙ୍କୁ ପ୍ରାର୍ଥୀ କରିଛି । ଏହାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ କହିଛନ୍ତି ଯେ ଆସନ ବଣ୍ଟନ ଫର୍ମୁଲା ପୂର୍ବରୁ ସ୍ଥିର ହୋଇସାରିଛି । ଡିଏମକେ ରାଜ୍ୟସଭା ପ୍ରାର୍ଥୀ ଭାବରେ ବର୍ତ୍ତମାନର ସାଂସଦ ପି ୱିଲସନ, ପୂର୍ବତନ ବିଧାୟକ ଏସଆର ଶିବଲିଙ୍ଗ ଏବଂ ଦଳର ମୁଖପାତ୍ର ରୁକୈୟା ମଲିକଙ୍କୁ ପ୍ରାର୍ଥୀ କରାଯାଇଛି । ଅନ୍ୟପକ୍ଷରେ ତାମିଲରୁ କନ୍ନଡ ସୃଷ୍ଟି ହୋଇଥିବା ମନ୍ତବ୍ୟ ଦେଇ କମଲ ହାସନ ବିବାଦରେ ପଡ଼ିଛନ୍ତି । ଏହାକୁ ନେଇ କର୍ଣ୍ଣାଟକରେ ତାଙ୍କୁ ତୀବ୍ର ବିରୋଧ କରାଯାଉଛି । ବିଭିନ୍ନ ସ୍ଥାନରେ ଏତଲା ମଧ୍ୟ ରୁଜୁ କରାଯାଇଛି । ବିଜେପି ଏବଂ କଂଗ୍ରେସ ନେତା ମଧ୍ୟ କମଲ ହାସନଙ୍କୁ ସମାଲୋଚନା କରିଛନ୍ତି । ବିବାଦ ବଢ଼ିବା ପରେ ନିଜ ମନ୍ତବ୍ୟକୁ ନେଇ ଅଭିନେତା ପଛଘୁଞ୍ଚା ଦେଇଛନ୍ତି । ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ ଭଲ ପାଇବା ଯୋଗୁଁ ଏପରି କହିଥିଲେ । ଅନେକ ଐତିହାସିକ ମୋତେ ଭାଷା ଇତିହାସ ଶିଖାଇଛନ୍ତି । ମୋର କିଛି କହିବାର ନ ଥିଲା । ତାମିଲନାଡୁ ଏପରି ଏକ ରାଜ୍ୟ ଯେଉଁଠାରେ ଜଣେ ମେନନ୍, ରେଡ୍ଡି, ତାମିଲ, କନ୍ନଡିଗା ଆୟେଙ୍ଗାର ଆମର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତେଣୁ ଭାଷା ଉପରେ ମନ୍ତବ୍ୟ ଦେବାକୁ ଅଭିନେତା ଯୋଗ୍ୟ ନୁହେଁ ।

## ମୋ ଲାଗି ଏ ଯାଏଁ ତିଷ୍ଠିଛି ରୁଷ୍: ଟ୍ରମ୍ପ

ୱାଶିଂଟନ, ୨୮।୫ (ଏଜେନ୍ସି): ଏ ପର୍ଯ୍ୟନ୍ତ ରୁଷ-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମକକ୍ଷ ଭ୍ଲାଦିମିର ପୁତିନଙ୍କୁ ଚେତାବନୀ ଦେଇଛନ୍ତି । ପୁତିନ ନିଆଁ ସହ ଖେଳୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ୟୁକ୍ରେନରେ ରୁଷ୍ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଛନ୍ତି । ଯଦି ସେ ନ ଥାଆନ୍ତେ ତେବେ ରୁଷ୍ ସହ ବହୁତ ଖରାପ ହୋଇଥାନ୍ତା । କେବଳ ମୋ ଲାଗି ରୁଷ୍ ଏ ପର୍ଯ୍ୟନ୍ତ ତିଷ୍ଠିଛି ବୋଲି ଟ୍ରମ୍ପ କହିଛନ୍ତି । ତେବେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ପୁତିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରି ମେଦଭେଦବ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଆମେ କେବଳ ଗୋଟିଏ ଖରାପ ଜିନିଷ ବିଷୟରେ ଜାଣିଛୁ, ତାହା ହେଉଛି ତୃତୀୟ ବିଶ୍ୱଯୁଦ୍ଧ । ଆଶା କରୁଛୁ ଟ୍ରମ୍ପ ଏହା ବୁଝିପାରିବେ । ଏହା ପୂର୍ବରୁ ପୁତିନ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଥିଲେ ।

**ହରିୟାଣା ପରେ କେରଳ**

# ଋଣଭାରରେ ବାପାମାଆ ଓ ୨ ପୁଅଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୮।୫ (ଏଜେନ୍ସି): ହରିୟାଣା ପରେ ଏବେ କେରଳ । ପୁଣି ସେହି ସମାନ ଘଟଣାର ପୁନରାବୃତ୍ତି । କାଳ ସାଜିଲା ଋଣ । ଉଜୁଡ଼ି ଗଲା ସୁନାର ସଂସାର । ଆଉ ନେଇଗଲା ଗୋଟିଏ ପରିବାରର ଚାରି ଜଣଙ୍କ ଜୀବନ । ଋଣଭାରର ଅସହ୍ୟ ଯନ୍ତ୍ରଣା ସହି ନ ପାରି ଦଉଡି ଦେଇ ଆତ୍ମହତ୍ୟା କଲେ ବାପା,ମାଆ ଏବଂ ୨ ଭେଣ୍ଡା ପୁଅ । କେରଳ ଭକ୍କମର ଭେଭିଲାକୋମରେ ଘଟିଛି ଏହି ହୃଦୟ ବିଦାରକ ଘଟଣା । ମୃତକଙ୍କ ମଧ୍ୟରେ ଅନୀଲ କୁମାର (୫୫), ତାଙ୍କ ସ୍ତ୍ରୀ ପତ୍ନୀ ଶିଜା (୫୦), ପୁଅ ଅଶ୍ୱିନ (୨୦) ଏବଂ ଆକାଶ (୨୫) । ପୁଲିସ ସୂଚନା ଅନୁଯାୟୀ ଅନୀଲ କୁମାର ଆର୍ଥିକ ସ୍ଥିତି ଠିକ୍ ନ ଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ । ମାମଲାର ତଦନ୍ତ ଜାରି ରହିଛି । ଏହି



ପରିବାରର କୌଣସି ସଦସ୍ୟ ଘରୁ ନ ବାହାରିବାରୁ ପଡୋଶୀଙ୍କ ସନ୍ଦେହ ବଢ଼ିଥିଲା । ସେମାନେ ମଙ୍ଗଳବାର ସକାଳେ ଯାଇ ଘର ଦେଖିବାରୁ ଏହି ଘଟଣା ସାମ୍ନାକୁ ଆସିଥିଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ପଡୋଶୀଙ୍କ ସୂଚନା ଅନୁଯାୟୀ ମୃତ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପରିବାର ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । କାରଣ ଘର ଭିତର ପଟୁ ବନ୍ଦ ହୋଇଥିଲା । ଡ୍ରଇଁ ରୁମ୍‌ର ସିଲିଂରେ ସମସ୍ତେ ଆତ୍ମହତ୍ୟା କରିଥିଲେ । ଏହା ଦେଖି ସେମାନେ କଡାକବୋର ପୁଲିସକୁ ସୂଚନା ଦେଇଥିଲେ । ସୂଚନା ଅନୁଯାୟୀ ଅନିଲ କୁମାର ଚାଷୀ ସମବାୟ ବ୍ୟାଙ୍କର ବରିଷ୍ଠ କିରାଣୀ ଭାବେ କାମ କରୁଥିଲେ । ତାଙ୍କ ପତ୍ନୀ ସିଜା ବିଧାନସଭାରେ ଠିକା କର୍ମଚାରୀ ଥିଲେ ।

# ମନ୍ତ୍ରୀ ବିଜୟ ଶାହାଙ୍କ ଗିରଫ ଉପରେ ସୁପ୍ରିମକୋର୍ଟ କଟକଣା



ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ଶାହାଙ୍କୁ ନେଇ ମଧ୍ୟପ୍ରଦେଶ ହାଇକୋର୍ଟ ଜାରି କରିଥିବା ନୋଟିସ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଟକଣା ଲଗାଇ ଦେଇଛନ୍ତି । ମନ୍ତ୍ରୀଙ୍କୁ ଗିରଫଦାରୀରୁ ସୁରକ୍ଷା ଦେଇଛନ୍ତି । ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । ତେଣୁ ମାମଲାର ଶୁଣାଣିକୁ ବନ୍ଦ କରିବା ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି । ଏ ସମ୍ବନ୍ଧିତ ସବୁ ମାମଲାର ଶୁଣାଣି ଏଥର ସର୍ବୋଚ୍ଚ ନ୍ୟାୟାଳୟରେ ହେବ । ଏହା ମଧ୍ୟରେ ଏସ୍ଆଇଟି ସୁପ୍ରିମକୋର୍ଟରେ ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଦାଖଲ କରିଛି । ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ଯେଉଁଠି ଏହି ଟିପ୍ପଣୀ ଦେଇଥିଲେ ସେଠାକୁ ଏସଆଇଟି ଯାଇଥିଲା । ମୋବାଇଲ ତଥ୍ୟ ସଂଗ୍ରହ କରି ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଏବେ ଯାଞ୍ଚ ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚିଛି । ଏବେ ଯାଞ୍ଚକୁ ନେଇ ଏସ୍ଆଇଟି ଆଉ କିଛି ସମୟ ମାଗିଛି । ତେଣୁ ଜୁଲାଇ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ । ପୂର୍ବ ଶୁଣାଣିରେ ମନ୍ତ୍ରୀ ଶାହାଙ୍କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରୁଛି । ତାଙ୍କ ବୟାନକୁ ନେଇ ସାରା ଦେଶ ଲଜ୍ଜା ଅନୁଭବ କରୁଛି ବୋଲି କହିଥିଲେ । ଏହା ବିରୋଧରେ ମଧ୍ୟପ୍ରଦେଶ ହାଇକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ଅଭିଯୋଗ ହୋଇଛି । ହାଇକୋର୍ଟରେ ହୋଇଥିବା ମାମଲାକୁ ଚ୍ୟାଲେଞ୍ଜ କରି ମନ୍ତ୍ରୀ ବିଜୟ ଶାହ ସୁପ୍ରିମକୋର୍ଟ ପହଞ୍ଚି ଥିଲେ । ଏହି ମାମଲାର ଯାଞ୍ଚ ଲାଗି ଶୀର୍ଷ ଅଦାଲତ ୩ ଜଣ ଆଇପିଏସଙ୍କୁ ନେଇ ଏକ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

■ ରଥଖଳାରୁ...

## ତାଳଧ୍ୱଜ ରଥ ପୋଲ ଗୟଳ ଚିରଟ ଆରମ୍ଭ



ପୁରୀ,୨୮।୫(ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ମଙ୍ଗଳବାର ତିନିରଥର ସମସ୍ତ ୪୨ଟି ଚକ (ତାଳଧ୍ୱଜ ୧୪, ଦେବଦଳନ ୧୨ ଓ ନନ୍ଦିଘୋଷ ୧୬) ନିର୍ମାଣ ଶେଷ ହୋଇଥିଲା। ଏହାପରେ ତିନି ରଥ ଚାଳିକୁ ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ, ଚାରି ନାହାକା ପାଇଁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଏବଂ ପୋଲ ଗୟଳ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଥିଲା। ବୁଧବାର ଏହି ସବୁର କାମ ଜାରି ରହିଛି। ଅନ୍ୟାନ୍ୟ କାମ ମଧ୍ୟରେ ପ୍ରତ୍ୟେକ ରଥର ପାଞ୍ଚଦଣ୍ଡା ଚଉପଟ କାମ ଚାଲିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ତାଳଧ୍ୱଜ ରଥର ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। କରତୀ ସେବକମାନେ ବାହାର ରଥ ଖଳାରେ ଏହାକୁ ଚିରଟ କରୁଛନ୍ତି। ଏହାର ଚିରଟ ଶେଷ ହେବା ପରେ ନନ୍ଦିଘୋଷ ରଥର ଗୟଳ ଚିରଟ କରାଯିବ। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଅଙ୍କନ ସହ ପଲିସ କାର୍ଯ୍ୟ ଶେଷ କରିଛନ୍ତି। ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ପ୍ରାୟ ସରିଯାଇଛି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା, ରଥଯାତ୍ରାରେ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ କରୁଛନ୍ତି।

**ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା**

# ପୁଞ୍ଜିଲାଲ୍‌ଙ୍କୁ ଆଜୀବନ ଜେଲ୍‌ଦଣ୍ଡ

ପାଟଣାଗଡ଼, ୨୮।୫(ସମିସ): ଦୀର୍ଘ ସାତ ବର୍ଷ ଅପେକ୍ଷାର ଅନ୍ତ ଘଟିଛି। ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବି।।ସ୍ଫୋରଣ ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୋନାଲି ପଟ୍ଟନାୟକ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବ। ଏହାସହିତ ୫୦ ହଜାର ଟଙ୍କା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଇପିସିର ଧାରା ୩୦୨, ୩୦୭, ୨୦୧ ଓ ଉପଧାରା ୩ ଓ ୪ ଅନୁଯାୟୀ କୋର୍ଟ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ତଦନ୍ତ ପରେ ୨ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଥିଲା ଏବଂ ୬୦ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ୧୦୦ଟି ଦସ୍ତାବିଜ ଓ ପୁଞ୍ଜିଲାଲଠାରୁ ଜବତ କରାଯାଇଥିବା ଲାପଟପ୍, ପେନ୍‌ଡ୍ରାଇଭ୍, ଡାଏରୀ, ମେମୋରୀ କାର୍ଡ ସହ ଅନ୍ୟାନ୍ୟ ଉପକରଣ କୋର୍ଟରେ ଦାଖଲ କରାଯାଇଥିଲା।

ଆଜି ସକାଳ ପ୍ରାୟ ୮ ସମୟରେ ପୁଞ୍ଜିଲାଲ ମେହେରକୁ କଡ଼ା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। ରାୟ ସମୟରେ ପୁଞ୍ଜିଲାଲ ଆଖିରୁ ଲୁହ ବାହାରିଥିଲା। କୋର୍ଟ ପରିସରରୁ ବାହାରିବା ସମୟରେ ପୁଞ୍ଜିଲାଲ ଗଣମାଧ୍ୟମକୁ କହିଥିଲା, ମୋତେ ଫସାଇ ଦିଆଯାଇଛି। ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଗଣମାଧ୍ୟମ ଉପରେ ଦୋଷ ଦେଇ ନାଲି ଆଖି ଦେଖାଇଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇବା ଜାଣି କୋର୍ଟ ପରିସର



ଦଣ୍ଡାଦେଶ ପରେ ପୁଞ୍ଜିଲାଲ୍‌ଙ୍କୁ ବଲାଙ୍ଗିର ଜେଲ୍‌କୁ ନିଆଯାଉଛି

ଲୋକାରଣ୍ୟ ହୋଇପଡ଼ିଥିଲା।। ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ମୃତ ସୌମ୍ୟଶେଖରଙ୍କ ଘରେ ମଧ୍ୟ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା।

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୧୮ ତାରିଖରେ ପାଟଣାଗଡ଼ରେ ୨୬ ବର୍ଷୀୟ ଇଞ୍ଜିନିୟର ସୌମ୍ୟଶେଖର ସାହୁ ଓ ରିମାଙ୍କର ବିବାହ ହୋଇଥିଲା। ୨୩ ତାରିଖରେ ରିସେପସନ୍ ହୋଇଥିଲା। ରିସେପସନରେ ମିଳିଥିବା ଉପହାରକୁ ଖୋଲୁଥିବା ବେଳେ ଗୋଟିଏ ପାର୍ସଲରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ।।ଶେଖରଙ୍କର ମୃତ୍ୟୁ ଘଟିଥିବା ବେଳେ ରିମା ଗୁରୁତର ଆହତ ହୋଇଥିଲେ। ସେତେବେଳେ ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା। ଏହି ବିସ୍ଫୋରଣ ପଛରେ ଭଇଁଷା କଲେଜର ଅଧ୍ୟାପକ ପୁଞ୍ଜିଲାଲର ହାତ ରହିଥିଲା। କଲେଜ ଅଧ୍ୟକ୍ଷା ତଥା ସୌମ୍ୟଶେଖରଙ୍କ ମା’ ସଂଯୁକ୍ତା ସାହୁଙ୍କ ସହିତ ବ୍ୟକ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ପୁଞ୍ଜିଲାଲ ଏଭଳି ବିସ୍ଫୋରଣ କରାଇଥିଲା। ସେ ବୋମା ନିଜେ ତିଆରି କରି ଏକ ଉପହାର ପ୍ୟାକେଟ କରିଥିଲା। ପରେ ଏହାକୁ ପାର୍ସଲ କରି ସଂଯୁକ୍ତାଙ୍କ ଘରକୁ ପଠାଇଥିଲା। ପାର୍ସଲ ଖୋଲିବା ମାତ୍ରେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏଥିରେ ସୌମ୍ୟ ଏବଂ ତାଙ୍କ ଆଇମା’ଙ୍କ ଜୀବନ ଚାଲିଯାଇଥିଲା। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲକୁ ଗିରଫ କରିଥିଲା। ଏହା ଦେଶରେ ପ୍ରଥମ ପାର୍ସଲ ବୋମା ବିସ୍ଫୋରଣ ଥିଲା ବୋଲି କୁହାଯାଉଛି। ବିସ୍ଫୋରଣ କରି ସମଗ୍ର ପରିବାରକୁ ମୂଳପୋଛ କରିବାକୁ ଷଡ଼ଯନ୍ତ୍ର କରିଥିଲା ପୁଞ୍ଜିଲାଲ। ବୋମା କିପରି ତିଆରି ହୁଏ ତାହା ସେ ଅନଲାଇନରେ ଶିଖିଥିଲା।

ଆଜିର ରାୟରେ ପ୍ରତିକ୍ରିୟା ପ୍ରକାଶ କରି ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କହିଲେ, ଆମକୁ ନ୍ୟାୟ ମିଳିଛି। ତଥାପି ମୋ ପୁଅକୁ ଆଉ କେହି ଫେରାଇ ଆଣି ପାରିବେନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ତଥାପି ଏଭଳି ଅପରାଧ ପାଇଁ ଯେତେ ଦଣ୍ଡ ଦେଲେ ମଧ୍ୟ କମ ହେବ। ମୁଁ ବାପା ହିସାବରେ ତାକୁ ଫାଶୀ ମିଳୁ ବୋଲି ଚାହୁଁଥିଲି। କିନ୍ତୁ ଆଇନକୁ ସମ୍ମାନ ଜଣାଇ ଅଦାଲତ ଯେଉଁ ରାୟ ଶୁଣାଇଛନ୍ତି ମୁଁ ସନ୍ତୁଷ୍ଟ। ପୁଞ୍ଜିଲାଲ ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ଥାଇ ନିଜ କର୍ମଫଳ ଭୋଗିବ ବୋଲି କହିଛନ୍ତି।

**ସାଇବର୍ ଠକଙ୍କ କରାମତି**

# କ୍ରିକେଟ୍ ବେଟିଂ ଆଳରେ କୋଟିଏ ଟଙ୍କାର ଚୂନ

କଟକ,୨୮।୫ (ସମିସ): ଅନଲାଇନ୍ କ୍ରିକେଟ୍ ବେଟିଂ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କୁ କୋଟିଏ ଟଙ୍କା ଚୂନ ଲଗାଇଥିବା ଦୁଇ ସାଇବର୍ ଠକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ପଶ୍ଚିମବଙ୍ଗ ବାସିନ୍ଦା ଏସ୍.କେ. ୱାସିଉଲ୍ ଇସଲାମ୍ ଓରଫ ରୋହନ୍ (୨୯) ଏବଂ ଭୁବନେଶ୍ୱର ଖାରବେଳନଗର ପ୍ରେସ୍ କଲୋନୀ ଅଞ୍ଚଳର ଜ୍ୟୋତିପ୍ରକାଶ ପଲାଇ (୩୬)। ସେମାନଙ୍କଠାରୁ ପାସବୁକ୍, ଚେକ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ୍, ଆଧାର ଏବଂ ପାନ୍ କାର୍ଡ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି କ୍ରାଇମବ୍ରାଞ୍ଚ। ଏହାସହ ଅଭିଯୁକ୍ତଦ୍ୱୟଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି। ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରି ଏହି ଠକେଇର ପର୍ଦ୍ଦାଫାସ୍ କରିଛି। ଅଭିଯୁକ୍ତମାନେ ନକଲି ୱେବସାଇଟ୍ ଓ ଗେମିଂ ଆପ୍ ମାଧ୍ୟମରେ ଲୋକଙ୍କୁ ଚୂନ ମାରୁଥିଲେ ବୋଲି ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି। ତେବେ ଏହି ଅଭିଯୁକ୍ତଦ୍ୱୟ ଆଉ କେଉଁ କେଉଁ ଠକେଇରେ ସଂପୃକ୍ତ ଅଛନ୍ତି, ସେନେଇ କ୍ରାଇମ୍‌ବ୍ରାଞ୍ଚ ଖୋଳତାଡ଼ କରୁଛି। ଆବଶ୍ୟକ ପଡ଼ିଲେ ଦୁହିଁଙ୍କୁ ରିମାଣ୍ଡରେ ଅଣାଯାଇପାରେ ବୋଲି କୁହାଯାଉଛି।

ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଅନ୍‌ଲାଇନ୍ ଗେମିଂ ଆପ୍‌ରେ କ୍ରିକେଟ୍ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପର୍ଯ୍ୟାୟକ୍ରମେ ଉପରୋକ୍ତ ଟଙ୍କା ଜମା କରି ଆଉ ଫେରିପାଇ ନଥିଲେ। ତେବେ ଠକେଇର ଶିକାର ହେବାର ଦୀର୍ଘ ଅଢ଼େଇ ବର୍ଷ ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ।

ପ୍ରାରମ୍ଭରେ ସାଇବର୍ ଅପରାଧୀମାନେ ତାଙ୍କୁ ଅନଲାଇନ କ୍ରିକେଟ୍ ବେଟିଂର ଦୁଇଟି ୱେବସାଇଟ୍ ଲିଙ୍କ୍ www.dream666.com ଓ www.dream444.com ପଠାଇଥିଲେ। ଉପରୋକ୍ତ ଆଇଡି ବ୍ୟବହାର କରି କ୍ରିକେଟ୍ ବେଟିଂ ମାଧ୍ୟମରେ ବିପୁଳ



**୨ ଗିରଫ; ପାସବୁକ୍, ଚେକ୍, ମୋବାଇଲ୍ ଜବତ**

ଟଙ୍କା ରୋଜଗାର କରିବାକୁ ଉପରୋକ୍ତ ଦୁଇ ସାଇବର ଅପରାଧୀ ଲୋଭ ଦେଖାଇଥିଲେ। ସେହି ଅନୁଯାୟୀ ବ୍ୟକ୍ତିଜଣଙ୍କ ପ୍ରଥମେ ଅଳ୍ପ କିଛି ଟଙ୍କା ବିନିଯୋଗ କରିଥିଲେ। ଅନ୍ୟପକ୍ଷରେ, ଅପରାଧୀମାନେ ମଧ୍ୟ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରିଥିଲେ। ଫଳରେ ଟଙ୍କା ଫେରସ୍ତ ପାଇବାକୁ ତାଙ୍କର ବିଶ୍ୱାସ ସୃଷ୍ଟି ହୋଇଥିଲା। ଅଭିଯୋଗକାରୀଜଣଙ୍କ ତାଙ୍କ ପତ୍ନୀ, ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧.୦୮ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଅନ୍ୟପକ୍ଷରେ ସାଇବର୍ ଅପରାଧୀମାନେ ତାଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଅଗଷ୍ଟ ୨୦୨୨ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ୱେବସାଇଟ୍ ମାଧ୍ୟମରେ ସେ ଉପରୋକ୍ତ ପରିମାଣର ଟଙ୍କା ଜମା କରିଥିଲେ। ତେବେ ଦିନ ଗଡ଼ିବା ସତ୍ତ୍ୱେ ଟଙ୍କା ଫେରସ୍ତ ନ ପାଇବାରୁ ବ୍ୟକ୍ତିଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

**ଅହସ୍ୟ ହେଲା ସ୍ୱାମୀଙ୍କ ନିର୍ଯାତନା**

# ଟାଙ୍ଗିଆରେ ହାଣି, ଇଟାରେ ଛେଚି ସ୍ୱାମୀଙ୍କୁ ହତ୍ୟା

କୋଦଳା,୨୮।୫(ସମିସ): ନିର୍ଯାତନା ଅହସ୍ୟ ହେବାରୁ ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣିବା ପରେ ଇଟାରେ ଛେଚି ହତ୍ୟା କଲା ସ୍ତ୍ରୀ। ଗଂଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଗୋପାଳପୁର ସାହିରେ ବୁଧବାର ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ନାରାୟଣ ଭୂୟାଁ (୪୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ତ୍ରୀ ରୀନା ଭୂୟାଁଙ୍କୁ ଗିରଫ କରିଛି।

ନାରାୟଣଙ୍କ ନିଜ ଘର ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମରେ। ସେ ଗୋପାଳପୁର ଗ୍ରାମର ରୀନା ଭୂୟାଁଙ୍କୁ ବିବାହ କରିବା ପରେ ଗୋପାଳପୁରରେ ରହୁଥିଲେ। ତାଙ୍କର ଗୋଟିଏ ଝିଅ (୧୬) ଓ ଆଉ ଗୋଟିଏ ପୁଅ (୧୨)ର ଅଛନ୍ତି। ନାରାୟଣ ସୁରତରେ କାମ କରୁଥିବା ବେଳେ ରୀନାଙ୍କ ଚରିତ୍ର ଉପରେ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିଲା। ଏପରିକି, ଏହି କଥାକୁ କେନ୍ଦ୍ର କରି ନାରାୟଣ ପ୍ରାୟ ସମୟରେ ରୀନାଙ୍କୁ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଦୁହିଁଙ୍କ ମଧ୍ୟରେ ପୁଣିଥରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା। ନାରାୟଣ ଏକ ପଥର ଉପରେ ପଡ଼ିଯିବା ପରେ ରୀନା ଏକ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ରୀନା ତାଙ୍କୁ ଘରକୁ ଘୋଷାଡ଼ି ଆଣିଥିଲେ। କିନ୍ତୁ ନାରାୟଣ ଘରେ ଥିବା ଏକ କୁରାଢ଼ୀରେ ରୀନାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ରୀନା ତାଙ୍କଠାରୁ ସେହି କୁରାଢ଼ୀ ଛଡ଼ାଇ ଚୋଟ ପରେ ଚୋଟ ପକାଇ ନାରାୟଣଙ୍କୁ ହତ୍ୟା କରିଦେଇଥିଲେ। ରୀନା ଏତେ କ୍ଷୁବ୍ଧ ଥିଲେ ଯେ ମୃତ୍ୟୁ ପରେ ମଧ୍ୟ କାଳେ ବଞ୍ଚିଥିବ ଭାବି ପୁଣି ତାଙ୍କ ମୁଣ୍ଡକୁ ଇଟାରେ ଛେଚି ପକାଇଥିଲେ।

ଖବର ପାଇ ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ଓ ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଅନ୍ୟପଟେ ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛି ନା ନାହିଁ, ତାକୁ ନେଇ ମଧ୍ୟ ପୁଲିସ୍ ତନାଘନା କରୁଛି। ସେପଟେ ନାରାୟଣଙ୍କ ମା’ ନିଶା ଭୂୟାଁ ବେଗୁନିଆପଡ଼ା ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ୍ ରୀନାଙ୍କୁ ଗିରଫ କରିବା ସହ ଆଉ ଜଣଙ୍କୁ ମଧ୍ୟ ଅଟକ ରଖି ଜେରା କରୁଛି। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି।

## କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା

ଭୁବନେଶ୍ୱର,୨୮।୫(ସମିସ): କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା। ୨୦୦୫ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଭିନିଲ୍ କ୍ରିଷ୍ଣା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ବୁଧବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଜାରି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟରୁ ୪୧ଜଣ ଅଧିକାରୀଙ୍କ ନିଯୁକ୍ତି ନେଇ ସୂଚନା ଦିଆଯାଇଛି। ଓଡ଼ିଶା କ୍ୟାଡର୍ ଅଧିକାରୀ ଭିନିଲ୍ କ୍ରିଷ୍ଣା ବର୍ତ୍ତମାନ ଓଡ଼ିଶା ଲ୍ୟାଣ୍ଡ ରେକର୍ଡ ଓ ସେଟଲେମେଣ୍ଟ କମିସନର୍ ଭାବେ କାର୍ଯ୍ୟ କରୁଛନ୍ତି।

**ଏଏସ୍‌ଆଇର ଅବହେଳା**

# ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ

ପୁରୀ,୨୮।୫(ସମିସ): ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)ର ଅବହେଳା ଯୋଗୁଁ ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ। ମୁଖ୍ୟ ମନ୍ଦିର ବ୍ୟତୀତ ବଡ଼ଦେଉଳ ବେଢ଼ା ପରିସରରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ବହୁ ପାର୍ଶ୍ୱ ଦେବଦେବୀ ବି ରହିଛନ୍ତି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ମଧ୍ୟରୁ ଯଦି କୌଣସି ମୂର୍ତ୍ତି ଭାଙ୍ଗିପଡୁଛି କିମ୍ବା ଅନ୍ୟ କୌଣସି କାରଣ ପାଇଁ ନଷ୍ଟ ହୋଇଯାଇଛି ତାହାର ପୁନଃସ୍ଥାପନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ। ଯଦି ବି ପୁନଃସ୍ଥାପନ କରାଯାଉଛି, ପୂର୍ବପରି ସେହି ସୂକ୍ଷ୍ମ କାରୁକାର୍ଯ୍ୟ ରହୁନାହିଁ। ଏଏସ୍‌ଆଇ ଏଭଳି ଅବହେଳାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। କିନ୍ତୁ ଏ ଦିଗରେ ସଚେତନ ହେଉନି ଏଏସ୍‌ଆଇ। କୌଣସି ପାର୍ଶ୍ୱ ମୂର୍ତ୍ତି ଭାଙ୍ଗିଗଲେ ବି ବର୍ଷ ବର୍ଷ ଧରି ତା’ର ମରାମତି କରାଯାଉନାହିଁ।

ଶ୍ରୀମନ୍ଦିରର ପ୍ରତିଟି ଜାଗାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି ରହିଛି। ଗୁମ୍ଫଟ ହେଉ କି ମେଘନାଦ ପାଚେରି ଏ ସବୁର କଳା, ସ୍ଥାପତ୍ୟ ଦର୍ଶନାର୍ଥୀଙ୍କୁ ବେଶ୍ ଆକର୍ଷିତ କରିଥାଏ। ହେଲେ ଧୀରେଧୀରେ କୀର୍ତ୍ତିରାଜିଗୁଡ଼ିକ ନଷ୍ଟ ହେଉଥିଲେ ମଧ୍ୟ ଏହାର ଉପଯୁକ୍ତ ସଂରକ୍ଷଣ କରାଯାଉନାହିଁ। ଠିକଣା ସମୟରେ ମରାମତି କିମ୍ବା ପୁନଃସ୍ଥାପନ ହେଲେ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜିର ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରନ୍ତା। ମାତ୍ର ଦାୟିତ୍ୱରେ ଥିବା ଏଏସ୍‌ଆଇ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

୧୯୭୪ ମସିହାରୁ ଏଏସ୍‌ଆଇ ବଡ଼ଦେଉଳର ସଂରକ୍ଷଣ ଦାୟିତ୍ୱ ନେଇଛି। ଦ୍ୱାଦଶ ଶତାବ୍ଦୀର ଶ୍ରୀମନ୍ଦିରର କୌଣସି ମରାମତି କିମ୍ବା ପୁନଃସ୍ଥାପନ ଆବଶ୍ୟକ ପଡ଼େ, ତେବେ ଏ ସଂକ୍ରାନ୍ତରେ ମନ୍ଦିର ପ୍ରଶାସନ ସହ ଆଲୋଚନା କରି ଏଏସ୍‌ଆଇ ଏହା କରିବା କଥା। କିନ୍ତୁ ଅନେକ ସମୟରେ ଏଏସ୍‌ଆଇ ତା’ କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ମରାମତି ଆବଶ୍ୟକ ଥିବା କେତେକ କାମକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏକାଧିକ ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହେଉଛି ନଚେତ୍ ସମ୍ପୂର୍ଣ୍ଣ ଭାବେ ଲିଭିଯାଉଛି। ଏଥିମଧ୍ୟରୁ ସିଂହଦ୍ୱାର ଦଶାବତାର ମୂର୍ତ୍ତି ଅନ୍ୟତମ। ସଂରକ୍ଷଣ ଆଳରେ ୨୦୧୨ରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମ୍ଫଟରୁ ହଟାଇ ଦେଇଥିଲା ଏଏସ୍‌ଆଇ। ଯାହା ଶ୍ରୀମନ୍ଦିର ଶ୍ରୀକୁ ନଷ୍ଟ କରିବା ସହ



ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ, ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ଏଠାରେ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ରହିବେ, ତାହାକୁ ନେଇ ବାଦବିବାଦ ଛିଡ଼ା ହେବାରୁ ଏ ପର୍ଯ୍ୟନ୍ତ ସିଂହଦ୍ୱାର ଗୁମ୍ଫଟରେ ଦଶାବତାର ମୂର୍ତ୍ତି ଲାଗିପାରି ନାହିଁ। ସେହି ସ୍ଥାନରେ ସାଦାପଥର ଖଞ୍ଜି ଦିଆଯାଇଛି।

ସେହିପରି ଏଏସ୍‌ଆଇ ପକ୍ଷରୁ ମରାମତି ବେଳେ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତି ଯେଉଁଭଳି ଭାବେ ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଉନଥିବା ଅନେକ ଶିଳ୍ପୀଙ୍କୁ ବ୍ୟଥିତ କରୁଛି। ଫଳରେ ପୁରୁଣା କଳା କାରିଗରୀ ନଷ୍ଟ ହେଉଛି। କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ଚୂନ ଛଡ଼ା ଯାଇଥିଲା। ଏଥିପାଇଁ ବିଭିନ୍ନ ଧାତବ ଉପକରଣର ରୁକ୍ଷ ବ୍ୟବହାର କାରଣରୁ ଅନେକ ସ୍ଥାନରେ ସୂକ୍ଷ୍ମ କାରୁକାର୍ଯ୍ୟ କିଛିକାଂଶରେ ନଷ୍ଟ ହେଇଛି। ଅନେକ ସ୍ଥାନରେ ରହିଥିବା ରୂପ ଓ ବିଗ୍ରହର କେତେକ ଅଙ୍ଗ ଅପହୃତ। ଏଣୁ ଏହି ମନ୍ଦିର ଗାତ୍ରରେ ଅନେକ ବିକଳାଙ୍ଗ ମୂର୍ତ୍ତି ଦେଖିବାକୁ ମିଳେ। ଏବେ ବି ସେହି ଧାରା ଚାଲିଛି। କୌଣସି ଦେବଦେବୀଙ୍କ ମୂର୍ତ୍ତି ହେଉ ଅବା ମନ୍ଦିରର କୌଣସି ଅଂଶ କିମ୍ବା ମେଘନାଦ ପାଚେରି ଯଦି କିଛି ବି କାମ ହେଉଛି ସେଠାରେ ସାଦାପଥର ଖଞ୍ଜି ଦିଆଯାଉଛି। ପୂର୍ବପରି ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଉନାହିଁ।

**ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ଆର୍ଥିକ ପରିଚାଳନା**

# ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ ସଂଗ୍ରହ ହ୍ରାସ

ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହି ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜ ଉପଲବ୍ଧିକୁ ରାଜ୍ୟବ୍ୟାପୀ ପ୍ରଚାର ପ୍ରସାର କରିବାକୁ ନିଜର ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏହି ବର୍ଷକ ମଧ୍ୟରେ ରାଜ୍ୟ ସରକାର ଯେଉଁ କେତେକ କ୍ଷେତ୍ରରେ ସବୁଠାରୁ ଅଧିକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ତନ୍ମଧ୍ୟରେ ଦୁର୍ବଳ ଆର୍ଥିକ ପରିଚାଳନା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ପୂର୍ବ ବିଜେଡି ସରକାର ନବୃଆ ସରକାରଙ୍କୁ ଏକ ରାଜସ୍ୱ ବଳକା ଏବଂ ସବଳ ଅର୍ଥନୀତି ଉତ୍ତରାଧିକାରୀ ସତ୍ତ୍ୱରେ ଛାଡ଼ି ଯାଇଥିଲେ। ମାତ୍ର ଏହି ବର୍ଷକର ଯାତ୍ରାରେ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଯେ ପୂର୍ବପରି ଶୃଙ୍ଖଳିତ ଭାବେ ପରିଚାଳିତ ହେଉନାହିଁ, ତାହା ଜଳଜଳ ଦିଶୁଛି। ନିଜସ ଟିକସ ରାଜସ୍ୱଠାରୁ ଆରମ୍ଭ କରି ନିଜସ୍ୱ ଅଣ-ଟିକସ ରାଜସ୍ୱ ଆଦାୟ ହ୍ରାସ ପାଇଥିବା ବେଳେ ଆଗାମୀ ଦିନରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ସରକାରଙ୍କ ପାଇଁ ଆହ୍ୱାନ ପାଲଟିବାକୁ ଯାଉଛି।

୨୦୨୩-୨୪ଆର୍ଥିକ ବର୍ଷରେ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା। ମାତ୍ର ୨୦୨୪-୨୫ରେ ସେଥିରେ ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ୨୦୨୫-୨୬ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ସରକାର ଏଥିରୁ ୬୬ ହଜାର କୋଟି ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ମାତ୍ର ଉକ୍ତ ପରିମାଣର ରାଜସ୍ୱ ସଂଗ୍ରହରେ ଯେ ସରକାର ସଫଳ ହେବେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସମାନ ଭାବେ ରାଜ୍ୟରେ ନିଜସ୍ୱ ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି। ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବଢ଼ିଥିଲା। ଫଳରେ ଏଥିରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୫୮ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୨୦୨୪-୨୫ରେ ଏହା ବଢ଼ିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ୩.୬୬ ପ୍ରତିଶତ ହ୍ରାସ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏଥିରୁ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ନିଜସ୍ୱ ଟିକସ ରାଜସ୍ୱ ଏବଂ ନିଜସ୍ୱ ଅଣଟିକସ ରାଜସ୍ୱରୁ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୧ ଲକ୍ଷ ୨୬ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ତେବେ ଟିକସ ସଂଗ୍ରହରେ ସରକାରଙ୍କ ପ୍ରଦର୍ଶନକୁ ଦେଖିଲେ ଏହା ବେଶ୍ ଆହ୍ୱାନପୂର୍ଣ୍ଣ ରହିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି। ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି। ଅତଏବ ରାଜ୍ୟ ସରକାର ରାଜ୍ୟର ଆର୍ଥିକ ପରିଚାଳନା ଦିଗ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟରେ ସୁଭଦ୍ରା, ଧାନର ଏମଏସପି ୩୧୦୦ ଟଙ୍କା ବାବଦରେ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରିଛନ୍ତି। ଏସବୁ ଅର୍ଥର ଭରଣା ପାଇଁ ସରକାର ଟିକସ ସଂଗ୍ରହ କ୍ଷେତ୍ରରେ ସରକାର ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

## ଟ୍ରକ ଧକ୍କାରେ ଟ୍ରାକ୍ଟର୍ ୩ ଖଣ୍ଡ, ୨ ମୃତ

ବୈଶିଙ୍ଗା, ୨୮।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଆଜି ଭୋର୍‌ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଉତ୍ତରପ୍ରଦେଶ



ମେରଟ ଅଞ୍ଚଳର ବିଜେନ୍ଦ୍ର ଭାରତୀଙ୍କ ପୁଅ ଅତୁଲ ଏବଂ ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ପଡ଼ାଗାଁ ଅଞ୍ଚଳର ଜଗଦ୍ଦେବ ଦୋଡ଼ଙ୍କ ପୁଅ ସୁନ୍ଦର। ଟ୍ରାକ୍ଟର୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏହାଦସହ ଅନ୍ୟ ୩ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ୍ ଅଞ୍ଚଳର ବିକାଶ କଲ୍ୟାଣ ଓ ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦର ଥାନା ଅଞ୍ଚଳର କରନ ଭଟନାଗର। ସେମାନଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ମୃତାହତମାନେ ଏଠାକାର ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିବା ବେଳେ ବାଲେଶ୍ୱରରେ ରହୁଥିଲେ। ସେମାନେ ଆଜି ଭୋର୍‌ରେ ଏକ ଟ୍ରାକ୍ଟର୍‌ରେ ବାରିପଦାରୁ ଫେରୁଥିବା ବେଳେ ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରାକ୍ଟରଟି ତିନି ଖଣ୍ଡ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ଅତୁଲ ଓ ସୁନ୍ଦରଙ୍କ ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ପ୍ରଥମେ ବେତନଟୀ ପୁଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପରେ ବୈଶିଙ୍ଗା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ପୁଲିସ୍ ଖଣ୍ଡଖଣ୍ଡ ହୋଇଯାଇଥିବା ଟ୍ରାକ୍ଟର୍‌କୁ ଜବତ କରିବା ସହ ଫେରାର୍ ଟ୍ରକ୍‌କୁ ଧରିବାକୁ ଉଦ୍ୟମ ଚଳାଇଛି।

# ଧାନକିଣା ଟାର୍ଗେଟ ବୃଦ୍ଧି ଦାବିରେ ତେଜିଲା ଚାଷୀ ଆନ୍ଦୋଳନ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୮।୫(ସମିସ)



ରବି ଧାନ କିଣିବାରେ ଟାଳଟୁଳ ନୀତି ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ଚାଷୀଙ୍କୁ ଦିଆଯାଇଥିବା ଟୋକନର ଅବଧି ଶେଷ ହେବାକୁ ବସିଲାଣି ମାତ୍ର ଭୋଗରାଇରେ ହାତ ଗଣତି କେତେଟା ଧାନମଣ୍ଡିକୁ ଛାଡ଼ିଦେଲେ ଏପର୍ଯ୍ୟନ୍ତ ଧାନ କ୍ରୟ ଆରମ୍ଭ ହୋଇନି। ନିର୍ଦ୍ଧାରିତ ଧାନ ବିକ୍ରି ପାଇଁ ଚାଷୀ ପାଇଥିବା ଟୋକନ ଅନୁଯାଇ ଏବେ ଧାନ ବିକ୍ରି କରିପାରୁ ନାହାନ୍ତି। ସେହିପରି ଧାନ ନେଉଥିବା ମିଲମାଲିକ ମାନେ ଏଫ୍‌ଏକ୍ୟୁ ମାନକୁ ନେଇ କ୍ୱିଣ୍ଟାଲ ପିଛା ସାତ କିଲୋରୁ ୮ କିଲୋ କଟିନି ଛଟନି କରୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ନେଇ ଜୟରାମପୁର ସେବା ସମବାୟ ସମିତି ଅଧୀନରେ ପଞ୍ଜିକୃତ ଚାଷୀମାନେ ଦୁଇ ଦିନ ପୂର୍ବରୁ ଆନ୍ଦୋଳନ ଚେତାବନୀ ଦେଇଥିବା ବେଳେ ଆଜି ଶହ ଶହ ଚାଷୀ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ଉପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଚାଷୀମାନେ ସକାଳ ୯ ଟାଠାରୁ ପ୍ରାୟ ୫ଘଣ୍ଟା ଧରି ବସିଥିଲେ। ଭୋଗରାଇ ବ୍ଲକରେ ୨୦ ଟି ଧାନକ୍ରୟକେନ୍ଦ୍ର ମଧ୍ୟରୁ ୧୯ ଟି ସମବାୟ ସମିତିର ଓ ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘ ମାଧ୍ୟମରେ ଧାନମଣ୍ଡି ପାଇଁ ସରକାରୀ ଅନୁମୋଦନ ମିଳିଛି। ମାତ୍ର ଏହି ସବୁ ମଣ୍ଡି ମାନଙ୍କରେ ଚାଷୀଙ୍କ ଅସନ୍ତୋଷ ଓ ପ୍ରତିବାଦ ଯୋଗୁଁ ଧାନ କିଣି ପାରୁନାହାନ୍ତି ସରକାର। କର୍ମକର୍ତ୍ତା ମାନଙ୍କ ଚାପରେ ମାତ୍ର ପାଞ୍ଚଟି ସମିତିର ଥରେ ବା ଦୁଇଥର ଧାନ କ୍ରୟ କରି ଅଟକି ଯାଇଛି। ସମିତିରୁ ଏଯାବତ ପ୍ରାୟ ୫ ଶହରୁ ଅଧିକ ଚାଷୀଙ୍କୁ ୩୦ ହଜାରରୁ ଅଧିକ ଟୋକନ ଧାନ ଦେବା ପାଇଁ ଆସିଥିବା ସ୍ଥଳେ ମାତ୍ର ୭ ଶହ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ଆସିଅଛି। ଏହି କ୍ରମରେ ଜୟରାମପୁର ସେବା ସମବାୟ ସମିତିରେ ଚଳିତ ମେ ମାସ ୧୫,୧୬,୧୭, ତାରିଖରେ ପ୍ରଥମେ ୧୧୭ ଜଣ ଚାଷୀଙ୍କୁ ୩୮ ୯୨,୪୭ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟୋକନ ମିଳିଛି। ମାତ୍ର ସେମାନଙ୍କ ଅବଧି ଗଡ଼ି ଚାଲିଯାଇଥିବା ସ୍ଥଳେ କେମିତି କେତେ ପରିମାଣର ଧାନ ଟୋକନ ପ୍ରତି କିଣାଯିବ ସେ ନେଇ ସ୍ଥିରୀକୃତ ହୋଇପାରୁ ନଥିବାରୁ ଚାଷୀ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ବାଧ୍ୟ ହୋଇ ଚାଷୀ ମାନେ ଆଜି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବରିଷ୍ଠ ସମାଜସେବୀ ରଘୁନାଥ ମହାନ୍ତିଙ୍କ ସଭାପତିତ୍ୱରେ ଧାରଣାସ୍ଥଳରେ ଅନୁଷ୍ଠିତ ସଭାରେ ଏହି ଆନ୍ଦୋଳନକୁ ସମର୍ଥନ ଜଣାଇ କଂଗ୍ରେସର ଯୁବ ନେତା ତଥା ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, ସମେତ ଦେହୁର୍ଦ୍ଧା ସମିତି ସଭ୍ୟାର ପ୍ରତିନିଧି ସୁବଳ ଜେନା ପ୍ରମୁଖ ଚାଷୀ ନେତା ମାନେ ଯୋଗ ଦେଇ କୃଷକ ମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରିଥିଲେ। ଏହି ଅବସରରେ ଶହଶହ ଚାଷୀ ମାନେ ସରକାରଙ୍କ ବିରୁଦ୍ଧରେ ନାରାବାଜି କରିଥିଲେ। ଚାଷୀଙ୍କ ବିକ୍ଷୋଭ ସ୍ଥଳୀକୁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ଆସି ଚାଷୀମାନଙ୍କ ସହ ଆଲୋଚନା କରିବା ସହିତ ଗତ ମଙ୍ଗଳବାର ସେ ଭୁବନେଶ୍ୱର ଠାରେ ଯୋଗାଣ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ

- **ଭୋଗରାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ଚାଷୀ**
- **ସରକାର ତୁରନ୍ତ ଚାଷୀଙ୍କ ଦାବି ପୂରଣ ନ କଲେ ଆନ୍ଦୋଳନର ମଙ୍ଗ ଧରିବେ ବିଧାୟକ**

ଭେଟି କୃଷକ ମାନଙ୍କ ସମସ୍ୟା ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରିଥିବା କହିଥିଲେ। ସେ ଦୁଇଦିନ ଭିତରେ ଚାଷୀଙ୍କ ଧାନ କିଣିବା ପାଇଁ ଭୋଗରାଇ ବିଭିନ୍ନ ଧାନ ମଣ୍ଡି କୁ ଅଧିକ ଟାର୍ଗେଟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା କହିଥିଲେ। ଅନ୍ୟପକ୍ଷରେ ଆଜି କୌଣସି କାର୍ଯ୍ୟରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟ ବଂଶୀ ମୟୂର ବିକାଶ ଭୋଗରାଇ ଗସ୍ତରେ ଆସିଥିବା ବେଳେ ଧାରଣାରତ କୃଷକମାନେ ଜିଲ୍ଲା ପାଳଙ୍କୁ ଦାବିପତ୍ର ପ୍ରଦାନ କରିବେ ବୋଲି ବୋଲି ଅଡ଼ି ବସିଥିଲେ। ଶେଷରେ ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟ ବିକ୍ଷୋଭ ସ୍ଥଳରେ ଆସି କୃଷକ ମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହ ଧାନ କିଣାରେ ଭୋଗରାଇ ଚାଷୀ ମାନଙ୍କୁ ପ୍ରାଧାନ୍ୟ ଦେଇ ସ୍ୱତନ୍ତ୍ର ଟାର୍ଗେଟ ଦିଆଯିବ ବୋଲି ଜିଲ୍ଲାପାଳଙ୍କ ତରଫରୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଭୋଗରାଇ ବିଧାୟକ ଶ୍ରୀ ଦାସ ଧାରଣାରତ ଚାଷୀ ମାନଙ୍କୁ କହିଥିଲେ ଯେ ଯଦି ଆଗାମୀ ଦୁଇ ଦିନରେ ସରକାର ଚାଷୀମାନଙ୍କର ଦାବି ନ ମାନନ୍ତି ତେବେ ଏହି ଚାଷୀ ଆନ୍ଦୋଳନ ମଙ୍ଗ ସେ ନିଜେ ଧରିବା ସହିତ ଆନ୍ଦୋଳନକୁ ତୀବ୍ରତର କରାଯିବ ଏବଂ ଏଥିପାଇଁ ସରକାର ଦାୟୀ ରହିବେ ବୋଲି କହିଥିଲେ। ଏହି ସମାବେଶରେ ଭୋଗରାଇ ବରିଷ୍ଠ ନାଗରିକ ମଞ୍ଚର ସଭାପତି ପଙ୍କଜାକ୍ଷ ପଣ୍ଡା, ଦୀପ୍ତିମୟୀ ମିଶ୍ର, ଦୁର୍ଗାଚରଣ ସାହୁ, ରବିନ୍ଦ୍ର ନାଥ ଘୋଷ, ବିଷ୍ଣୁପଦ ଗିରି, ହରି ନାରାୟଣ ଜେନା, ହିରାଚାନ୍ଦ ଦାସ, ଅଶୋକ ସାମଲ, ବିଦ୍ୟୁତ ସାମଲ, ପଞ୍ଚାନନ ସାହୁ, ହରିପଦ ମିଶ୍ର, ଅନିରୁଦ୍ଧ ପରିଡ଼ା, ଚିତ୍ତରଞ୍ଜନ ଦାସ, ସୁନିଲ୍ ଜେନା, ସୁଶିଲ ଗିରି, ପ୍ରଦୀପ ସାହୁ, ସନାତନ ସାହୁ, ଅନନ୍ତ ଘୋଷ, ମାନସ ମହାନ୍ତି, ଅନିରୁଦ୍ଧ ପରିଡା, ଶିବଶଙ୍କର ସେଠୀ, ଅନାଦି ବେହେରା, ହରିପଦ ମିଶ୍ର, ପଞ୍ଚାନନ ସାହୁ ସମେତ ୩୦୦ ଶହରୁ ଚାଷୀ ଅଧିକ ଉପସ୍ଥିତ ଥିଲେ।

## ଟାର୍ଗେଟ ସଙ୍କଟ, ଆରମ୍ଭ ହେଉନି ରବି ଧାନକିଣା

ଖଇରା,୨୮ ।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ସେବା ସମବାୟ ସମିତିକୁ ଆସିଥିବା ଟାର୍ଗେଟ ସମୁଦ୍ରକୁ ଶଙ୍ଖେ ହୋଇଥିବା କାରଣରୁ ସମସ୍ତ ଚାଷୀଙ୍କ ଧାନ କିଣା ଏଯାବତ ଆରମ୍ଭ ହୋଇ ପାରୁନି। ଧାନଅମଳ ହେବାର ୧୫ଦିନରୁ ଅଧିକ ବିତି ଯାଇଥିଲେ ହେଁ ଚାଷୀ ମାନେ ଧାନ ବିକିବାକୁ ଚାତକ ପରି ଚାହିଁ ରହିଛନ୍ତି। ଯୋଗାଣ ବିଭାଗ ତୁରନ୍ତ ଧାନ କିଣିବାର ବନ୍ଦୋବସ୍ତ ନକଲେ ଚାଷୀ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ରବିଚାଷକୁ ଦୃଷ୍ଟିରେ ରଖି ଯୋଗାଣ ବିଭାଗ ଖଇରା ବ୍ଲକର ୧୪ଟି ସେବା ସମବାୟ ସମିତି ମଧ୍ୟରୁ ୯ଟି ସେବା ସମବାୟ କୁ ସରକାରୀ ଦରରେ ରବି



ଧାନ କିଣିବାକୁ ଅନୁମତି ପ୍ରଦାନ କରାଯାଇଥିଲା। ମାଣିତ୍ରୀ ସମିତିରେ ୮୮ ଚାଷୀଙ୍କୁ ୪ହଜାର କୁଇଣ୍ଟାଲ, ଓସଙ୍ଗରେ ୫୨ଚାଷୀଙ୍କୁ ୨ହଜାର ୬୫ କୁଇଣ୍ଟାଲ, ଡୁଙ୍ଗୁରାରେ ୪ଚାଷୀଙ୍କୁ ୮୭ କୁଇଣ୍ଟାଲ, ପଳସାରେ ୬୩ଚାଷୀଙ୍କୁ ୧ହଜାର୮ ୭୨କୁଇଣ୍ଟାଲ, ଗୋବିନ୍ଦପୁରରେ ୧୩ ଚାଷୀଙ୍କୁ ୪୬୧ କୁଇଣ୍ଟାଲ,ଗଗନଧୂଳି ରେ ୧୦୩ ଚାଷୀଙ୍କୁ ୨ହଜାର୮ ୯୦ କୁଇଣ୍ଟାଲ, ବର୍ଡ୍ଡନାରେ ୨୧ ଚାଷୀଙ୍କୁ ୬୭୨ କୁଇଣ୍ଟାଲ, ଅନ୍ତରାରେ ୧୮୫ ଚାଷୀଙ୍କୁ ୬ହାଜର୨୮୫ କୁଇଣ୍ଟାଲ, ମାଣିତ୍ରୀରେ ୮୭ ଚାଷୀଙ୍କୁ ୩ହଜାର ୯ଶହ କୁଇଣ୍ଟାଲ ଏହିଭଳି ଭାବେ ମୋଟ ୨୨ହଜାର ୨୩୨କୁଇଣ୍ଟାଲର ଟୋକନ ପ୍ରଦାନ କରାଯାଇଛି। ହେଲେ ସରକାରଙ୍କ ତରଫରୁ ଆସିଥିବା ଟାର୍ଗେଟ ଚାଷୀଙ୍କୁ ଆଚମ୍ବିତ କରିଛି। ମାଣିତ୍ରୀକୁ ୧୨୨,ଓସଙ୍ଗକୁ ୬୪, ଡୁଙ୍ଗୁରାକୁ ୩୦,ପଳସାକୁ ୯୦, ଗୋବିନ୍ଦପୁରକୁ ୩୦, ଗଗନଧୂଳିକୁ ୧୪୭, ବର୍ଡ୍ଡନାକୁ ୩୦, ଅନ୍ତରାକୁ ୨୬୪ ଓ ମାଣିତ୍ରୀକୁ ୧୨୨ କୁଇଣ୍ଟାଲ ଅର୍ଥାତ ମୋଟ ୮ ୯ ୯ କୁଇଣ୍ଟାଲ ଟାର୍ଗେଟ ଯୋଗାଣ ବିଭାଗ ତରଫରୁ ମିଳିଛି। ଗତ ୧୫ଦିନ ତଳୁ ଧାନ ଅମଳ ସରିଥିବା ବେଳେ ଟୋକନର ଅବଧି ଆଉ ମାତ୍ର କିଛି ଦିନ ଅଛି। ହେଲେ ଏଭଳି ପରିସ୍ଥିତିରେ ଏଭଳି କମ୍ ପରିମାଣର ଟାର୍ଗେଟ ଯୋଗୁଁ ବିବାଦୀୟ ପରିସ୍ଥିତି ଏଡାଇବାକୁ ସମିତିମାନେ ଧାନ କିଣୁନାହାଁନ୍ତି। ଏପଟେ ଧାନ କୁଇଣ୍ଟାଲ ୩ ହଜାର ୧ଶହ କରି ସେପଟେ ଧାନ କିଣିବାକୁ ଟାର୍ଗେଟ ନଦେବା ଚାଷୀଙ୍କ ପ୍ରତି ଉପହାସ ବୋଲି ସାନ ଜୟପୁର ଗ୍ରାମର ଚାଷୀ ସୁମତୀ ପଣ୍ଡା କହିଛନ୍ତି। କ୍ରମାଗତ ବର୍ଷା ମଧ୍ୟ ଏହି ଧାନକୁ ସୁରକ୍ଷିତ ରଖିବାରେ ପ୍ରତିବନ୍ଧକ ସାଜିଥିବା ସେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଜିଲା ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ହିମାଂଶୁ ସାହୁଙ୍କୁ ଯୋଗାଯୋଗ କରିବାରେ ଖରିଫରେ ଟାର୍ଗେଟ ଠାରୁ ଅଧୀକ ଧାନ କିଣା ହୋଇ ଯାଇଥିବାରୁ ରବିରେ ଟାର୍ଗେଟ ଦିଆଯାଉନାହିଁ। ତଥାପି ଦିନେ ୨ଦିନ ମଧ୍ୟରେ ଆଉ କିଛି ଅଧିକ ଟାର୍ଗେଟ ପ୍ରଦାନର ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି।

## ଜୁନ୍ ୧୫ ସୁଦ୍ଧା ଓଭରବ୍ରିଜ ଆଲୋକୀକରଣ ନ ହେଲେ ଆନ୍ଦୋଳନ

ଜଳେଶ୍ୱର ବ୍ଲକ, ୨୮।୫(ସମିସ): ଜଳେଶ୍ୱର ରେଳ ଓଭରବ୍ରିଜ ଲୋକାର୍ପିତ ହେବାର ବର୍ଷାଧିକ କାଳ ବିତିଯାଇ ଥିଲେ ମଧ୍ୟ ଏଯାବତ ପୋଲ ଆଲୋକୀକରଣ ନ ହୋଇ ଚରମ ଅବ୍ୟବସ୍ଥା ମଧ୍ୟରେ ଯାତାୟାତ ହେବା ବାସ୍ତବିକ ଘୋର ପରିତାପର ବିଷୟ। ଉକ୍ତ ପୋଲକୁ ଯଥାଶୀଘ୍ର ଆଲୋକୀକରଣ କରିବା ନିମେନ୍ତ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ବାରମ୍ବାର ଦାବିପତ୍ର ପ୍ରଦାନ କରିବାସହ ଧାରଣା ଧର୍ମଘଟ କରିବା ଫଳରେ ଟେଣ୍ଡର ପ୍ରକ୍ରିୟାକରଣ ଶେଷ ହୋଇଛି ବୋଲି ବାଲେଶ୍ୱର ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ପିନାକ ପ୍ରସାଦ ସ୍ୱାଇଁ ବରିଷ୍ଠ ନାଗରିକ ମଞ୍ଚକୁ ଦୁଇ ମାସ ପୂର୍ବରୁ ଅବଗତ କରି ଥିଲେ ମଧ୍ୟ ଏଯାବତ କାର୍ଯ୍ୟ ଆରମ୍ଭ ହୋଇ ନ ପାରିବା ଘୋର ନିରାଶା ସୃଷ୍ଟି କରିଛି। କର୍ତ୍ତୃପକ୍ଷଙ୍କର ଏତାଦୃଶ ଚରମ ଅବହେଳାକୁ ଗୁରୁତ୍ୱର ସହ ବିଚାର କରି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ଡକ୍ଟର ରମାକାନ୍ତ ଭଞ୍ଜଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଉଛି। ଜୁନ ମାସ ୧୫ତାରିଖ ସୁଦ୍ଧା ଅର୍ଥାତ୍ ରଜ ପର୍ବ ପୂର୍ବରୁ ଆଲୋକ ବ୍ୟବସ୍ଥା ନ ହେଲେ ଜୁନ ୧୫ତାରିଖ ପରେ ମଞ୍ଚ ପକ୍ଷରୁ ଗଣ-ଆନ୍ଦୋଳନ କରାଯିବାର ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବୈଠକରେ ସମ୍ପାଦକ ଡଃ ଲଳିତ ରଞ୍ଜନ ସେନାପତି, କାର୍ଯ୍ୟକାରୀ ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ଉପ ସଭାପତି କପିଳେଶ୍ୱର ମହାନ୍ତି, ସହ ସମ୍ପାଦକ ଶ୍ରୀମନ୍ତ କୁମାର ଘୋଷ, ବରିଷ୍ଠ ସଦସ୍ୟ ଦିଲ୍ଲୀପ କୁମାର ଗିରି, ସିତାଂଶୁ ରଞ୍ଜନ ସେନାପତି, ଶିକ୍ଷାବିତ ଜିତାରାମ ଦେ,ସୁନିଲ କୁମାର ନାୟକ, ଆଇନଜୀବୀ ଜିତାଂଶୁ ଶେଖର ନନ୍ଦୀ, ବରିଷ୍ଠ ସଦସ୍ୟ ସୁବ୍ରତ ବେରା, ସିଦ୍ଧେଶ୍ୱର ତ୍ରିପାଠୀ, ବିକାଶ ଧର, ଅବଦୁଲ ସମ୍ମତ ଖାଁ, କମଳ ଚକ୍ରବର୍ତ୍ତୀ, ଅଜିତ ଦାସ, ରବିନ୍ଦ୍ର ବାରିକ ଓ ଜ୍ଞାନେନ୍ଦ୍ର ନାଥ ଜେନା ପ୍ରମୁଖ ଉପସ୍ଥିତ ଥାଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



## ହଟ୍ଟଗୋଳରେ ସରିଲା ବସ୍ତା ପଞ୍ଚାୟତ ସମିତି ବୈଠକ



ବସ୍ତା ବ୍ଲକ୍, ୨୮।୫ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ପଞ୍ଚାୟତ ସମିତିର ଷଷ୍ଠ ବୈଠକ ହଟ୍ଟଗୋଳ ମଧ୍ୟରେ ସମାପ୍ତ ହୋଇଛି। ନାଲି ଗାମୁଛାକୁ କେନ୍ଦ୍ର କରି ଦୁଇ ବିଧାୟକଙ୍କ ଉପସ୍ଥିତିରେ ବିଜେପି ଓ ବିଜେଡି ସମର୍ଥିତ ଜନ ପ୍ରତିନିଧିଙ୍କ ମଧ୍ୟରେ ବାକ୍ ଯୁଦ୍ଧ ପଞ୍ଚାୟତ ସମିତି ବୈଠକକୁ ଅଧାରୁ ଭଣ୍ଡୁର ହୋଇଥିବା ଦେଖିବାକୁ ମିଳିଛି। ବୁଧବାର ବସ୍ତା ପଞ୍ଚାୟତ ସମିତି ସଭା ଗୃହରେ ବ୍ଲକ ଅଧକ୍ଷା ଅଞ୍ଜଳି ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକ ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ଉପାଧକ୍ଷ ଦିଲ୍ଲୀପ ଦାସ ମହାପାତ୍ର, ବିଡ଼ିଓ ମିହିର ରଞ୍ଜନ ବେହେରା, ଜିପିଓ ଅଞ୍ଜନ କୁମାର ପାଣିଗ୍ରାହୀ, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବୁଗୁଡ଼ି, ସୁଜାତା ରାଣୀ ଦଣ୍ଡପାଠ, ଦେବୀକା ସୋରେନ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଚିରାଚରିତ ଭାବେ ପାନୀୟଜଳ ବିଭାଗ ଉପରେ ଆଲୋଚନା ହୋଇଥିଲା। ଜଳ ଜୀବନ ମିଶନ ଜରିଆରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ନିର୍ମାଣ କରୁଥିବା ଠିକାଦାର ନିମ୍ନମାନର କାର୍ଯ୍ୟ କରୁଥିବା ବେଳେ ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ସେମାନଙ୍କ ର ୫ ବର୍ଷ ମରାମତି ଦାୟିତ୍ୱ ଥିବା ବେଳେ ପାଇପ ଫାଟି ଥିବା ବେଳେ ସେମାନେ ମରାମତି କରିବାକୁ ଯାଉ ନାହାଁନ୍ତି। ଏହାକୁ ନେଇ ଜନପ୍ରତିନିଧି ବିଶେଷ କରି ମହିଳା ଜନପ୍ରତିନିଧି ଗୃହରେ ଗୁରୁତ୍ୱର ଅଭିଯୋଗ ଆଣିଥିଲେ। ପ୍ରତି ବୈଠକରେ ଏନେଇ ଆଲୋଚନା ହେଉଥିବା ବେଳେ ତାହା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉନଥିବାରୁ ଅଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ ପାନୀୟ ଜଳ ସମସ୍ୟା ନେଇ ଏକ ସ୍ୱତନ୍ତ୍ର ବୈଠକ କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା। ଠିକାଦାର ଗ୍ରାମରେ କାର୍ଯ୍ୟ କରିବାକୁ ଗଲେ ଦଳଗତ ନିର୍ବିଶେଷରେ ଜନପ୍ରତିନିଧିଙ୍କ ଉପସ୍ଥିତ ଓ ସହଯୋଗ ରେ କରିବାକୁ ବସ୍ତା ବିଧାୟିକା ନିର୍ଦ୍ଦେଶ ଦେଇଥିଲେ। ପରେ ଯୋଗାଣ ବିଭାଗ ଉପରେ ଜନପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାସନ କାର୍ଡରେ ନୂତନ ସଦସ୍ୟଙ୍କୁ ସଂଯୋଗ କରା ଯାଉ ନ ଥିବା ଓ ନୂଆ କାର୍ଡ ପାଇଁ ଆବେଦନ କରିଥିବା ହିତାଧିକାରୀଙ୍କ କାର୍ଡ ହୋଇ ପାରୁନଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଡିଲର୍ ମାନଙ୍କୁ ଆସିଥିବା ଆଳୁ ର ବ୍ୟାପକ କଳା ବଜାର ଓ କିରୋସିନି ଉପରେ ପ୍ରବଳ ଜାଲିଆତି ହୋଇଥିବା ସମିତି ସଭ୍ୟ ଜୟପ୍ରକାଶ ନାରାୟଣ ବେହେରା ବିଭାଗୀୟ ଅଧିକାରୀଙ୍କ ଉପରେ ଆପତ୍ତି ଉଠାଇ ଥିଲେ। ଏହାର ବିଦ୍ଧିବଧ ଯାଞ୍ଚ ପାଇଁ ବିଧାୟକ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତିରାଜ ନିୟମ ଅନୁସାରେ ପ୍ରତି ୩ ମାସରେ ଥରେ ସମିତି ବୈଠକ ଅନୁଷ୍ଠିତ ହେବାର ନିୟମ ଥିବା ବେଳେ ବ୍ଲକ ପ୍ରଶାସନ ଏହି ନିୟମର ଖୋଲା ଖୋଲି ଉଲ୍ଲଂଘନ ଅଭିଯୋଗରେ ଗୃହରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉନ୍ନତି ମୂଳକ କାର୍ଯ୍ୟକୁ ନେଇ ଆଲୋଚନାରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସମିତି ସଭ୍ୟ ଜୟ ପ୍ରକାଶ ନାରାୟଣ ବେହେରା କୌଣସି କାର୍ଯ୍ୟ ହେଲେ ନାଲି ଗାମୁଛା ପକାଇ ଆସୁଥିବା ବ୍ୟକ୍ତି କାର୍ଯ୍ୟରେ ବାଧା ଦେଉଥିବା ପ୍ରକାଶ କରିବା ପରେ ସାଂସଦ ପ୍ରତିନିଧି ଓ ବିଜେଡି ସମର୍ଥିତ ଜନପ୍ରତିନିଧି ଓ ବିଜେପି ସମର୍ଥିତ ଜନପ୍ରତିନିଧିଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ହୋଇଥିଲା। ଏହି ଘଟଣା ପରେ ଆଉ ବୈଠକ ଚାଲି ପାରି ନ ଥିଲା। ଫଳରେ ବହୁ ସମସ୍ୟା ଉପରେ ଆଲୋଚନା ହୋଇ ପାରି ନ ଥିଲା।

## ବାସନ୍ତୀ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୨୮।୫ (ସମିସ): ଏହି ବ୍ଲକ ରତାଇ ପଞ୍ଚାୟତ ଅଧିନସ୍ଥ ଭାନୁପୁର ଗ୍ରାମର ବଂଶୀଧର ପ୍ରଧାନଙ୍କ ସହଧର୍ମିଣୀ ଧର୍ମପ୍ରାଣା ମହିଳା ବାସନ୍ତି ପ୍ରଧାନଙ୍କ ଏକାଦଶାହରେ ବହୁ ବ୍ୟକ୍ତି ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏକାଦଶାହରେ ବସ୍ତା-ବାଲିଆପାଳ ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସ୍ୱର୍ଗତଃ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଧର୍ମପଦ ଗିରି, ଲକ୍ଷ୍ମୀଧର ପ୍ରଧାନ, ସୁରେଶ ଚନ୍ଦ୍ର ପ୍ରଧାନ, ବେଣୁଧର ଜେନା, ହୃଦାନନ୍ଦ ରାଉତ, ମନ୍ମଥ ପ୍ରଧାନ, ଦୟତରଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ୱର୍ଗତ ପ୍ରଧାନଙ୍କ ଦୁଇ ପୁଅ ଲମ୍ବୋଦର ଓ ଦିଗମ୍ବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକ୍ ଟପ୍ପର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ବାଲିଆପାଳ, ୨୮।୫ (ସମିସ): ଏହି ବ୍ଲକର ମାଟ୍ରିକ୍ ଟପ୍ପର ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବାଲିଆପାଳ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ମଞ୍ଚ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ନାରାୟଣ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ମଞ୍ଚର ଉପସଭାପତି ପୂର୍ଣ୍ଣଚନ୍ଦ୍ର ରାଜ, ସମ୍ପାଦକ ଡ. ବଙ୍କିମ ଜେନା, ସଦସ୍ୟ ଚିତ୍ତରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବାଲିଆପାଳ ବ୍ଲକର ଦେଭୋକର ଛାତ୍ର ସତ୍ୟଜିତ ଦାସ, ଲଙ୍ଗଳେଶ୍ୱରର ଛାତ୍ରୀ ଦେବପ୍ରିୟା ବେହେରା, ଶ୍ରୀରାମପୁରର ଛାତ୍ରୀ ସ୍ୱାତୀ ସ୍ୱର୍ଣ୍ଣପ୍ରଭା ପାତ୍ର ୫୬୫ ଲେଖାଏଁ ନଂ ରଖି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଅତିଥି ମାନେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ପ୍ରାକ୍ତନ ଅଧକ୍ଷ ବିଜୟକୁମାର ଦେ, ସମାଜସେବୀ ଗୁଣାକର ପାଳ, ଶିଶୁ ସାହିତ୍ୟିକ କାଳି କିଙ୍କର ଦାସ, କବି ଶ୍ରୀହରି ମଣ୍ଡଳ, ସୈଭାଗୀନି ମିଶ୍ର ପ୍ରମୁଖ ଯୋଗଦେଇଥିଲେ।



## ଜଗନ୍ନାଥପୁର ଚେକ୍ ଡ୍ୟାମ ଗେଟ୍ ହସ୍ତାନ୍ତରୀକରଣ

ରାଜଘାଟ, ୨୮।୫ (ସମିସ): ବସ୍ତା ବ୍ଲକ କୁଳିଦା ପଞ୍ଚାୟତର ଜଗନ୍ନାଥପୁର ଗ୍ରାମରେ ଗୁଡିଖାଲ ନଦୀ ଉପରେ ନିର୍ମିତ ଚେକ୍ ଡ୍ୟାମର ଗେଟ୍ ହସ୍ତାନ୍ତରୀକରଣ ହୋଇଯାଇଛି। ନିକଟ ଅତୀତରେ ଶାଳପଡା ମେକାନିକାଲ ଡିଭିଜନ ଦ୍ୱାରା ଚେକ୍ ଡ୍ୟାମର ଗେଟ୍ କାର୍ଯ୍ୟ ସମାପନ କରାଯାଇଥିଲା। ଆଜି ଅପରାହ୍ନରେ ମେକାନିକାଲ ଡିଭିଜନ ତରଫରୁ ଗେଟ୍ ଗୁଡ଼ିକୁ ଜଳ ନିଷ୍କାସନ ବା ଡ୍ରେନେଜ ବିଭାଗର ବାଲେଶ୍ୱର ଡିଭିଜନକୁ ହସ୍ତାନ୍ତର କରାଯାଇଛି। ଏହି ହସ୍ତାନ୍ତର ପ୍ରକ୍ରିୟା ସମୟରେ ଶାଳପଡା ମେକାନିକାଲ ଡିଭିଜନର ଅଧିକ୍ଷଣ ଯନ୍ତ୍ରୀ ରାଜେନ୍ଦ୍ର କୁମାର ମାରାଣ୍ଡି, ସହକାରୀ ଯନ୍ତ୍ରୀ ରୋଶନ ମିଶ୍ର ଏବଂ ଡ୍ରେନେଜ ବିଭାଗର ସମ୍ପୃକ୍ତ ଅଧିକାରୀଙ୍କ ସମେତ ଜଗନ୍ନାଥପୁର ଗ୍ରାମର କିଛି ଚାଷୀ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପ ହେତୁ ଆଗାମୀ ଦିନରେ ସ୍ୱଳ୍ପ ବୃଷ୍ଟିପାତ ସମୟରେ ଡ୍ୟାମର ଗେଟ ପକାଯାଇ ଜଳ ସଂରକ୍ଷଣ କରି ଜଳକୁ ଚାଷ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ ବୋଲି ପଦାଧିକାରୀ ମାନେ ମତ ବ୍ୟକ୍ତ କରିଥିଲେ। ଅନ୍ୟ ପକ୍ଷରେ ଡ୍ୟାମ ନିର୍ମାଣର ବାସ୍ତବିକ ଉଦ୍ଦେଶ୍ୟ ସାଧିତ ହେବା ନେଇ ଆଶଙ୍କା କରିବା ସହ ବନ୍ୟା ପରିସ୍ଥିତିକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ ବୋଲି ଗ୍ରାମବାସୀମାନେ ମତପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ନବମ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା



ସୋର,୨୮।୫(ସମିସ) : ସୋର ରାଧାନାଥ ପଡ଼ିଆରେ ଜିଲ୍ଲା ସ୍ତରୀୟ ନବମ ତାଏକ୍ୱୋଣ୍ଡୋ କିରୋଗୀ ଓ ୬ତମ ପୁମସେ,୧୯ ତମ କଲର ବେଲ୍ଟ ଓ ୪ର୍ଥ ବ୍ଲାକ ବେଲ୍ଟ ପ୍ରମୋସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଟ୍ରେନିଂ ସେଣ୍ଟର୍ ଯଥା ବାଲେଶ୍ୱର ତାଏକ୍ୱୋଣ୍ଡୋ ଏକାଡେମୀ, ସୋର ତାଏକ୍ୱୋଣ୍ଡୋ ଏକାଡେମୀ, ସାଉଡ ତାଏକ୍ୱୋଣ୍ଡୋ ଏକାଡେମୀରୁ ଶତାଧିକ ପ୍ରତିଯୋଗୀ ସୁପର ସବ ଜୁନିଅର, ସବଜୁନିୟର, କେଡେଟ, ଜୁନିୟର, ସିନିୟର ବିଭାଗରେ ପ୍ରତିଯୋଗୀ ବିଭିନ୍ନ କଲର ବେଲ୍ଟ ଏବଂ ବ୍ଲାକ ବେଲ୍ଟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୂର୍ବାହ୍ନରେ ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାକୁ ଓଡିଶା ତାଏକ୍ୱୋଣ୍ଡୋ ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପରିଚାଳନା କରିଥିଲେ। ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ଆସନ୍ତା ଜୁନ ମାସରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡିଛି। ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ତଥା କୋଚ ଅତ୍ତାଉଲ୍ଲା ଖାନଙ୍କ ପ୍ରଶିକ୍ଷଣରେ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଥିବାରୁ ଜିଲ୍ଲା ସଭାପତି ଅବ୍ଦୁଲ ଉଦ୍ଦୁତ ଖାନ ସମସ୍ତ ପ୍ରତିଯୋଗୀ ସମେତ କୋଚଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସାହାବାଜିପୁର ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ଓ ନିଶା ବେପାରକୁ ବିରୋଧ

ଭୋଗରାଇ,୨୮।୫(ସମିସ)



ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ସାହାବାଜିପୁର ଅଞ୍ଚଳରେ ଚୋରା ଗଞ୍ଜେଇ, ବ୍ରାଉନସୁଗାର ଓ ରୂପଜୀବୀଙ୍କ ଦେହ ବେପାର କାରବାର ବଢ଼ିବାରେ ଲାଗିଛି। କେହି ପ୍ରତିବାଦ କଲେ ତାଙ୍କୁ ହତ୍ୟା ଧମକ ସହିତ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ହେଉଥିଲେ ସୁଦ୍ଧା ପୁଲିସ ନିଦାବିଷ୍ଣୁ ସାଜି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହେଉଛି। ଏଭଳି ସ୍ଥିତିରେ ଗାଁଗୁଡ଼ିକରେ ଏହି ଅସାମାଜିକ କାର୍ଯ୍ୟକଳାପ ଓ ବ୍ୟବସାୟ ବହୁଳ ଭାବେ ଚାଲିଥିବାରୁ ବହୁ ସଂଖ୍ୟାରେ ନାବାଳକ ତଥା ଯୁବଗୋଷ୍ଠୀ କାରବାରରେ ଯୋଡ଼ି ହେବା ସହ ନିଶା ପାନ କରୁଛନ୍ତି। ଏଥିଯୋଗୁ ଗାଁର ସାମାଜିକ ସ୍ଥିତି ବିଗିଡ଼ିବା ସହ ଅନେକ ସମୟରେ ଅପରାଧମାନ ଘଟୁଛି। ନିଶା ବ୍ୟବହାର କରୁଥିବା ନାବାଳକମାନେ ଚୋରି, ଡକାୟତି ଆଦି ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଜଣାପଡୁଛି। ତାଳସାରି ସାମୁଦ୍ରିକ ଥାନା ଅଞ୍ଚଳର ଉଦୟପୁର, ସାହାବାଜିପୁର ଅଞ୍ଚଳରେ ଅପରାଧିକ କାର୍ଯ୍ୟକଳାପ ବଢ଼ୁଛି। ଏଭଳି ସ୍ଥିତିରେ ସାହାବାଜିପୁର ଗାଁର ଅଜୟ ସାମଲର ପରିବାର ଅସାମାଜିକ ଯୁବକଙ୍କ ଆକ୍ରୋଶର ଶିକାର ହୋଇ ଅସୁବିଧାର ସମ୍ମୁଖୀନ ହେବା ପରେ ସୋମବାର ତାଳସାରି ସାମୁଦ୍ରିକ ଥାନା ପୁଲିସର ଦ୍ୱାରସ୍ଥ ହୋଇଥିଲା ବେଳେ ପୁଲିସ ତଦନ୍ତ କରି ଚୁପ ବସିବାରୁ ଗାଁର ମହିଳା ମାନେ ତେଜିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଶତାଧିକ ମହିଳା ଓ ସାମାଜିକ କର୍ମୀମାନେ ଥାନା ଘେରାଉ କରି ସାହାବାଜିପୁର ଗାଁର ଘର ଭଡ଼ା ଦେଇ ଉକ୍ତ ଅନୈତିକ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିବିଶେଷ ଓ ସମ୍ପୃକ୍ତ ହୋଟେଲ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୁଲିସ ପ୍ରଶାସନ କାର୍ଯ୍ୟର ଅବହେଳା କଲେ ଆଇନକୁ ହାତ ମୁଠାକୁ ନେବେ ବୋଲି ଚେତାବନୀ ଦେବା ସହିତ ଏଥିପାଇଁ ପ୍ରଶାସନ ଓ ପୁଲିସ ବିଭାଗ ଦାୟୀ ରହିବ ବୋଲି ଗ୍ରାମବାସୀ ହରିପ୍ରିୟା ପ୍ରଧାନ, ରାଧାରାଣୀ ଦଳପତି, କବିତା ସାମଲ, କଳ୍ପନା ସାମଲ, ଅର୍ଚ୍ଚନା ଦାସ, ଫୁଲେଶ୍ୱରୀ ସାମଲ, ଭାରତୀ ସାମଲ, ସନ୍ଧ୍ୟା ସାମଲ,

**ତାତିଲେ ମହିଳା, ଘେରିଲେ ଥାନା**

ଗୌରୀ ଜେନା, ବାବୁଲା ଦାସ, ହରେକୃଷ୍ଣ ପ୍ରଧାନ, ବ୍ରଜକିଶୋର ସାମଲ, ଗୌରହରି ପଟ୍ଟାୟତ, ପ୍ରଦୀପ କୁମାର ବେହେରା, ଶମ୍ଭୁନାଥ ପଟ୍ଟାୟତ, ମଧୁସୂଦନ ବେହେରା, ଗୌରାଙ୍ଗ ମଣ୍ଡଳ, ସାହାବାଜିପୁର ସମିତି ସଭ୍ୟ ତରଣୀକାନ୍ତ ସେନାପତି, ସମାଜସେବୀ ଦିଲ୍ଲୀପ କାମିଲାଙ୍କ ସମେତ ଶତାଧିକ ମହିଳା ଓ ଯୁବକମାନେ ଲିଖିତ ପ୍ରକାଶ କରିଛନ୍ତି। ଅପରପକ୍ଷରେ ପୁଲିସ ଉକ୍ତ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଆଇଆଇସି ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି।

# ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ




ବାଲେଶ୍ୱର,୨୮।୫(ସମିସ): ୟୁନିସେଫ, ୟୁଥ ଫର ୱାଟର ପ୍ଲସ ଓ ମେ ଆଇ ହେଲ୍ପ ୟୁର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ସହଦେବଖୁଣ୍ଟା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ବିଶ୍ୱ ରତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ସଭା ସମାଜସେବୀ ଉବାଚକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଡା ଅସିତ ପ୍ରଧାନ ଯୋଗ ଦେଇ ରତୁଶ୍ରାବ ସମୟରେ ପରିଚ୍ଛନତା, ହାତଧୁଆ, ସାନିଟାରୀ ପ୍ୟାଡ଼ର ବ୍ୟବହାର ସମ୍ପର୍କରେ ବୁଝାଇଥିଲେ। ଅନ୍ୟତମ ଅତିଥି ମହିଳା ସ୍ୱାସ୍ଥ୍ୟ କର୍ମୀ ଅର୍ପିତା କର ଓ ଆଇସିଡିଏସ ସୁପରଭାଇଜର ଶୁଭଶ୍ରୀ ଦାଶ ରତୁସ୍ରାବ ସମ୍ପର୍କିତ ଅନ୍ଧବିଶ୍ୱାସ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି। ସ୍ୱର୍ଣ୍ଣଲତା ଘୋଷ, ଅନୁପମା ଦାଶ, ଜୟନ୍ତୀ ବିଶ୍ୱାଳ ଓ ସ୍ୱର୍ଣ୍ଣପ୍ରଭା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

# ଜିଲ୍ଲାପାଳଙ୍କୁ ଛାତ୍ର ଅଭିଭାବକଙ୍କ ଅଭିଯୋଗପତ୍ର

ବାଲେଶ୍ୱର,୨୮।୫(ସମିସ): ରେମୁଣା ସୁତେଇସ୍ଥିତ ଆଦର୍ଶ ବିଦ୍ୟାଳୟରେ ପାଠ ପଢୁଥିବା ପିଲା ମାନଙ୍କର ସମସ୍ତ ପାଠ ପଢା ଖର୍ଚ୍ଚ ସରକାର ବହନ କରିବା ପରିବର୍ତ୍ତେ ଅଭିଭାବକ ମାନଙ୍କୁ ଦେବା ପାଇଁ ଅଧ୍ୟକ୍ଷଙ୍କ ତରଫରୁ ତାଗିଦ କରାଯାଉ ଥିବାର ଅଭିଯୋଗ ଆଜି ଜଣେ ଅଭିଭାବିକା କରିଛନ୍ତି। ରେମୁଣା ଥାନା ଅନ୍ତର୍ଗତ ସିରେଇପୁର ଗ୍ରାମର ଗୋକୁଳ ସିଂଙ୍କ ପତ୍ନୀ ପ୍ରଭାତୀ ସିଂ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ ନମିତା ରେମୁଣା ସୁତେଇସ୍ଥିତ ଆଦର୍ଶ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପାଠ ପଢୁଅଛି। ଏହି ବିଦ୍ୟାଳୟରେ ନମିତାକୁ ଭର୍ତ୍ତି କଲାବେଳେ ପିଲାର ସମସ୍ତ ପାଠ ପଢା ଖର୍ଚ୍ଚ ସରକାର ବହନ କରିବେ ବୋଲି କହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ନମିତା ରହୁଥିବା ହଷ୍ଟେଲର ଖର୍ଚ୍ଚ ବାବଦରେ ୩ ହଜାର ଟଙ୍କା ଏବଂ ଟିଉସନ ପଢ଼ିବା ବାବଦରେ ୨ହଜାର ଟଙ୍କା ଦେବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଗିଦ କରାଯାଉଛି ବୋଲି ନମିତାଙ୍କ ମା' ପ୍ରଭାତୀ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କୁ କହିଛନ୍ତି। ଏହି ସମ୍ପର୍କିତ ସ୍ମାରକ ପତ୍ର ଅଭିଭାବିକା ପ୍ରଭାତୀଙ୍କ ତରଫରୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଯୋଗାଯୋଗ କରିବାରୁ ସେ ଅଭିଭାବିକା ପ୍ରଭାତୀଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଦିଗ୍‌ଦର୍ଶନ ଅଧିବେଶନ

ବାଲେଶ୍ୱର,୨୮।୫ (ସମିସ): ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଶୁଭାରମ୍ଭ କରାଯାଇଥିବା ସାଥୀ କ୍ୟାମ୍ପେନ୍ ର ସଫଳ ରୂପାୟନ ପାଇଁ ଏକ ଓରିଏଣ୍ଟେସନ୍ ସେସନ୍ ( ଦିଗ୍‌ଦର୍ଶନ ଅଧିବେଶନ) ଜିଲ୍ଲା ଆଇନସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇ ଯାଇଛି। ଏହି ସେସନ୍‌ରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ବାଲେଶ୍ୱରର ସଚିବ ସୁମନ୍ ଜେନା ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ପ୍ରତିନିଧି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କିଶୋର ନ୍ୟାୟ ଆଇନ ସମ୍ପର୍କିତ ମାମଲା ପରିଚାଳନା କରୁଥିବା ପୁଲିସ୍ ଅଧିକାରୀ, ବିଭିନ୍ନ ଶିଶୁଯତ୍ନ ଅନୁଷ୍ଠାନର ଅଧୀକ୍ଷକ, ପ୍ୟାନେଲ୍ ଲୟର୍ ଏବଂ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ମାନେ ଯୋଗଦାନ କରିଥିଲେ। ପ୍ରକାଶ ଥାଉକି ଜାତୀୟ ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଶୁଭାରମ୍ଭ କରାଯାଇ ଥିବା ସାଥୀ କ୍ୟାମ୍ପେନ୍ ମାଧ୍ୟମରେ ୧୮ ବର୍ଷରୁ କମ୍ ନିରାଶ୍ରୟ ଶିଶୁମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କର ଆଧାର ସଂଯୋଗୀ କରଣ କରାଯିବା, ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ୍ କରାଯିବା ଏବଂ ଆବଶ୍ୟକ ସ୍ଥଳେ ସମସ୍ତ ପ୍ରକାରର ନିଃଶୁଳ୍କ ଆଇନ୍‌ସେବା ପ୍ରଦାନ କରାଯିବା ପାଇଁ ଲକ୍ଷ ଧାର୍ଯ୍ୟ କରାଯାଇଛି।

# ମନରେଗା କାମରେ ଅନିୟମିତତା

ରାଜଘାଟ, ୨୮।୫ (ସମିସ): ବସ୍ତା ବ୍ଲକ୍‌ରେ ଏବେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନାନାଦି ଉନ୍ନୟନମୂଳକ କାର୍ଯ୍ୟ ହେଉଥିବା ବେଳେ ମଣିଷ ବଦଳରେ ମେସିନରେ କାମ ହେଉଥିବା ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଦିନ ମଜୁରିଆମାନଙ୍କ ପାଇଁ ୧୦୦ ଦିନର କାମ ଯୋଗାଇ ଦେବା ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗ୍ରାମାଞ୍ଚଳରେ ପୋଖରୀ, ବନ୍ଧ, ଖେଳ ପଡ଼ିଆ, କଚ୍ଚାରାସ୍ତା, କେନାଲ ଆଦି ନିର୍ମାଣ ନିମନ୍ତେ ଶ୍ରମିକମାନଙ୍କୁ ନିୟୋଜିତ କରିବାର ସରକାରୀ ବ୍ୟବସ୍ଥା ରହିଛି କିନ୍ତୁ ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ଅନ୍ତର୍ଗତ ସୋନପୁର ଗ୍ରାମରେ ୧୦ଲକ୍ଷ ଟଙ୍କାର ପୋଖରୀ ଖୋଳାରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜେସିବିରେ କାମକରି ବିଲ୍ ଉଠାଇବାକୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମସୁଧା ଚାଲିଥିବା ଅଭିଯୋଗ ହୋଇଛି। ଉକ୍ତ କାର୍ଯ୍ୟ ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ଫଟୋ ଉଠାଇବାକୁ ଅନୁମତି ନଥାଏ, ଏହାକୁ ନଜର ରଖିବା ପାଇଁ ଗ୍ରାମର କିଛି ମୁଷ୍ଟିମେୟ ଲୋକଙ୍କୁ ସ୍ୱତନ୍ତ୍ର ନିଯୁକ୍ତି ଦିଆଯାଇଛି। ନାମକୁ ମାତ୍ର ଜବ କାର୍ଡ ଦର୍ଶାଇ ନିରୀହ ଦିନ ମଜୁରିଆଙ୍କୁ ଠକି ଚାଲିଥିବା ବେଳେ ଜବକାର୍ଡଧାରୀଙ୍କୁ କାର୍ଡ ପିଛା କୋଡ଼ିଏ ତିରିଶ ଟଙ୍କା ଦେଇ ଠିକାଦାର ମାଲେମାଲ ହେଉଥିବା ଅଭିଯୋଗ ହେଉଛି। ଉକ୍ତ କାର୍ଯ୍ୟ ସ୍ଥାନରୁ ମାତ୍ର ୫୦୦ମିଟର ଦୂରରେ ଚଳିତ ବର୍ଷ ଫେବୃଆରୀରେ ସମାନ ଢଙ୍ଗରେ ଠିକାଦାର ଯନ୍ତ୍ରୀଙ୍କୁ ହାତବାରିସ କରି ଜେସିବି ଓ ଟ୍ରାକ୍ଟରରେ କାମ କରି ବିଲ ହାତେଇଥିବା ଚର୍ଚ୍ଚାର ବିଷୟ ପାଲଟିଥିଲା। ଏ ନେଇ ଯନ୍ତ୍ରୀ ପ୍ରଶାନ୍ତ ପ୍ରାମାଣିକଙ୍କୁ ପଚାରିବାରୁ ଜେସିବିରେ କାମ ହେଉଥିଲେ ବିଲ୍ ବନ୍ଦ କରାଯିବ ବୋଲି କହିଛନ୍ତି।

# ଜିଲ୍ଲା ମେଡିକାଲରେ ପିଲା ଚୋରି ଉଦ୍ୟମ

ବାଲେଶ୍ୱର, ୨୮।୫(ସମିସ)



## ଦୁଇ ମହିଳା ଅଟକ

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବଜାତ ଶିଶୁ ଚୋରି ଘଟଣା ବଢ଼ିଚାଲିଛି। ମଙ୍ଗଳବାର ବିଳମ୍ବିତ ରାତି ୨ଟାରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କଠାରୁ ତାଙ୍କ ନବଜାତ ଶିଶୁକୁ ଦୁଇ ଜଣ ମହିଳା ଚୋରି କରିବାକୁ ଉଦ୍ୟମ କରିଥିଲେ। ପୁଲିସ ପହଞ୍ଚି ସମ୍ପୃକ୍ତା ଦୁଇ ମହିଳାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଭୋଗରାଇ ଆରୁହାବୃତ୍ତି ଅଂଚଳର ସତ୍ୟବ୍ରତ ଦାସଙ୍କ ପତ୍ନୀ ସାଗରିକା ଦାସ ପ୍ରସୂତି ପାଇଁ ଗତ ୧୮ ତାରିଖରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ପରଦିନ ୧୯ ତାରିଖରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ତେବେ ନବଜାତ ଶିଶୁ କନ୍ୟାକୁ ଜଣ୍ଡିସ ହୋଇଥିବାରୁ ତାକୁ ପ୍ରଥମେ ଆଇସିୟୁ ଏବଂ ପରେ ଲାଇଟରେ ରଖାଯାଇଥିଲା। ଗତକାଲି ସେମାନେ ମେଡିକାଲରୁ ଘରକୁ ଯିବାର ଥିଲା। ହେଲେ ଗତକାଲି ବିଳମ୍ବିତ ରାତିରେ ତାଙ୍କ ଶିଶୁ କନ୍ୟାକୁ ମେଡିକାଲ ମଧ୍ୟରୁ ଦୁଇ ଜଣ ମହିଳା ଚୋରି କରିବାକୁ ଉଦ୍ୟମ କରୁଥିବା ନେଇ ସତ୍ୟବ୍ରତ ଅଭିଯୋଗ କରିଛନ୍ତି। ତାଙ୍କର କନ୍ୟା ସନ୍ତାନ ଜନ୍ମ ହୋଇସାରିବା ପରେ ସେମାନଙ୍କୁ ବେଡ ନ ମିଳିବାରୁ ସ୍ତ୍ରୀ ଓ ପ୍ରସୂତି ବିଭାଗର ଚତୁର୍ଥ ମହଲାରେ ଥିବା ଲିଫ୍ଟ ନିକଟରେ ଥିବା ବାରଣ୍ଡାରେ ରହିଥିଲେ। ଏପରିକି ତାଙ୍କ ଝିଅକୁ ଜନ୍ମ ପରେ ଜଣ୍ଡିସ ରୋଗର ଚିକିତ୍ସା ପାଇଁ ସେମାନେ ମେଡିକାଲରେ ଅଧିକ ଦିନ ରହିଥିଲେ। ମଙ୍ଗଳବାର ବିଳମ୍ବିତ ରାତି ୨ଟା୩୦ରେ ଜଣେ ମହିଳା ତାଙ୍କ ପତ୍ନୀଙ୍କ ନିକଟରେ ଥିବା ପିଲାଟିକୁ ନେବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ ପତ୍ନୀ ସାଗରିକାଙ୍କର ନିଦ ଭାଙ୍ଗିଯାଇଥିଲା। ଫଳରେ ସେ ଚିତ୍କାର କରିବାରୁ ପିଲାଟିକୁ ଚୋରି କରିବାକୁ ଉଦ୍ୟମ କରୁଥିବା ମହିଳା ଜଣଙ୍କ ପଳାଇବାକୁ ଚେଷ୍ଟା କରୁଥିବା ବେଳେ ଅନ୍ୟ ଜଣେ ମହିଳା ସେଠାରେ ଲାଗିଥିବା ସିସିଟିଭିକୁ ଅବରୋଧ କରି ଏକ ବ୍ୟାଗ ଧରି ଠିଆ ହୋଇଥିଲେ। ପାଟି ଶୁଣି ସମସ୍ତେ ଉଠି ପଡିବା କାରଣୁ ସେମାନେ ଦୌଡି ଦୌଡି ପଡିଯାଇଥିଲେ। ପରେ ଦୁଇ ମହିଳାଙ୍କୁ କାବୁ କରି ଫାଣ୍ଡି ପୁଲିସ ଜିମା ଦିଆଯାଇଥିଲା। ଘଟଣା ସଂକ୍ରାନ୍ତରେ ସତ୍ୟବ୍ରତ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅଟକ ମହିଳା ଦ୍ୱୟ ଖଡ଼ଗପୁରର ହେଲେ ବିଜୟା ବେହେରା ଓ ବେବି ନଗାଲ। ଘଟଣାର ତଦନ୍ତ ଚାଲିଥିବା ଟାଉନଥାନା ଅଧିକାରୀ ବିଜୟ କୁମାର ଦାସ କହିଛନ୍ତି। ଘଟଣା ବାବଦରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ନାୟକଙ୍କ ନିକଟରେ ଖବର ନଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୂର୍ବରୁ ଦୁଇ ଥର ମଧ୍ୟ ପିଲା ଚୋରି ଘଟଣା ଘଟିଛି।

# ନିଷ୍ଟ ଗ୍ରୁପ ଅଫ୍ ଇନ୍‌ଷ୍ଟିଚ୍ୟୁସନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ




ବାଲେଶ୍ୱର, ୨୮।୫(ସମିସ): ବାଲେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନିଷ୍ଟ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ପକ୍ଷରୁ ଓଡିଶା ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ଉତ୍ସବ ଚାନ୍ଦିପୁର ରାସ୍ତାର ହିଡିଗାଁ ସ୍ଥିତ କଲେଜ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଣ୍ଡନରେ ଅବସ୍ଥାପିତ ଇଞ୍ଜିନିୟର ଜୀବନ ଜ୍ୟୋତି ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ଇଂ ପରିଡାଙ୍କ ଧର୍ମପତ୍ନୀ ଆୟୁଷ୍ମିତା ପରିଡା ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ୱାର୍ଲଡ ବୁକ ଅଫ ରେକର୍ଡ ହୋଲଡର ରସାୟନ ବିଜ୍ଞାନ ଅଧ୍ୟାପକ ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସଫଳ କ୍ୟାରିୟର ଗଠନରେ ନିଷ୍ଟ କଲେଜର ଶିକ୍ଷାଦାନର ଧାରାକୁ ପ୍ରଶଂସା କରିଥିଲେ । ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ବିଦ୍ୟାଧର ପ୍ରଧାନ, ଅଧ୍ୟାପକ ନିରଞ୍ଜନ ଜେନା, ଅଧ୍ୟାପକ ଚନ୍ଦନ ନାୟକ ଓ କେଶବ ଚନ୍ଦ୍ର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ହରିହର ରାଉତ ସଭାପତିତ୍ୱ କରିଥିଲେ। ସୌଜନ୍ୟା ନନ୍ଦୀ, ଅନୁରାଧା ମହାନ୍ତି ,ସ୍ୱିଦ୍ୟୁତି ମହାନ୍ତି, ଦେବଜ୍ୟୋତି ଜେନା, ଅରୁସ୍ମିତା ପ୍ରଧାନ, ଅଭିଲିପ୍ସା ସ୍ୱାଇଁ, ଅବିନାଶ ବିଶ୍ୱାଳ, ଦେବସ୍ମିତା କର, ଦେବଦୁର୍ଲଭ ଦାସ, ସୁମନ ସାହୁ, ପଦ୍ମଲୋଚନ ଖିଲାର, ଦୁର୍ଗା ପ୍ରସାଦ ମଲ୍ଲିକ, ଚନ୍ଦନ କୁମାର ରାଉତ, ପ୍ରତିଭା ଜେନା, ପ୍ରାଚୀ ପରମିତା ଦାସ, ସୁଭଦୀ ସାମଲ, ଶିବ ଶଙ୍କର ପୃଷ୍ଟି, ଗିରିଜା ଶଙ୍କର ପରିଡା, ଅଭିପ୍ସା ପାତ୍ର ପ୍ରମୁଖ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ରବିଧାନ କ୍ରୟକୁ ନେଇ ଦ୍ୱନ୍ଦ୍ୱରେ ଚାଷୀ



ବାଲେଶ୍ୱର,୨୮।୫(ସମିସ): ରେମୁଣା ବ୍ଲକ ଅର୍ନ୍ତଗତ ନୂଆପାଢ଼ୀ ସେବା ସମବାୟ ସମିତିରେ ଚଳିତ ରବିଋତୁରେ ଧାନ ବିକ୍ରି ପାଇଁ ପଞ୍ଜିକୃତ ଚାଷୀମାନେ ଆଜି ବିଭିନ୍ନ ଦାବିନେଇ ଜିଲ୍ଲାପାଳଙ୍କ ଠାରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ, ଏହି ପଞ୍ଜିକୃତ ଚାଷୀମାନଙ୍କ ଠାରୁ ଗତ ୧୫ତାରିଖ ଏବଂ ୧୬ ତାରିଖ ଠାରୁ ଧାନ କିଣିବା ପାଇଁ ସେମାନଙ୍କୁ ଟୋକନ ଆସିଛି। ଯାହାର ସମୟସୀମା ୨୮ ଦିନ ମଧ୍ୟରେ ଶେଷ ହୋଇଯିବ। ହେଲେ ଆଜକୁ ୧୩ଦିନ ବିତିଯାଇଥିଲେ ସୁଦ୍ଧା ସମିତି ସେମାନଙ୍କ ଠାରୁ ଧାନ କ୍ରୟ କରିନାହିଁ। ଏପରିକି ସମିତିର ସମ୍ପାଦକଙ୍କୁ ଚାଷୀମାନେ ଯୋଗାଯୋଗ କରିବାରୁ ସେମାନେ ଜାଣିବାକୁ ପାଇଥିଲେ ଯେ, ସମିତିକୁ ମୋଟ ୧୪୧କୁଇଣ୍ଟାଲ ଧାନ ଟାର୍ଗେଟ ଆସିଛି। ମାତ୍ର ସେମାନଙ୍କ ସମିତିକୁ ୮୧ଜଣ ଚାଷୀଙ୍କ ଠାରୁ ମୋଟ ୨୫୦୬.୨୨ କୁଇଣ୍ଟାଲ ଧାନ କିଣିବା ପାଇଁ ଟୋକନ ଆସିଥିଛି। ଯାହାଦ୍ୱାରା ଚାଷୀଙ୍କ ଠାରୁ ଧାନ କିଣିବା ସମ୍ଭବପର ନୁହେଁ। ଯଦି ସଠିକ ସମୟସୀମା ମଧ୍ୟରେ ସମିତିକୁ ନିର୍ଦ୍ଦିଷ୍ଟ ପରିମାଣର ଟାର୍ଗେଟ ପ୍ରଦାନ କରାନଯାଏ ତେବେ ସେମାନେ ସମିତିରେ ଧାନ ବିକ୍ରି କରିପାରିବେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏଣୁ ଚଳିତ ରବି ଋତୁରେ ଧାନ କିଣାକୁ ସଠିକ ଭାବେ ପରିଚାଳିତ କରିବାର ସୁବ୍ୟବସ୍ଥା କରାଇବାକୁ ଚାଷୀ ପ୍ରେମରଞ୍ଜନ ପାତ୍ର, ଅଶୋକ କୁମାର ନାୟକ, ମାୟାଧର ମହାପାତ୍ର, ଦିବ୍ୟରଞ୍ଜନ ପଣ୍ଡା, ବସନ୍ତ ମଞ୍ଜରୀ ଜେନା, ଅଭିଜିତ ପଣ୍ଡା, ବନମାଳି ବେହେରା, ଗଣେଶ୍ୱର ପଣ୍ଡା, ଉମେଶ ଚନ୍ଦ୍ର ଜେନା, ମହେଶ୍ୱର ରାଉତ ପ୍ରମୁଖ ଚାଷୀ ଦାବି କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓୟୁଜେର ଦାବିପତ୍ର

ବାଲେଶ୍ୱର,୨୮।୫(ସମିସ): ବଲାଙ୍ଗିର ଜିଲ୍ଲାର ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ହାତ ଗୋଡ଼ ବାନ୍ଧି ମାଡ଼ ମାରିବା ଘଟଣାରେ ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଅସନ୍ତୋଷ ପ୍ରକାଶ କରିବା ସହିତ ଦୃଢ଼ ନିନ୍ଦା କରାଯାଇଛି। ଏନେଇ ଓୟୁଜେ ବାଲେଶ୍ୱର ଜିଲ୍ଲା ଶାଖାର ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ୟୁନିଅନର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ସଦସ୍ୟ ପ୍ରସନଜିତ ଆଶ, ଅଜିତ କୁମାର ମହାନ୍ତି, ଲକ୍ଷ୍ମୀଧର ଗାଣ, ହାଇଦର ଖାନ, ସମରେଶ ମଣ୍ଡଳ, ସୋମନାଥ ସାହୁ ପ୍ରମୁଖଙ୍କ ସହ ଅନ୍ୟମାନେ ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଭେଟିବା ସହ ଆଲୋଚନା କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନକୁ ପ୍ରଦାନ କରାଯାଇଥିଲା।

# ମୃତ ପ୍ରଶାନ୍ତଙ୍କ ପରିବାରକୁ ଭେଟିଲେ ଆସାମ ସ୍ୱାସ୍ଥ୍ୟମନ୍ତ୍ରୀ

● ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ

ବାଲେଶ୍ୱର,୨୮।୫(ସମିସ): ଗତ ଏପ୍ରିଲ ୨୨ତାରିଖରେ ଜାମ୍ମୁ କାଶ୍ମୀରର ପହେଲଗାମ ଠାରେ ଆତଙ୍କବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିବା ପ୍ରତ୍ୟେକଙ୍କ ପରିବାରକୁ ଆସାମ ସରକାର ୫ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ଏହି ଘୋଷଣା ଅନୁସାରେ ଆଜି ବାଲେଶ୍ୱର ସଦର ବ୍ଲକ ଅର୍ନ୍ତଗତ ଇଶାଣୀ ଗ୍ରାମରେ ପ୍ରାଣ ହରାଇଥିବା ସ୍ୱର୍ଗତ ପ୍ରଶାନ୍ତ ଶତପଥିଙ୍କ ଘରେ ଆସାମର ସ୍ୱାସ୍ଥ୍ୟମନ୍ତ୍ରୀ ପହଁଚି ପରିବାରକୁ ସମବେଦନା ଜଣାଇବା ସହ ପରିବାରକୁ ୫ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ। ଆସାମ ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ ଅଶୋକ ସିଂଘଲ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବାର୍ତ୍ତା ସମ୍ବଳିତ ମାନପତ୍ର ଓ ପାଞ୍ଚ ଲକ୍ଷ ଟଙ୍କାର ଚେକ ମୃତକ ପ୍ରଶାନ୍ତ ଶତଥୀଙ୍କ ପତ୍ନୀଙ୍କୁ ପ୍ରଦାନ କରିଛନ୍ତି। ତାଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ



ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ମମତା ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ମୋହିତ ପୋଦାର, ସୌଭାଗ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ଏମ୍ସ ଇନିସେଟ ପିଜି ମେଡିକାଲ ପ୍ରବେଶିକା ପରୀକ୍ଷା

# ଟପ୍ପର ଶିବମ ପାଢ଼ୀଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର,୨୮।୫ (ସମିସ): ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଚଳିତ ବର୍ଷ ଏମ୍ସର ଇନିସେଟ୍ ସର୍ବଭାରତୀୟ ପିଜି ମେଡିକାଲ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାର ଶିବମ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିବମ ସର୍ବ ଭାରତୀୟ ସ୍ତରରେ ଉକ୍ତ ପରୀକ୍ଷାରେ ୯୯.୯୮ ପର୍ସେଣ୍ଟାଇଲ ମାର୍କ ରଖି ୧୯ ତମ ସ୍ଥାନ ହାସଲ କରିଛନ୍ତି। ସେ ଏମ୍ସ ଏବଂ ଏହା ଅଧିନସ୍ଥ ବିଭିନ୍ନ କେନ୍ଦ୍ରୀୟ ମେଡିକାଲ କଲେଜରେ ଏମଡିରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ପୂର୍ବରୁ ୨୦୧୯ ମସିହାରେ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରୁ କୌଣସି କୋଚିଙ୍ଗ ନ ନେଇ +୨ ବିଜ୍ଞାନରେ ୮୯ ପ୍ରତିଶତ ମାର୍କ ସହିତ ସେହି ବର୍ଷ ନିଟ୍ ର ଏମ. ବି.ବି.ଏସ ମେଡିକାଲ କୃତକାର୍ଯ୍ୟ ହୋଇ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଅଧ୍ୟୟନ କରୁଥିଲେ। ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ରଣା, ଉପାଧ୍ୟକ୍ଷ ଡ. ସନ୍ତୋଷ ରାଉତ, ସେକ୍ସନ ଅଧିକାରୀ ବଳରାମ ନାଏକ, ଆକାଉଣ୍ଟାଣ୍ଟ ନିରଞ୍ଜନ ତ୍ରିୟା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଅସହାୟ ପରିବାରକୁ ସହାୟତା

ବାଲେଶ୍ୱର,୨୮।୫(ସମିସ): ୨୦୨୩ମସିହାରେ ଗୋଲାପୋଖରୀ ଅଞ୍ଚଳର ସ୍ୱର୍ଣ୍ଣରେଖା କ୍ୟାନସର ପୀଡିତ ସ୍ୱାମୀଙ୍କୁ ହରାଇଥିବା ବେଳେ ଗତ ବର୍ଷ ଜୁଲାଇ ମାସରେ ଏକମାତ୍ର ପୁଅ ଦୁର୍ଘଟଣାର ଶିକାର ହୋଇ ଏଯାବତ ଶଯ୍ୟାଶାୟୀ। ନିଜର ସ୍ୱଳ୍ପ ରୋଜଗାରରେ ପୁଅର ଚିକିତ୍ସା ସମ୍ଭବ ହେଉନି। ଧାର ଉଧାର ପାଇଁ ଦୁଆର ଦୁଆର ହେଉଛନ୍ତି। ଏହି ଘଟଣାରେ ସହଯୋଗର ହାତ ବଢାଇଛନ୍ତି ଯୁବନେତା ବିକ୍ରମ ପଣ୍ଡା। ସେ ସ୍ୱର୍ଣ୍ଣରେଖାଙ୍କ ବାସଭବନରେ ପହଂଚି ତାଙ୍କୁ ଆର୍ଥିକ ସହାୟତା ଦେବା ସହ ଆଗାମୀ ଦିନରେ ମଧ୍ୟ ସମସ୍ତ ପ୍ରକାର ସହଯୋଗ ପାଇଁ ପ୍ରତିଶୃତି ଦେଇଛନ୍ତି। ଘଟଣା ନେଇ ସ୍ୱର୍ଣ୍ଣରେଖା ବିଧାୟକଙ୍କ ନିକଟରୁ କିଛି ଆର୍ଥିକ ସହାୟତା ପାଇବା ସହ ତାଙ୍କ ପରାମର୍ଶରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଆବେଦନ କରିଥିଲେ। ମାତ୍ର ତାଙ୍କ ଆବେଦନ ଖାରଜ ହୋଇଯାଇଥିବା ସ୍ୱର୍ଣ୍ଣରେଖା କହିଛନ୍ତି। ତେଣୁ ବଦାନ୍ୟ ବ୍ୟକ୍ତିମାନେ ତାଙ୍କ ପୁଅର ଚିକିତ୍ସା ନିମନ୍ତେ ସହଯୋଗର ହାତ ବଢାଇବାକୁ ସ୍ୱର୍ଣ୍ଣରେଖା ନିବେଦନ କରିଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟ

# ପୂର୍ବ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମିଳନୀ ଉଦ୍‌ଯାପିତ


ବାଲେଶ୍ୱର,୨୮।୫ (ସମିସ)




ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ସହଯୋଗରେ ପଞ୍ଚମ ପୂର୍ବ ଭାରତ ଓରିଏଣ୍ଟାଲ୍ କନଫରେନ୍ସ (ଇଆଇଓସି) ଆୟୋଜିତ ହୋଇଯାଇଛି। ଏହି ତିନିଦିନିଆ ଶାସ୍ତ୍ରୀୟ ସମ୍ମିଳନୀରେ ପୂର୍ବ ଓ ଉତ୍ତରପୂର୍ବ ଭାରତରୁ ୨୦୦ରୁ ଅଧିକ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାରତୀୟ ପାରମ୍ପରିକ ଜ୍ଞାନ ପରମ୍ପରା ବିଷୟରେ ଆଲୋଚନା ଓ ଚର୍ଚ୍ଚା ହୋଇଯାଇଛି।

ଏହି ସମ୍ମିଳନୀ ଦୁଇ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ବେଦ, ସଂସ୍କୃତ ସାହିତ୍ୟ, ଭାରତୀୟ ଦାର୍ଶନିକତା, ବ୍ୟାକରଣ, ଧର୍ମ, ଐତିହ୍ୟ, ପୁରାଣତତ୍ତ୍ୱ, ଓ ସାହିତ୍ୟିକ ମୂଳତତ୍ତ୍ୱ ଓ ପରମ୍ପରା ବିଷୟରେ ଗବେଷଣା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ। ଚଳିତ ବର୍ଷ ଓଡିଶାରେ ବିଶେଷ ଭାବେ ସଂରକ୍ଷିତ ଅଥର୍ବ ବେଦର ପୈପ୍ପଳାଦ ପରମ୍ପରା ଓ ବାଲେଶ୍ୱର ଅଞ୍ଚଳର ଦୁଇ ମହାନ ବୈଷ୍ଣବ ଚିନ୍ତକ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ଜ୍ଞାନ ଭକ୍ତି ଦାର୍ଶନିକତା ଉପରେ ବିଶେଷ ଗଭୀରତା ଦିଆଯାଇଥିଲା। ଏଥିପାଇଁ ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି ବିଶେଷ ଅଧିବେଶନ ଆୟୋଜିତ ହୋଇଥିଲା। ଓଡ଼ିଆ ଭାଷାର ଆଧୁନିକ ରୂପର ଗଠନ ଓ ସୁରକ୍ଷାରେ ତାଙ୍କର ଅପୂର୍ବ ଭୂମିକା ଅନୁଲେଖିତ ହେବାନେଇ ଆଲୋକପାତ କରାଯାଇଥିଲା। ସମ୍ମିଳନୀରେ ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଥିଲା। ଏଥିରେ ଆୟୁର୍ବେଦ, ଭାଷା ବିଜ୍ଞାନ, ନାଟ୍ୟଶାସ୍ତ୍ର ଓ ସାହିତ୍ୟ ସମାଲୋଚନା ସମେତ ବିଭିନ୍ନ ବିଷୟର ଅନୁଷ୍ଠାନ ହୋଇଥିଲା। ସମ୍ମିଳନୀରେ ପ୍ରତିବଦ୍ଧତାକୁ ପୁନର୍ନିର୍ବାହ କରି ଭାରତୀୟ ଜ୍ଞାନ ପରମ୍ପରା (ଆଇକେଏସ)କୁ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ କରିବା ପୂର୍ବକ ଶିକ୍ଷାର ସମସ୍ତ ମାନଦଣ୍ଡରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଉଦ୍‌ଯାପନୀ ସଭାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବରେ ଉପସ୍ଥିତ ହୋଇ ସଂସ୍କୃତ ଓ ବେଦର ଶାଶ୍ୱତ ମୂଲ୍ୟ ଓ ଏହାର ଆଧୁନିକ ବୈଜ୍ଞାନିକ ଗୁରୁତ୍ୱ ଉପରେ ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ। ଏହି ସଭାରେ ପ୍ରଫେସର ହରେକୃଷ୍ଣ ମିଶ୍ର, ଡ଼ା. ନିବେଦିତା ପତି, ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼ା. ଦେବାଶିଷ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ସମ୍ପାଦକୀୟ



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

ସକାଳ
THE SAKALA

## ଶତ୍ରୁ ମରିନି, ଯୁଦ୍ଧ ସରିନି

ଭାରତ ଓ ପାକିସ୍ତାନ ମଧ୍ୟରେ ୭୮ ଘଣ୍ଟାର ଯୁଦ୍ଧ ଓ ବିରାମକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୁଜରାଟରେ ସଭା ଓ ସମାବେଶ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶର ଜନସମୁଦାୟକୁ ବିଜୟର ବାର୍ତ୍ତା ଦେବାକୁ ଚାହିଁଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନକୁ ମଧ୍ୟ ଧମକ ଓ ଚମକ ଦେବାକୁ ସେ ପଛେଇ ନାହାନ୍ତି। ଏହି ସୀମିତ ଯୁଦ୍ଧରେ କାହାର ଜିତ୍ ଓ ହାର ହେଲା, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଉଭୟ ଦେଶ ବିଜୟୋତ୍ସବ ପାଳନ କରୁଛନ୍ତି। ପାକିସ୍ତାନ ମଧ୍ୟ ତାର ସେନାଧ୍ୟକ୍ଷ ଜେନେରାଲ ମୁନୀରଙ୍କୁ ଫିଲ୍ଡମାର୍ଶାଲ ପଦବୀକୁ ପଦୋନ୍ନତି ଦେଇ ବିଜୟ ସନ୍ଦେଶ ଦେଇଛି କହିଲେ ଭୁଲ ହେବ ନାହିଁ। ଆମେ ବିଳମ୍ବରେ ହେଲେ ମଧ୍ୟ ଭାରତରେ ତ୍ରିରଙ୍ଗା ଯାତ୍ରା କରିଛୁ। ତାହାହେଲେ କ'ଣ କହିବା ଯୁଦ୍ଧ ଅମୀମାଂସିତ ରହିଛି? ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ପକ୍ଷରୁ. ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ସେଥିରୁ ସ୍ପଷ୍ଟ ଯେ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଛି। ସେ ଦେଶର ବାୟୁସେନା ଭିତ୍ତିଭୂମିର ୨ ପ୍ରତିଶତ ଆମ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଆମ କ୍ଷୟକ୍ଷତି ସମ୍ପର୍କରେ ଏତିକି କୁହାଯାଇପାରେ ଯେ ପୁଞ୍ଛ ଓ ରଜୌରି ନିକଟସ୍ଥ ନିୟନ୍ତ୍ରଣ ରେଖା ସଂଲଗ୍ନ ଗ୍ରାମ ଉପରେ ହୋଇଥିବା ଗୁଳିଗୋଳା ବର୍ଷଣରେ ବେଶ କିଛି ଘରଦ୍ୱାର ଭାଙ୍ଗିଛି ଏବଂ ୨୦ରୁ ଊର୍ଦ୍ଧ୍ୱଙ୍କ ପ୍ରାଣହାନି ଘଟିଛି। ଯୁଦ୍ଧ ବିରତି ଏଥିମଧ୍ୟରେ ୧୫ ଦିନ ଅତିକ୍ରମ କରିଥିଲେ ମଧ୍ୟ ଏ ଯାବତ ସଂପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନାହିଁ।

ଏକଥା ସତ ଯେ ବ୍ୟୟବହୁଳ ଯୁଦ୍ଧ ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତଥାପି ଦେଶର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ଯୁଦ୍ଧର ବାଧ୍ୟବାଧକତା ରହିଛି। ଦୀର୍ଘ ୩୫ ବର୍ଷ ଧରି ପାକିସ୍ତାନ ଆତଙ୍କବାଦୀଙ୍କ ମାଧ୍ୟମରେ ଭାରତ ବିରୋଧରେ ଯେଉଁ ଛାୟା ଯୁଦ୍ଧ ଚଳାଇଆସିଛି ତାହାର ସଠିକ୍ ଜବାବ ଦେବାର ଅଛି। ଉରି ଓ ପୁଲୱାମା ଘଟଣାର ଯଥାର୍ଥ ଉତ୍ତର ଦିଆଯାଇଥିଲେ ମଧ୍ୟ ପହଲଗାମ୍ ଭଳି ନୃଶଂସ ଘଟଣାର ପୁନରାବୃତ୍ତି ଘଟିଲା। ତେଣୁ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ଯେ ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବ ଏକଥା ନୁହେଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଯେଉଁ ଆତଙ୍କୀକେନ୍ଦ୍ରକୁ ଧ୍ୱଂସ କରାଯାଇଛି ବୋଲି ଆମେ ଦାବି କରୁଛୁ, ସେଠାରେ ପୁନଃନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବାୟୁ ସେନା କେନ୍ଦ୍ରର କ୍ଷତି ନେଇ ପାକିସ୍ତାନଯେ ବ୍ୟସ୍ତ ବିବ୍ରତ ନୁହେଁ ତାହା ସେମାନଙ୍କ ପରିବର୍ତ୍ତିତ ଆଭିମୁଖ୍ୟରୁ ସ୍ପଷ୍ଟ। ପାକିସ୍ତାନର ଭାରତ ବିରୋଧୀ ରଣନୀତିର ଆତଙ୍କବାଦୀ ଅଂଶବିଶେଷ ହୋଇଥିବାରୁ ତାହାର ପୁନରାବୃତ୍ତି ଘଟିବା ପ୍ରାୟ ନିଶ୍ଚିତ। ଏ କ୍ଷେତ୍ରରେ ଭାରତର ଉତ୍ତରକୁ ଠିକଣା ଜବାବ ଦେବା ସକାଶେ ମଧ୍ୟ ପାକିସ୍ତାନ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ସମୟ କହିବ ଆଗକୁ କ'ଣ ଘଟିବ। କିନ୍ତୁ ପାକିସ୍ତାନର ଆର୍ଥିକ ସ୍ଥିତି ଯାହା, ସେଥିରେ ଏଭଳି ଏକ ପ୍ରତିଯୋଗିତାପୂର୍ଣ୍ଣ ସାମରିକ ପ୍ରସ୍ତୁତି ପାଇଁ ସେ ଦେଶବାସୀଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ।

ବିଶ୍ୱର କୂଟନୀତି ଓ ଯୁଦ୍ଧନୀତିର ପ୍ରମୁଖ ଅଂଶ ହେଲା ଅସ୍ତ୍ରଶସ୍ତ୍ର ବେପାର। ଭାରତ ଓ ପାକିସ୍ତାନର ସୀମିତ ଯୁଦ୍ଧରେ ଚୀନର ଅତ୍ୟାଧୁନିକ ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ଯେଉଁ ସୁଯୋଗ ମିଳିଲା ତାହା କେବଳ ଦକ୍ଷିଣ-ଏସିଆ ନୁହେଁ, ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଆଲୋଚନାର ବିଷୟବସ୍ତୁ ହୋଇପଡ଼ିଛି। 'ଜେଏଫ-୧୭ ଥଣ୍ଡର' ଯୁଦ୍ଧ ବିମାନର ବଜାର. ସୃଷ୍ଟି କରିପାରିଛି ଏହି ଯୁଦ୍ଧ। ନିଜସ୍ୱ ଜ୍ଞାନକୌଶଳର ନିର୍ମିତ ଭାରତର ହାଲ୍କା ଯୁଦ୍ଧ ବିମାନ 'ତେଜସ୍' ଏହାର ପ୍ରତିଦ୍ୱନ୍ଦ୍ୱୀ। ସେହିଭଳି 'ବ୍ରହ୍ମୋସ୍' ଓ 'ଆକାଶ' କ୍ଷେପଣାସ୍ତ୍ର ପ୍ରୟୋଗର ସଫଳତା ମଧ୍ୟ ବାସ୍ତବରେ ବଜାର ଚାହିଦା ବଢ଼ାଇଛି। ପର୍ଯ୍ୟବେକ୍ଷକଙ୍କ ମତରେ ଭାରତ ଓ ପାକିସ୍ତାନ ଅପେକ୍ଷା ଯୁଦ୍ଧରେ ସବୁଠାରୁ ଅଧିକ ଲାଭବାନ ହୋଇଛି ଚୀନ। 'ଅପରେସନ ସିନ୍ଦୂର'ର ପରିଣତି ଯାହା ହେଉନା କାହିଁକି ଆମକୁ 'ତେଜସ୍ ଏମ୍‌କେ-୨' ଓ 'ପିନାକ୍' କ୍ଷେପଣାସ୍ତ୍ର ପ୍ରସ୍ତୁତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଏଥିମଧ୍ୟରେ ପଞ୍ଚମ ପିଢ଼ି ଯୁଦ୍ଧ ବିମାନ ପ୍ରସ୍ତୁତି ସକାଶେ ଫ୍ରାନ୍ସ ଓ ରୁଷ. ସହ ଯୋଗାଯୋଗରେ ଅଛି ଭାରତ। ଏକଥା ଉଲ୍ଲେଖ କରିବାର କଥା ହେଲା ପ୍ରତିରକ୍ଷା ବାବଦରେ ଆମକୁ ଅଧିକରୁ ଅଧିକ ସାମରିକ ଖର୍ଚ୍ଚ କରିବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ଧାରାରେ ଶିଥିଳତା ପରିଲକ୍ଷିତ ହେବା ଏକପ୍ରକାର ନିଶ୍ଚିତ।

ଏ ପର୍ଯ୍ୟନ୍ତ ସରକାର ମୁହଁ ଖୋଲିନଥିଲେ ମଧ୍ୟ ଚଳିତ ଯୁଦ୍ଧରେ ରାଫାଲ୍ ଯୁଦ୍ଧ ବିମାନ ଯେ ଆଶାନୁରୂପ ସଫଳତା ଦେଇପାରିନାହିଁ ଏକଥା ସତ। ବଜାର ଦର ଠାରୁ ଅଧିକ ମୂଲ୍ୟ ଦେଇ ଅତିରିକ୍ତ ସରଞ୍ଜାମରେ ସୁସଜ୍ଜିତ ରାଫାଲ୍ କ୍ରୟବେଳେ ତାହାର ସିକ୍ରେଟ୍ କୋଡ୍ ହାସଲ ନ କରି ଭାରତ ସରକାର ଫସିଯାଇଛନ୍ତି। 'ବ୍ରହ୍ମୋସ୍' ସମେତ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ଖଞ୍ଜି. ସେହି ଯୁଦ୍ଧ ବିମାନରୁ ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବାର ସୁଯୋଗରୁ ବଞ୍ଚିତ ହୋଇଛି ଭାରତ। ଏହି ଯୁଦ୍ଧ ବିମାନ କ୍ରୟକୁ କେନ୍ଦ୍ର କରି ସରକାର ଯେଉଁ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତାହା ଏବେ ବି ଦେଶବାସୀଙ୍କ ମନରୁ ଲିଭିନାହିଁ। ନୌବାହିନୀ ସକାଶେ ଡାସଲ୍ଟ ଆଭିଏସନ୍ କମ୍ପାନୀ ସହ କରିଥିବା ଦ୍ୱିତୀୟ ଚୁକ୍ତିକୁ ଶେଷରେ ଭାରତ ସରକାର ରଦ୍ଦ କରିବା ଭଳି ପରିସ୍ଥିତି ଉପୁଜିଛି। ଏକଥା ସତ ଯେ ବିଫଳତାରୁ ହିଁ ଶିକ୍ଷା ଲାଭ କରିହୁଏ। ଏ ପର୍ଯ୍ୟନ୍ତ ଯୁଦ୍ଧବିମାନ କ୍ରୟ ନେଇ ରୁଷ୍ ଉପରେ ନିର୍ଭର କରିଆସୁଥିବା ଭାରତ ସରକାର ମିଗ୍-୩୦ କ୍ରୟ ନ କରି ହଠାତ୍ ରାଫାଲ୍ ପ୍ରତି ଆକର୍ଷିତ ହେବା ପଛରେ ଅନିଲ୍ ଅମ୍ବାନୀଙ୍କ ଭୂମିକା ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହେଁ। ତତ୍‌କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଆପତ୍ତିକୁ ସେତେବେଳେ ଗୁରୁତ୍ୱ ଦିଆଯାଇନଥିଲା। ସେ ଯାହାହେଉ ଏବେ ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବାକୁ ହେବ।

ଏହା ପାକିସ୍ତାନ ସହ ଯୁଦ୍ଧବିରାମ ନେଇ କ'ଣ ପ୍ରାକ୍ ସର୍ତ୍ତ ଥିଲା ତାହା ଏବେ ମଧ୍ୟ ଅସ୍ପଷ୍ଟ। କିନ୍ତୁ ଏହା ସତ ଯେ ଆତଙ୍କବାଦ କାର୍ଯ୍ୟକଳାପ ପୂର୍ବଭଳି ଅପରିବର୍ତ୍ତିତ ରହିବ। କାରଣ ସେମାନେ ହେଉଛନ୍ତି ପାକିସ୍ତାନ ଶାସନ ବ୍ୟବସ୍ଥାର ଅଂଶବିଶେଷ। ସୁଖର କଥା ଯେ ମୋଦୀ ସରକାର କ୍ରମାଗତ ତୃତୀୟ ଥର ସକାଶେ ଆତଙ୍କବାଦ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ଭୟାବହ ହେବ। ଉଭୟ ପକ୍ଷର ପ୍ରସ୍ତୁତିର ଏହା ସ୍ପଷ୍ଟ ହେଉଛି। ●

## ସହରୀ ଗଛର ବେସାହାରା ଜୀବନ

ଡ. ବିଜୟକେତନ ପଟ୍ଟନାୟକ

ଭାରତ ସମେତ ସାରା ବିଶ୍ୱରେ ସହରୀକରଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ପୃଥିବୀର ମୋଟ ଲୋକସଂଖ୍ୟାର ୫୦ ପ୍ରତିଶତ ଏବେ ସହରାଞ୍ଚଳରେ ବସବାସ କରୁଛନ୍ତି। ଆକଳନ ମୁତାବକ, ୨୦୫୦ ବେଳକୁ ସହରୀ ଲୋକଙ୍କ ସଂଖ୍ୟା ୭୦ ପ୍ରତିଶତକୁ ବୃଦ୍ଧି ପାଇପାରେ। ୨୦୧୧ ଜନଗଣନା ଅନୁସାରେ, ଆମ ଦେଶରେ ସହର ସଂଖ୍ୟା ଥିଲା ୭,୯୪୫। ୧୯୦୧ ଗଣନା ଅନୁସାରେ, ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୧୦.୮୪ ଥିବା ବେଳେ ସର୍ବଶେଷ ୨୦୧୧ ଜନଗଣନା ଅନୁଯାୟୀ ଏହି ସଂଖ୍ୟା ୩୨.୨ ପ୍ରତିଶତକୁ ବୃଦ୍ଧି ପାଇଛି। ସହରବାସୀଙ୍କ ସଂଖ୍ୟା ସେବେ ଥିଲା ୩୭.୭ କୋଟି। ଏବେ ଏହି ସଂଖ୍ୟା ୫୦ କୋଟି ପାର କରି ସାରିବଣି। ସହର ସଂଖ୍ୟା ମଧ୍ୟ ୪୦୦୦ରୁ ଅଧିକ ହେଲାଣି। ଆପାତତଃ ଦେଶରେ ସହରୀକରଣର ହାର ୨୦୦୧ରେ ୨୭.୭ ପ୍ରତିଶତ ଥିଲାବେଳେ, ୨୦୧୧ ବେଳକୁ ୩୧.୧ ପ୍ରତିଶତକୁ ବୃଦ୍ଧି ପାଇଛି।

ବିଗତ ଦୁଇବର୍ଷ ହେଲା 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ ପ୍ରଭାବ (ହିଟ୍ ଆଇଲ୍ୟାଣ୍ଡ ସିଣ୍ଡ୍ରୋମ୍) ଅନେକ ପ୍ରମୁଖ ସହରାଞ୍ଚଳରେ ଦେଖିବାକୁ ମିଳୁଛି। ସହରର ତାପମାତ୍ରା ଗ୍ରୀଷ୍ମ ଋତୁରେ ୪୦ ଡିଗ୍ରୀ ସେଣ୍ଟିଗ୍ରେଡରୁ ଅଧିକ ରହୁଛି। ହିଟ୍ ଆଇଲ୍ୟାଣ୍ଡ ଉପସର୍ଗ ହେଉଛି, ସହରାଞ୍ଚଳ ଏକ ଛୋଟ ଜଙ୍ଗଲ ବା ଗ୍ରାମାଞ୍ଚଳ। ଗ୍ରୀଷ୍ମ ଋତୁରେ ବାହାରର ତାପମାତ୍ରା ତୁଳନାରେ ସହରର ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଣ୍ଟିଗ୍ରେଡ ଅଧିକ ଅନୁଭୂତ ହୋଇଥାଏ। ଆମ ରାଜ୍ୟରେ ମଧ୍ୟ ଗତ ଗ୍ରୀଷ୍ମଋତୁରେ ଏହି ପ୍ରଭାବ ଝାରସୁଗୁଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଅନୁଗୁଳ-ତାଳଚେର ଓ ଭୁବନେଶ୍ୱରରେ ଦେଖିବାକୁ ମିଳିଛି, ଯେଉଁଠି ତାପମାତ୍ରା ବେଳେବେଳେ ୪୫ ଡିଗ୍ରୀକୁ ଟପିଯାଏ।

ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘର ହାବିଟାଟ ପ୍ରେସକ୍ରିପସନ୍ ହେଉଛି ୩-୩୦.-୩୦୦, ଯାହା ଅତ୍ୟନ୍ତ ଉପଯୋଗୀ। ଏହାର ଅର୍ଥ ହେଲା, ପ୍ରତ୍ୟେକ ବାସଗୃହ, କାର୍ଯ୍ୟସ୍ଥଳୀ, ସ୍କୁଲ ହତା ନିକଟରେ ଅତିକମରେ ତିନୋଟି ପ୍ରାପ୍ତ ବୟସ୍କ ଗଛ ଦେଖିବାକୁ ମିଳୁଥିବ, ଚତୁଃପାର୍ଶ୍ୱରେ ୩୦ଟି ବଡ଼ ଗଛ ଶୋଭା ପାଉଥିବ। ସେହିପରି ପ୍ରତ୍ୟେକ ୱାର୍ଡରେ ୩୦୦ ମିଟର ଚାଲିକରି ବା ସାଇକେଲ୍‌ରେ ଗଲେ ଅଧ ହେକ୍ଟରରୁ ଏକ ଏକର ଆୟତନର ପାର୍କ ବା ସବୁଜ ପ୍ରାନ୍ତରଟିଏ ଥିବ। ମିଳିତ ଜାତିସଂଘ ତରଫରୁ ଘୋଷଣା ହୋଇଥିବା ଏହି ୩-୩୦-୩୦୦ ନୀତି କିପରି ପାଳନ ହେବ ତାହା ବିଚାର୍ଯ୍ୟ। କିଛିବର୍ଷ ପୂର୍ବରୁ ସହରାଞ୍ଚଳରେ ବାସଗୃହଟିଏ ନିର୍ମାଣ କଲେ ଭୁବନେଶ୍ୱରର ଉନ୍ନୟନ କର୍ତ୍ତୃପକ୍ଷ ପ୍ଲାନ୍ ଅନୁମୋଦନ କରୁଥିଲେ। ଅନୁମୋଦନ ପତ୍ରରେ ନିର୍ଦ୍ଦିଷ୍ଟ ଥିଲା, ଗୃହ ନିର୍ମାଣ କଲାବେଳେ ଆଗରେ ଦଶଫୁଟ ଏବଂ ପଛପଟେ ଓ ଅନ୍ୟ ଦୁଇପଟେ ପାଞ୍ଚ ଫୁଟ ଲେଖାଏଁ ଯାଗା ଛାଡ଼ିବା ଉଚିତ। ଏବେ ସେ ନିୟମ ବଦଳି ଗଲାଣି। ଆଗରେ ପୂର୍ବଭଳି ଦଶଫୁଟ ଛାଡ଼ିବାର ବ୍ୟବସ୍ଥା ଥିଲାବେଳେ ଅନ୍ୟ ତିନିପଟେ ପାଞ୍ଚଫୁଟ ଛାଡ଼ିବା ନିୟମଟା କମିଯାଇ ତିନିଫୁଟ କରାଯାଇଛି। ସେଥିରୁ ଫୁଟେ ପାଚେରୀ ଚାଲିଗଲେ ଆଉ ରହିବ ମାତ୍ର ଦୁଇଫୁଟ। କହିଲେ ଦୁଇଫୁଟରେ କେଉଁ ବଡ଼ ଗଛ ଲଗାଯାଇପାରିବ, ଯାହା ଭବିଷ୍ୟତରେ ପାଖ ପାଚେରିରୁ ଫଟାଇବ ନାହିଁ?

ନିକଟ ଅତୀତରେ ଆଇ.ଆଇ.ଟି ଭୁବନେଶ୍ୱର, 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ' ସନ୍ଦର୍ଭରେ ଭୁବନେଶ୍ୱର ଉପରେ ଏକ ଅଧ୍ୟୟନ କରିଥିଲେ। ସେମାନଙ୍କ ଅନୁଶୀଳନର ନିଷ୍କର୍ଷ ଥିଲା - ନିକଟସ୍ଥ ଗ୍ରାମାଞ୍ଚଳ ତୁଳନାରେ ଭୁବନେଶ୍ୱର ସହର ଅଧିକ ଉତ୍ତପ୍ତ ହେବାର କାରଣଗୁଡ଼ିକ ହେଲା, ଦ୍ରୁତ ସହରୀକରଣ ଫଳରେ ଗୃହନିର୍ମାଣ ସ୍ଥାନର ବ୍ୟାପକ ବୃଦ୍ଧି, ସହରର ସବୁଜିମା ବା ସବୁଜ ବଳୟ ହ୍ରାସ, ଖୋଲାସ୍ଥାନ କମିଯିବା ଏବଂ ଆର୍ଦ୍ରଭୂମି , ନଦୀ, ନାଳର ପରିସୀମା ସଂକୁଚିତ ହେବା ଇତ୍ୟାଦି। ସହରର ମୁଖ୍ୟ ରାସ୍ତାରୁ ବାହାରିଥିବା ଗଳି ରାସ୍ତାଗୁଡ଼ିକ ସିମେଣ୍ଟ କଂକ୍ରିଟ ବା ପିଚୁ କରିଦେବା ଫଳରେ ଏହା ସୂର୍ଯ୍ୟାଲୋକରୁ ଉତ୍ତାପ ଆହରଣ କରୁଛି। କିନ୍ତୁ ବିକିରିତ ଉତ୍ତାପ ସହରର କୋଠାବାଡ଼ି ଓ ବହୁତଳ ପ୍ରାସାଦ ଭିତରେ ବନ୍ଦୀ ହୋଇ ରହିଯାଉଛି। ବାଷ୍ପୀକରଣ ପ୍ରକ୍ରିୟାରେ ଏହା ବାହାରକୁ ଯାଇପାରୁନାହିଁ। ଗତ ୧୫ ବର୍ଷ ଭିତରେ ଭୁବନେଶ୍ୱରର ସହରୀକରଣ ୮୩ ପ୍ରତିଶତ ବୃଦ୍ଧି ପାଇଛି। ସେହି ପରିମାଣରେ ଅର୍ଥାତ୍ ୮୦ ପ୍ରତିଶତ ସବୁଜିମା ହ୍ରାସ ପାଇଛି। ଆର୍ଦ୍ରଭୂମି ୨ ପ୍ରତିଶତ ଏବଂ ସହର ଚତୁଃପାର୍ଶ୍ୱରେ ଥିବା ଚାଷଜମିର ଆୟତନ ମଧ୍ୟ ୮୩ ପ୍ରତିଶତ ହ୍ରାସ ପାଇଛି।

କେତୋଟି ଉଦାହରଣ ଏଠି ଦିଆଯାଇପାରେ। ଭୁବନେଶ୍ୱର ଦକ୍ଷିଣ ପଟକୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇଥିବା ରାଜରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିରେ ଘର, ଦୋକାନ, ବଜାର ଆଦି ଗଢ଼ି ଉଠିଲାଣି। ପଶ୍ଚିମ ପଟେ ଚନ୍ଦକା ପର୍ଯ୍ୟନ୍ତ ଥିବା ଜଙ୍ଗଲ କଟାଯାଇ ବସତି ସ୍ଥାପିତ ହୋଇଛି। ସହର ଭିତରେ ଯାଇଥିବା ରାସ୍ତା ପ୍ରଶସ୍ତକରଣ ନିମନ୍ତେ ପଥପାର୍ଶ୍ୱ ବନୀକରଣରେ ଲାଗିଥିବା ଗଛଗୁଡ଼ିକୁ ବାରମ୍ବାର କଟାଯାଉଛି। ପୂର୍ବେ ଭୁବନେଶ୍ୱରରୁ ବର୍ଷାଜଳ ଓ ଆବର୍ଜନା ନିଷ୍କାସନ ନିମନ୍ତେ ସାତ/ଆଠଟି ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀ ଥିଲା। ସେଗୁଡ଼ିକ ଏବେ ପୋତି ହୋଇ ତା' ଉପରେ କୋଠାବାଡ଼ି ନିର୍ମାଣ ହେଲାଣି, ଯାହା ସହରରୁ ଜଳ ନିଷ୍କାସନ ହେବାରେ ଅବରୋଧ ସୃଷ୍ଟି କରୁଛି।

ପ୍ରତିବର୍ଷ ସହରର ମୁଖ୍ୟ ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ଅଞ୍ଚଳରେ ଏବଂ ଗଳି ରାସ୍ତାର ଦୁଇପାର୍ଶ୍ୱରେ ନିମ୍ବ, କରଞ୍ଜ, ଶାଗୁଆନ, ବଉଳ, ଚମ୍ପା ଆଦି ଚିରସବୁଜ ବୃକ୍ଷରୋପଣ କରାଯାଉଛି। କିଛିବର୍ଷ ଖାଲିଥିବା ପ୍ଲଟ୍‌ରେ କେହି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ, ସାମ୍ନାରେ ଥିବା ଗଛଗୁଡ଼ିକୁ କାଟି ଦିଅନ୍ତି। କଥାରେ ଅଛି, 'ଅରକ୍ଷିତକୁ ଦଇବ ସାହା'। କିନ୍ତୁ ଏଠି ରାସ୍ତାକଡ଼ରେ ଲଗାଯାଇଥିବା ଗଛର ସାହା, ଭରସା କେହି ନାହାନ୍ତି। ସେଗୁଡ଼ିକ ସଂପୂର୍ଣ୍ଣ ରୂପେ ବେସାହାର। କେହି ସଚେତନ ନାଗରିକ ଚାହିଁଲେ ବି କିଛି ଫଳ ମିଳେନା। ଧରନ୍ତୁ ଗଛଟିଏ କିଏ କାଟିଦେଲା ଏବଂ ଆପଣ ପୁଲିସକୁ ଫୋନ କରି ଏକଥା ଜଣାଇଲେ। ସେମାନଙ୍କଠାରୁ ଉତ୍ତର ଆସିବ, ଆପଣ ବନବିଭାଗକୁ ଜଣାନ୍ତୁ। ନିକଟସ୍ଥ ବନଖଣ୍ଡ ଅଧିକାରୀଙ୍କୁ ଫୋନ କଲେ, ସେ ମହାଶୟ ସବୁକଥା ଶୁଣିସାରିଲା ପରେ କହିବେ, ବନ ଉନ୍ନୟନ ନିଗମକୁ ରାସ୍ତା କଡ଼ରେ ଗଛ ଲଗାଇବାର ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କୁ ଅବଗତ କରାନ୍ତୁ। ବନ ନିଗମର ଡିଭିଜନାଲ ମ୍ୟାନେଜରଙ୍କୁ ଜଣାଇଲେ ସେ କହିବେ, ଆମେ ଗଛ ଲଗାଇବାର ତିନିବର୍ଷ ପରେ ସେଗୁଡ଼ିକୁ ମହାନଗର ନିଗମକୁ ହସ୍ତାନ୍ତର କରିଦେଉ। ତେଣୁ ଏବେ ସେମାନେ ହିଁ ଗଛର ମାଲିକ। ମହାନଗର ନିଗମର କ୍ଷେତ୍ର ଅଧିକାରୀଙ୍କୁ ଜଣାଇଲେ ସେ କୁହନ୍ତି, ଗଛ ପାଇଁ ଏଫ.ଆଇ.ଆର୍ ଦାଖଲ ହୋଇ ପାରିବ କି ନାହିଁ ମୋତେ ଜଣାନାହିଁ। ଆପଣ ସମସ୍ତ ବିଷୟ ଲେଖି ଦରଖାସ୍ତଟିଏ ଦିଅନ୍ତୁ। ଆମେ ବିଚାର କରି ନିଷ୍ପତ୍ତି ନେବୁ। କଥା ସେଇଠି ରହିଯାଏ।

ରାସ୍ତା କଡ଼ରେ ଲଗାଯାଇଥିବା ଗଛର ରକ୍ଷଣାବେକ୍ଷଣା ପାଇଁ, ଏପରି ସମସ୍ୟା ସୃଷ୍ଟି ହେବାର ମୂଳ କାରଣ ହେଲା, ଭୁବନେଶ୍ୱର ବା ଅନ୍ୟ ସହର ପାଇଁ ଓଡ଼ିଶାରେ 'ଟ୍ରି-ଆକ୍ଟ' ଟିଏ ନାହିଁ। ଅଥଚ ଦିଲ୍ଲୀ, ଚେନ୍ନେଇ, ମୁମ୍ବାଇ ଓ ବେଙ୍ଗାଲୁରୁ ସହରରେ 'ଟ୍ରି ପ୍ରୋଟେକସନ ବା ପ୍ରିଜରଭେସନ ଆକ୍ଟ' ରହିଛି। ସେ ସବୁ ସହରରେ ରାସ୍ତାକଡ଼ରୁ ଗଛକୁ ଅନିୟମିତ ଭାବେ କାଟିବା ବା କ୍ଷତି ପହଞ୍ଚାଇବା ଦଣ୍ଡନୀୟ।

ଆମେ ସମସ୍ତେ ଜାଣିଛେ, ସହରାଞ୍ଚଳରେ ପ୍ରଚୁର ପରିମାଣରେ ବୃକ୍ଷରୋପଣ କେତେ ଜରୁରୀ। ହିଟ୍ ଆଇଲ୍ୟାଣ୍ଡ ପ୍ରଭାବକୁ ରୋକିବା ସହିତ ଏହା ପରିବେଶକୁ ବିଶୁଦ୍ଧ ରଖେ। ଛାୟା ପ୍ରଦାନ କରି ବାତାବରଣକୁ ସୁଶୀତଳ ରଖେ। ବାୟୁରୁ ଧୂଳିକଣା, ସୂକ୍ଷ୍ମ କଣିକାମାନ ଛାଣିନେଇ ପ୍ରଦୂଷଣ ମୁକ୍ତ କରେ। ବୃଷ୍ଟିଜଳକୁ ସଂରକ୍ଷଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୁଏ। ଯାନବାହନ ଚଳାଚଳ କରୁଥିବା ସହରର ରାଜରାସ୍ତାର ଦୁଇପଟେ ୧୦ ମିଟର ଓସାରରେ ଗଛ ଲାଗିଥିଲେ ଶବ୍ଦ ପ୍ରଦୂଷଣ ପାଞ୍ଚ ଡେସିମେଲ୍ ପର୍ଯ୍ୟନ୍ତ କମିଯାଏ। ସହର ଭିତର ଉତ୍ତାପ ଅପେକ୍ଷାକୃତ କମ୍ ରହିବା କାରଣରୁ ଏୟାରକଣ୍ଡିସନ ବ୍ୟବହାର କମିଯାଏ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ ପାଏ। ଶକ୍ତି ସଂଚୟ ହୁଏ। ଏହା ଏକ ଚକ୍ରୀୟ ପ୍ରକ୍ରିୟା। ତେଣୁ ଆମ ସହରରେ 'ବେସାହାରା' ଭାବେ ବଢୁଥିବା ଗଛଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କରିବା ପାଇଁ 'ଟ୍ରି-ପ୍ରିଜରଭେସନ ଆକ୍ଟ' ପ୍ରଣୟନ ଏକାନ୍ତ ଜରୁରୀ। ●

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଗଣନାର ଯୁଗଯନ୍ତ୍ରଣା

ଧ୍ରୁବ ଚରଣ ଘିବେଲା

ଆମ ଦେଶରେ ଜନଗଣନା ପ୍ରତି ଦଶବର୍ଷରେ ଥରେ ହୁଏ। ଏଥିରେ ଗାଁରୁ ଆରମ୍ଭ କରି ବ୍ଲକ, ସବ୍‌ଡିଭିଜନ, ଜିଲ୍ଲା, ରାଜ୍ୟ, ସର୍ବୋପରି ରାଷ୍ଟ୍ରର ଜନସଂଖ୍ୟା ସାମ୍ନାକୁ ଆସିଥାଏ। ନିର୍ବାଚନ ପାଇଁ ଭୋଟର ଗଣନା ବି ହୁଏ; ୧୮ ଓ ତଦୂର୍ଦ୍ଧ୍ୱ ବୟସର ସାବାଳକଙ୍କୁ ଚିହ୍ନଟ କରାଯାଏ ଭୋଟଦାନର ଅଧିକାର ପ୍ରଦାନ କରାଯିବା ପାଇଁ। ଏହାବାଦ୍ ହାତୀ, ବାଘ, ମଗର ଓ ପକ୍ଷୀ ଗଣନା ବି ହୁଏ। ଥରେ ଦିଲ୍ଲୀରେ କେତେ କାଉ ଅଛନ୍ତି ତା'ର ସବିଶେଷ ତଥ୍ୟ ଜଣାଇବାକୁ ସମ୍ରାଟ ଆକବର ବୀରବଲଙ୍କୁ ଆଦେଶ ଦେଲେ। କେଉଁଠୁ କେମିତି ଗଣନା ଆରମ୍ଭ କରିବେ, ତାହା ଭାବି ଚିନ୍ତାରେ ପଡ଼ିଲେ ବୀରବଲ। କିନ୍ତୁ ତାଙ୍କ ବିଦୂଷୀ ପତ୍ନୀ କହିଲେ ଦିଲ୍ଲୀରେ ସମୁଦାୟ କାଉ ସଂଖ୍ୟା ସାତ ଲକ୍ଷ ଅଶୀ ହଜାର ଅଠେଇଶ। ବୀରବଲ ପଚାରିଲେ, 'ତୁମେ କେମିତି ଜାଣିଲ?' ପତ୍ନୀ କହିଲେ, 'ସେମିତି ଗୋଟେ ସଂଖ୍ୟା ମନରୁ କହିଦେଇଛି। ଏ ଉତ୍ତର ରଖିଲା ପରେ ଆକବର କ'ଣ ଆଉ କାହାକୁ କାଉ ଗଣିବାକୁ କହି ଏ ଉତ୍ତରର ସତ୍ୟତା ପରଖିବେ?' ବୀରବଲ ପୁଣି ପଚାରିଲେ, 'ଯଦି ଗଣନ୍ତି, ଆଉ କାଉ ସଂଖ୍ୟା କମ ବେଶି ହୁଏ?' ବିଦୂଷୀ ପତ୍ନୀ କହିଲେ, ଯଦି ଗଣତି କରନ୍ତି ଏବଂ କିଛି କମ୍ ବେଶୀ ହୁଏ ତେବେ କମ ହେଲେ କହିବ କାଉ କୁଣିଆ ଯାଇଛନ୍ତି, ବେଶି ହେଲେ କହିବ କୁଣିଆ ଆସିଛନ୍ତି।' ବୀରବଲ ପତ୍ନୀଙ୍କ କହିବା ଅନୁସାରେ ରାଜଦରବାରେ ଉତ୍ତର ରଖି ପ୍ରଶଂସାଭାଜନ ହେଲେ।



ବେଳେବେଳେ ଏଭଳି ଅବାନ୍ତର ଗଣନା ପାଇଁ ବଡ଼ବଡ଼ିଆଙ୍କ ମୁଣ୍ଡକୁ ଅଜବ ନିଶା ଘାରେ। ଏବେ ଏଭଳି କେତେ ଯେ ଗଣନା କରାଗଲାଣି, ତା'ର ଇୟତ୍ତା ନାହିଁ। କାହାର ଛୁଆ କେତେ, ଛୁଆ ଭିତରେ ପୁଅ ଓ ଝିଅ ପିଲା ସଂଖ୍ୟା କେତେ ହିସାବ ରଖାଯାଉଛି। ଗାଆଁ ସହର ସାହି ଘର ଘର ବୁଲି ଘରଗଣନା ବି ହେଲାଣି। ଏପରି କି ପରିବାର ସର୍ବେକ୍ଷଣ କରାଗଲାଣି ଏବଂ ପରିବାରରେ କିଏ ଗର୍ଭବତୀ ଅଛନ୍ତି, ତା'ର ତଥ୍ୟ ବି ନିଆଯାଉଛି। ଆଉ କିଛିଦିନ ପରେ ହୁଏତ ଗଛଲତା, ରୋଗୀ ଓ ନିରୋଗୀ ସଂଖ୍ୟା, ସକାରାତ୍ମକ ମଣିଷ, ଭଲ ମଣିଷ, ନିଦା ମଣିଷ, ଅମାନିଆ ମଣିଷ, ଫମ୍ପା ମଣିଷଙ୍କ ସଂଖ୍ୟା ମଧ୍ୟ ଗଣନା ହେବ।

ଏହି ପରିପ୍ରେକ୍ଷୀରେ ଏବେ ସମାଜରେ କବି-ଲେଖକଙ୍କ ସଂଖ୍ୟା ବଢୁଛି(ହେଲେ ପାଠକଙ୍କ ସଂଖ୍ୟା କମୁଛି)। ଏସବୁ ଯୁଗ ଯନ୍ତ୍ରଣା ସୂଚକ। ଏବେ ଗାଁ-ସହର ସବୁଠି କବି। ସାହିରେ ସାହିରେ କବି। ଘରେ ଘରେ ବି ବାହାରିଲେଣି କବି। ଉଭା ଯେତେ, ପୋତା ସେତେ। ପ୍ରକାଶିତ ଅର୍ଥରେ ଉଭାକୁ ବୁଝନ୍ତୁ ଏବଂ ଅପ୍ରକାଶିତ ଅର୍ଥରେ ପୋତାକୁ ବୁଝନ୍ତୁ। ଆହୁରି ସ୍ପଷ୍ଟ ଶବ୍ଦରେ କହିଲେ ଲେଖାଲେଖି କରି ଯିଏ ଏଠି ସେଠି ଖବରକାଗଜରେ ଅବା ପତ୍ରପତ୍ରିକାରେ ଲେଖା ପ୍ରକାଶିତ କରନ୍ତି ସିଏ ଉଭା ବା ପ୍ରକାଶିତ କବି। ଯିଏ ଲେଖା କେଉଁଠି ପ୍ରକାଶ କରାନ୍ତିନି ସିଏ ପୋତା ବା ପ୍ରକାଶ ଆଢୁଆଳରେ ରହୁଥିବା କବି। କବିସୂର୍ଯ୍ୟଙ୍କ ଭାଷାରେ 'ରବି ହେଲେ ଜ୍ୟୋତିରିଙ୍ଗଣ ପୋକ, କବି ହୋଇଗଲେ ସମସ୍ତ ଲୋକ' ଉକ୍ତିର ଯଥାର୍ଥତା ତଥା ପ୍ରାସଙ୍ଗିକତା ଆଜିର ଦିନରେ ବେଶ ଅନୁଭବ ହୁଏ ଏବଂ ଅନୁଭବ କରାଯାଏ। ପୁଣି କେଉଁଠି ଦେଖାଯାଏ କବିତା ପାଠ ହେଲେ ଶ୍ରୋତାଙ୍କ ସଂଖ୍ୟାଠୁ କବି ଥା'ନ୍ତି ଅଧିକ। ମଞ୍ଚତଳର ଶ୍ରୋତା ମଣିଷଠୁ ମଞ୍ଚ ଉପରେ ଥା'ନ୍ତି ଅଧିକ ମଞ୍ଚମଣିଷ।

କବି ସଂଖ୍ୟା ଦିନକୁ ଦିନ ବଢୁଛି, ଏ କଥା ଖାଲି ଅନୁମାନ କରି କୁହାଯାଉନାହିଁ। ଏହା କୁହାଯାଉଛି, ପ୍ରତ୍ୟକ୍ଷରେ ଦେଖି ଯେ ସାହିତ୍ୟସଭାରେ ଅର୍ଦ୍ଧଶତକ, ଶତକ, ଦ୍ୱିଶତକ କବିଙ୍କୁ ପୁଣି ଗୋଟେ ଦିନରେ ଗୋଟେ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଉଛି। ଯେଉଁଠି ଶହଶହ କବିଙ୍କୁ ପୁରସ୍କାର ଦିଆଯାଏ, ସେଠି ଜଣ ଜଣକର ମାନପତ୍ର ପଠନ କରିବା ଆଉ ସମ୍ଭବ ହୋଇ ନଥାଏ। ଖାଲି ଗୋଟେ ନୀତି ଧରାଯାଏ - ନାଁ ଡକାଗଲେ ମଞ୍ଚକୁ ଆସ, ଆଉ ମାନପତ୍ରଟି ହାତେଇ ନେଇ ଯାଅ। ପୁଣି ଯେଉଁଠି ସାହିତ୍ୟ ସଭା କରାଯାଉଛି, ସେଠି ବି ରହୁଛି କବିତା ପାଠ କାର୍ଯ୍ୟକ୍ରମ। କବିଙ୍କୁ କବିତା ପଢ଼ିବା ସହିତ କବିଙ୍କ ହାତରେ ଧରେଇ ଦିଆଯାଏ ଗୋଟେ ଗୋଟେ ପ୍ରମାଣପତ୍ର।

ଏହା ଗୋଟେ ଧାରା ପାଲଟିଛି କବିଙ୍କୁ ଟାଣିବା ପାଇଁ। କେଉଁଠି କେଉଁଠି ପ୍ରମାଣପତ୍ର ସହିତ ଦିଆଯାଏ ଖଣ୍ଡେ ଖଣ୍ଡେ ଗାମୁଛା। ତାହା ହୋଇଯାଏ କବି ହେବାର ଠୋସ ସ୍ୱୀକୃତିପତ୍ର। ଯେଉଁଠି କବି ଅସଲ ପୁରସ୍କୃତ ବା ସମ୍ବର୍ଦ୍ଧିତ ହୁଅନ୍ତି ସେଠି ପାଆନ୍ତି ମାନପତ୍ର, ସ୍ମୃତିଫଳକ, ସୁନ୍ଦର ଉତ୍ତରୀୟ। ସାଧାରଣତଃ ପ୍ରମାଣପତ୍ରଠୁ ମାନପତ୍ରର ମାନସମ୍ମାନ ବିବେଚିତ ହୁଏ ଅଧିକ। ଆଜିକାଲି ସବୁଠି କବି ଏତେ ସଂଖ୍ୟାରେ ପୁରସ୍କୃତ ହେଉଛନ୍ତି ଯେ ଏଥିରୁ ସହଜେ ମନେକରାଯାଇପାରେ କବିଙ୍କ ସଂଖ୍ୟା ଆମ ଏଠି ବଢୁଛି ନିଶ୍ଚୟ। ତେଣୁ କବିଙ୍କ ସଂଖ୍ୟା ଗାଁ, ସହରରେ ପ୍ରକୃତରେ କେତେ ରହିଛି, ସେ କଥା ଜାଣିବା ପାଇଁ କବି ଲେଖକ ଗଣନା ହେବା ନିହାତି ଆବଶ୍ୟକ ମନେ ହୁଏ। ସରକାରୀ ହେଉ କି ବେସରକାରୀ ଗଣନା କରାଯାଉ। ସେଥିରୁ ନୂଆ ତଥ୍ୟ ସାମ୍ନାକୁ ଆସିପାରେ। ସେମାନଙ୍କ ଭିତରେ ବି ରହିଥାଇପାରନ୍ତି ଦୁଃସ୍ଥ କବି, ସୁସ୍ଥ କବି, ଅସୁସ୍ଥ କବି, ସବଳ କବି, ଦୁର୍ବଳ କବି, ଚତୁର କବି, ଆଶୁ କବି, ଚାନ୍ଦାଜୀବୀ କବି, ଯୋଗାଡ଼ିଆ କବି, ଯାଦୁଆ କବି, ଗୋଠଛଡ଼ା କବି ଏମିତି କେତେ କଣ! ଏହା ହିଁ ଗଣନାର ବାସ୍ତବ ନିର୍ଯାସ ଆଉ ଆଧୁନିକ ଯୁଗର ଯନ୍ତ୍ରଣା। ●

ବୌଦ୍ଧ, ମୋ: ୯୪୩୭୪୭୮୪୬୬

## ସୃଜନ-ଦୀପ୍ତ ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଆଜି ପର୍ଯ୍ୟନ୍ତ ସାହିତ୍ୟିକ ଓ ପାଠକ ମହଲରେ ଏକ ଭ୍ରାନ୍ତ ଧାରଣା ରହି ଆସିଛି ଯେ, ପତ୍ରପତ୍ରିକା ସମ୍ପାଦନା ଏବଂ ସାଂଗଠନିକ କାର୍ଯ୍ୟ ହେଉଛି ସୃଜନଶୀଳତାର ବିକାଶ ପଥରେ ଏକ ପ୍ରତିବନ୍ଧକ। ତେଣୁ ଅନେକ କବି, ଲେଖକ ଏହି ମହତ କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ଆନ୍ତରିକ ସ୍ୱୀକୃତି ଦେଇପାରନ୍ତି ନାହିଁ। ଯଦି କେହି ଏକ ଉଚ୍ଚାଭିଳାଷ ନେଇ ଏଭଳି କାର୍ଯ୍ୟ ପ୍ରତି ଆକୃଷ୍ଟ ଓ ସଂଶ୍ଳିଷ୍ଟ ହୁଅନ୍ତି, ତେବେ ଅପ୍ରିୟ ହେବା ଆଶଙ୍କାରେ, ଜୀବନ ଅଶାନ୍ତିମୟ ହେବାର ତାଡ଼ନାରେ, ସାହିତ୍ୟ ସାଧନା ବ୍ୟାହତ ହେବାର ଯନ୍ତ୍ରଣା ଭୋଗ କରି ସେଥିରୁ ମୁକ୍ତିର ମାର୍ଗ ଅନ୍ୱେଷଣ କରନ୍ତି। ଅପରପକ୍ଷରେ ସ୍ୱକୀୟ ମୌଳିକ ପ୍ରତିଭା ସତ୍ତ୍ୱେ ଦେଶ, ଜାତି ଓ ସମାଜର ପ୍ରଗତି ସକାଶେ ସମ୍ପାଦନା ଓ ସଂଗଠନ ସହିତ ଅନ୍ତର ସଂଲଗ୍ନ କରି ଆପଣାକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦିଅନ୍ତି ଅନେକ ଅସାଧାରଣ ବ୍ୟକ୍ତିତ୍ୱ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏହି ସମୁଚ୍ଚ ସୋପାନର ସମର୍ପିତ ଏକ ବିରଳ ଆତ୍ମା।

ବଡ଼ମ୍ବାରେ ଶିକ୍ଷକ ଭାବରେ କି ଶାନ୍ତିମୟ ଜୀବନ ଅତିବାହିତ ହୋଇଥା'ନ୍ତା ତାଙ୍କର! ଏହାବ୍ୟତୀତ ତାଙ୍କ ପାଣ୍ଡିତ୍ୟକୁ ସାହିତ୍ୟ ସର୍ଜନାରେ ବିନିଯୋଗ କରିପାରିଥା'ନ୍ତେ। ବୁଧ ହଂସ କେଳିସର ବାମଣ୍ଡାର ମହାରାଜା ସାର ବାସୁଦେବ ସୁଢଳ ଦେବ କି ପ୍ରଖର କିରଣ ତାଙ୍କ ବ୍ୟକ୍ତିତ୍ୱକୁ ଆଭାମୟ କରିଥିବାର ଦୃଶ୍ୟ ଦେଖିଲେ, ତାହା ସିଏ ହିଁ ଅନୁଭବ କରିଥିବେ ସିନା! ଦେବଗଡ଼ରୁ ପଣ୍ଡିତ ବିଦ୍ୟାରତ୍ନଙ୍କ ବଳିଷ୍ଠ ସମ୍ପାଦନାର ସ୍ୱାକ୍ଷର ନେଇ ଉଭାସିତ ହୋଇଉଠିଲା 'ସମ୍ବଲପୁର ହିତୈଷିଣୀ' ୧୮୮୯ ମଇମାସରେ। ଛିନ୍ନ-ବିଚ୍ଛିନ୍ନ ଓଡ଼ିଆ ଜାତିକୁ ଗୋଟିଏ ସୂତ୍ରରେ ଆବେଗାବଦ୍ଧ କରିବା ପାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ମର୍ଯ୍ୟାଦା ରକ୍ଷା ନିମିତ୍ତ ଦୁଇଟି ମାତ୍ର ଶବ୍ଦରେ ପ୍ରକାଶ କରିବାକୁ ଗଲେ 'ଓଡ଼ିଆ ଅସ୍ମିତା'ର ଜାଗରଣ ସ୍ୱପ୍ନରେ ବିଦ୍ୟାରତ୍ନ ମହୋଦୟ ଗ୍ରହଣ କରିଥିଲେ ସୁଦୃଢ଼ ନେତୃତ୍ୱ।

ଜଣେ ଜଣେ ମଣିଷ ଏକ ଏକ ବିଶେଷଲକ୍ଷ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥା'ନ୍ତି। ବିଦ୍ୟାରତ୍ନଙ୍କ ଆବିର୍ଭାବ ତଦନୁଯାୟୀ କେତେ ଅର୍ଥପୂର୍ଣ୍ଣ ତାହା ନିବିଷ୍ଟ ଚିତ୍ତରେ ଚିନ୍ତା କଲେ ଯେକେହି ଉପଲବ୍ଧି କରିପାରିବେ। ସମଗ୍ର ଓଡ଼ିଶାର ରାଜା, ମହାରାଜା, କବି, ଲେଖକ, ସମାଜସେବୀ - ସମସ୍ତଙ୍କୁ ପରସ୍ପର ସହିତ ସମ୍ବନ୍ଧିତ କରିଦେବାରେ ସେ ଗ୍ରହଣ କରିଥିଲେ ଅଭିନବ ଆନ୍ତରିକତା ବିଚ୍ଛୁରଣ-କ୍ଷମ ସାରସ୍ୱତ ଭୂମିକା। ବିଦ୍ୟାରତ୍ନଙ୍କୁ କିଏ ଅବା ଭାବ-ସମ୍ପ୍ରସାରଣର ମାଧ୍ୟମ ଭାବରେ ନିର୍ଭର କରିନାହାନ୍ତି! ସେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ପ୍ରଥମେ ଲୋକଲୋଚନକୁ ଆଣିପାରିଥିଲେ। 'ସମ୍ବଲପୁର ହିତୈଷିଣୀ'ରେ ତାଙ୍କ ଜୀବନୀ ପ୍ରକାଶ କରିବା ସହିତ ବହୁ କବିତା ସ୍ଥାନିତ କରି ସେ ଓଡ଼ିଶାର କୋଣ ଅନୁକୋଣରେ ତାଙ୍କ ପ୍ରତିଭା ପ୍ରତି ସଜ୍ଜନମଣ୍ଡଳୀଙ୍କ ଶ୍ରଦ୍ଧାନ୍ୱିତ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର କଚେରୀରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳିତ ହେବାରୁ ଏହାର ଦୃଢ଼ ପ୍ରତିବାଦ କରି କବିତା ଲେଖିବାର ଶକ୍ତିଭେଦୀ ପ୍ରେରଣା ଦେଇଥିଲେ ଗଙ୍ଗାଧରଙ୍କୁ। ବାଲ୍ୟବିବାହକୁ ସମାଜରେ ନିଷିଦ୍ଧ କରିବା, ବିଧବା ବିବାହକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସମାଜ ସଂସ୍କାରମୂଳକ ବାର୍ତ୍ତାର ଗଭୀର ପ୍ରଭାବ ସୃଷ୍ଟି କରିବାରେ ବିଦ୍ୟାରତ୍ନ ମହୋଦୟ ଯେଉଁ ପ୍ରଶଂସନୀୟ ଭୂମିକାରେ ହେଲେ ଅବତୀର୍ଣ୍ଣ ତାହା ଅନେକ ଲୋକଙ୍କ ଅନ୍ତର୍ଦୃଷ୍ଟି ଉନ୍ମୋଚନ କରିଦେଇ ପାରିଛି। 'ପରବର୍ତ୍ତୀ ସମୟରେ ସେ 'ଉତ୍କଳ ଦୀପିକା', 'ପ୍ରଜାବନ୍ଧୁ', 'ଉତ୍କଳ ମଧୁପ', 'ଗୁଣ ଦର୍ପଣ' ଆଦିର ସମ୍ପାଦନା କରି ସେ ସୁଖ୍ୟାତି ଅର୍ଜନ କରିବା ସହିତ ଗଞ୍ଜାମ ସମ୍ମିଳନୀ ପାଇଁ ଯେଉଁ ପ୍ରଚେଷ୍ଟା କରିଥିଲେ ତାହା ହିଁ ଉତ୍କଳ ସମ୍ମିଳନୀର ଭିତ୍ତି ବୋଲି ଅନୁଭୂତ ହୋଇଛି। 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ଭାବରେ ସେ ଯେଉଁ ଅମରତ୍ୱ ଲାଭ କରିଛନ୍ତି ତାହା ବାସ୍ତବିକ ସର୍ବାଦୃତ। ଗଙ୍ଗାଧରଙ୍କ ଆତ୍ମିକ ସମ୍ବର୍ଦ୍ଧନା ଉଚ୍ଛ୍ୱସିତ ଭାବରେ ପ୍ରତିଫଳିତ ହୋଇ ଉଠିଛି 'ବିଦ୍ୟାରତ୍ନଙ୍କ ହିତୈଷିଣୀ'ନାମକ କବିତାରେ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ' ମଧ୍ୟରେ ପ୍ରାଣସଂଚାର କରିଛନ୍ତି ଆଉ ହିତୈଷିଣୀ ବିଦ୍ୟାରତ୍ନଙ୍କ ଜୀବନକୁ କରି ଦେଇଛି ଗୌରବ ବିମଣ୍ଡିତ।

ଗଙ୍ଗାଧର ସ୍ୱରଚିତ କବିତାରେ ଭାବମୁଗ୍ଧ ହୋଇ ଗାନ କରିଛନ୍ତି - 'ଧନ୍ୟ ଧନ୍ୟ ବାସୁଦେବ ମହୀପାଳମଣି, ଧନ୍ୟ ଧନ୍ୟ କ୍ଷଣଜନ୍ମା ବୁଧ ନୀଳମଣି / ଉତ୍କଳରେ କରି ଶୁଭ ଯଜ୍ଞର ଆରମ୍ଭ, ସ୍ଥାପିଦେଲ କାଳଦର୍ପ ଧ୍ୱଂସୀ ଯୂପସ୍ତମ୍ଭ।' ସୃଜନଶୀଳତାର ଅର୍ଥ କେତେ ବ୍ୟାପକ ତାହା ନୂତନ ଭାବରେ ଉପଲବ୍ଧି କରିବାର ସମୟ ସମୁପସ୍ଥିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଓଡ଼ିଶାକୁ ଉପେକ୍ଷା, ଚାଷୀକୁଳ ହତାଶ

# ଧାନ ଏମ୍‌ଏସ୍‌ପି ବଢ଼ିଲା ମାତ୍ର ୬୯ ଟଙ୍କା

**କଳାରାଶି ୮୨୦, କପା ୫୮୯ ଟଙ୍କା ବଢ଼ିଲା; ଧାନ ବେଳକୁ କୁଣ୍ଠକୁଣ୍ଠ**

**୮ ବର୍ଷ ତଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦାବି କରିଥିଲା ଓଡ଼ିଶା**

**କେନ୍ଦ୍ର ସରକାରଙ୍କୁ ଦିଆଯାଇଥିଲା ରାଜ୍ୟ ବିଧାନସଭାରେ ପାରିତ ସର୍ବଦଳୀୟ ସଂକଳ୍ପ**

**ଭୁବନେଶ୍ୱର, ୨୮।୫ (ସମିସ):** କେନ୍ଦ୍ର ସରକାର ୨୦୨୫-୨୬ ଖରିଫ୍ ଋତୁ ପାଇଁ ବୁଧବାର ଧାନ ସମେତ ୧୪ଟି କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ବୃଦ୍ଧି କରିଛନ୍ତି। କଳାରାଶି, କପା, ହରଡ଼, ବାଜରା ଭଳି ଶସ୍ୟର ଏମ୍‌ଏସ୍‌ପି ଯଥେଷ୍ଟ ବୃଦ୍ଧି କରାଯାଇଥିବା ବେଳେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପ୍ରତି ମାତ୍ର ୬୯ ଟଙ୍କା ବୃଦ୍ଧି କରାଯାଇଛି; ଯାହାକୁ ନେଇ ରାଜ୍ୟର ଚାଷୀ ନେତା ଏବଂ କୃଷି ବିଶେଷଜ୍ଞ ନିରାଶା ଓ କ୍ଷୋଭ ବ୍ୟକ୍ତ କରିଛନ୍ତି।

ଧାନର ଏମ୍‌ଏସ୍‌ପି ଅତିକମ୍‌ରେ ୨୯୩୦ ଟଙ୍କା କରିବାକୁ ଓଡ଼ିଶା ଗତ ୮ ବର୍ଷ ହେଲାଣି ଦାବି କରିଆସୁଛି। ଏନେଇ ରାଜ୍ୟ ବିଧାନସଭାରେ ମଧ୍ୟ ଏକ ସର୍ବଦଳୀୟ ସଂକଳ୍ପପତ୍ର ପାରିତ ହୋଇ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଅପରପକ୍ଷେ ରାଜ୍ୟ ସରକାର ସମୃଦ୍ଧ କୃଷକ ଯୋଜନାରେ ଗତ ଖରିଫ୍ ଋତୁଠାରୁ ଧାନର ଏମ୍‌ଏସ୍‌ପି ବାବଦରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ ଆରମ୍ଭ କରିଛନ୍ତି। ଏଥିରେ ଧାନର ଏମ୍‌ଏସ୍‌ପି ବାବଦରେ ୨୩୦୦ ଏବଂ ଇନ୍‌ପୁଟ ସହାୟତା ବାବଦରେ ୮୦୦ ଟଙ୍କା ପ୍ରଦାନ କରୁଛନ୍ତି। ଯାହାଫଳରେ ଓଡ଼ିଶା ରାଜକୋଷକୁ ଏଥିପାଇଁ ପ୍ରାୟ ଅତିରିକ୍ତ ୫୮୬୨ କୋଟି ଟଙ୍କାର ଅତିରିକ୍ତ ବୋଝ ମୁଣ୍ଡାଇବାକୁ ପଡ଼ିଛି। ଯଦି କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ଅଧିକ ବୃଦ୍ଧି କରିଥା'ନ୍ତେ, ତାହେଲେ ରାଜ୍ୟ ସରକାର ଇନ୍‌ପୁଟ ସହାୟତା ବାବଦରେ ଯେଉଁ ଅତିରିକ୍ତ ଅର୍ଥ ବୋଝ ମୁଣ୍ଡାଉଛନ୍ତି, ସେଥିରୁ ଅନେକାଂଶରେ ମୁକ୍ତି ପାଇଥା'ନ୍ତେ। ମାତ୍ର ଚିରାଚରିତ ଭାବେ ସରକାର ମାତ୍ର କିଛି ଟଙ୍କା ବଢ଼ାଇ ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟଗୁଡ଼ିକୁ ଆଉଥରେ ଲଲିପପ୍ ଧରାଇ ଦେଲେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୭ ମସିହା ମାର୍ଚ୍ଚ ୨୫ ତାରିଖଠାରୁ ଓଡ଼ିଶା ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ବିଜେପି ମଧ୍ୟ ନିଜର ସମ୍ମତି ପ୍ରଦାନ କରିଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିବା ବେଳେ ଧାନ ଉତ୍ପାଦନରେ ଖର୍ଚ୍ଚ ଏବଂ ଆନୁଷଙ୍ଗିକ ଅର୍ଥ ବହୁଗୁଣରେ ବୃଦ୍ଧି ପାଇଛି। ସେସବୁକୁ ବିଚାରକୁ ନେଲେ ଧାନର ଏମ୍‌ଏସ୍‌ପି ସର୍ବନିମ୍ନ ୩୫୦୦ ଟଙ୍କା ହେବା ଆବଶ୍ୟକ ବୋଲି ଚାଷୀକୁଳ ଦାବି କରୁଛନ୍ତି।

ଅପରପକ୍ଷେ ଧାନ ବ୍ୟତୀତ ଅନ୍ୟ ଖରିଫ ଫସଲର ଏମ୍‌ଏସ୍‌ପିରେ ଆଖିଦୃଶିଆ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। କଳାରାଶି କ୍ୱିଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା, ମାଣ୍ଡିଆ ୫୯୬ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ସୂର୍ଯ୍ୟମୁଖୀ ୪୪୧ ଟଙ୍କା, ସୋୟାବିନ୍ ୪୩୬ ଟଙ୍କା, ହରଡ଼ ୪୫୦ ଟଙ୍କା, ବିରି ୪୦୦ ଟଙ୍କା ଆଦି ବୃଦ୍ଧି କରାଯାଇଛି। ମାତ୍ର ଧାନ ପ୍ରତି ଏତେ ଅବିଚାର କାହିଁକି ବୋଲି ଚାଷୀ ନେତାଏ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ମଜୁରି ସହ ପେଟ୍ରୋଲ, ଡିଜେଲ ଏବଂ ସାର , କୀଟନାଶକ ଦର ବୃଦ୍ଧି ହେଉଛି। ମାତ୍ର ସେହି ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉନାହିଁ। ଯାହା ଚାଷୀକୁଳ ପ୍ରତି କେବଳ ଉପହାସ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି ସାମଲ

**ଭଦ୍ରକ, ୨୮।୫ (ସମିସ):** ଭଦ୍ରକର ପ୍ରାକ୍ତନ ପୌରାଧ୍ୟକ୍ଷ ତଥା ବିଜେଡିର ପ୍ରାକ୍ତନ ସମ୍ପାଦକ ପ୍ରୟାସକାନ୍ତି ସାମଲ ଆଜି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତିଗତ କାରଣ ପାଇଁ ସେ ବିଜେଡି ଛାଡ଼ିଥିବା କହିଛନ୍ତି। ବିଜେଡି ଛାଡ଼ିବା ପରେ ପ୍ରୟାସକାନ୍ତି କହିଛନ୍ତି, କୌଣସି ଦଳରେ ନ ରହି ଲୋକଙ୍କ ସେବା ଜାରି ରହିବ। ବିଜେଡି ମୋତେ ପରିଚୟ ଦେଇଥିଲା ଓ କମ୍ ବୟସରେ ବିଜେଡି ମୋତେ ଭଦ୍ରକ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ କରିଥିଲା। ମୋ ବାପା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ସାନ ଭାଇ ଏବେ ବିଜେଡିରେ ଅଛନ୍ତି। ତେବେ ସେ ଦଳ ଛାଡ଼ିବା ନେଇ ବାପା ପ୍ରଫୁଲ୍ଲ ସାମଲଙ୍କୁ ଅବଗତ କରିନାହିଁ ବୋଲି କହିଛନ୍ତି।



## କୋଲକାତାରେ ଓଡ଼ିଆ ଯବାନ ସହିଦ

**ଆଳି, ୨୮।୫ (ସମିସ):** କୋଲକାତାରେ କାର୍ଯ୍ୟରତ ଭାରତୀୟ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ଯବାନ ରାଜକିଶୋର ମହାଳିକ (୫୨) ସହିଦ ହୋଇଛନ୍ତି। ତାଙ୍କ ଘର ଆଳି ଥାନା ଅଧୀନ ଦେମାଳ ପଞ୍ଚାୟତ ଦେମାଳ ଗ୍ରାମରେ। ବୁଧବାର ପୂର୍ବାହ୍ନରେ ରାଜକିଶୋରଙ୍କ ମରଶରୀର ତାଙ୍କ ଭିଟାମାଟି ଆଳିରେ ପହଞ୍ଚିବା ପରେ ଗ୍ରାମ ଶ୍ମଶାନକୁ ନିଆଯାଇଥିଲା। ସେଠାରେ ବିଏସ୍‌ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯିବା ପରେ ଏକମାତ୍ର ପୁଅ ଅବିନାଶ ମହାଳିକ ମୁଖାଗ୍ନି ଦେଇଥିଲେ। ତାଙ୍କ ଦେହାନ୍ତରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, କଂଗ୍ରେସ ବିଧାୟିକା ପାର୍ଥିନୀ ଦେବସ୍ମିତା ଶର୍ମା, ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭୀଷ୍ମ ମହାନ୍ତିଙ୍କ ସହ ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଥିଲେ।

## ଦୁଇ ଦିନରେ ୩ କରୋନା ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର,୨୮।୫(ସମିସ):** ଦେଶରେ କରୋନା ସଂକ୍ରମଣ ହୁ' ହୁ' ହୋଇ ବଢ଼ୁଛି। ରାଜ୍ୟରେ ମଧ୍ୟ ସପ୍ତାହେ ଭିତରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୪ ଛୁଇଁଛି। ସଂକ୍ରମିତଙ୍କ ମଧ୍ୟରେ ୩ଜଣ ଭୁବନେଶ୍ୱରରୁ ହୋଇଥିବାବେଳେ ଜଣେ ଜଟଣୀ ଅଞ୍ଚଳର ବୋଲି ଜଣାପଡ଼ିଛି। ମେ' ୨୨ ତାରିଖରେ ଜଣେ ଦିଲ୍ଲୀ ଫେରନ୍ତା କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗତ ଦୁଇ ଦିନ ଭିତରେ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତ ବ୍ୟକ୍ତି ବାହାର ରାଜ୍ୟ ବୁଲି ଆସିଛନ୍ତି। ସଂକ୍ରମିତମାନଙ୍କୁ ସଂଗରୋଧରେ ରଖାଯାଇଥିବା ବେଳେ ସେମାନେ ଆଉ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ତା'ର ଯାଞ୍ଚ କରାଯାଉଛି। ତେବେ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।



**ଭୟଭୀତ ନ ହେବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ପରାମର୍ଶ**

ରାଜ୍ୟରେ କରୋନାସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ଭୟଭୀତ ହେବାର କୌଣସି କାରଣ ନାହିଁ। ଯଦିଓ ସଂକ୍ରମିତଙ୍କ ସଂଖ୍ୟା କମ୍; ତଥାପି ସରକାର ବେଶ୍ ଗୁରୁତ୍ୱର ସହ ସ୍ଥିତିକୁ ସମୀକ୍ଷା କରୁଛନ୍ତି ବୋଲି ଡା. ମିଶ୍ର କହିଛନ୍ତି।

# ଅବଶିଷ୍ଟାଂଶ

### ଓଡ଼ିଶାକୁ ୫୦୦ କୋଟି...

ନିର୍ବାଚିତ ହୋଇଥିଲେ ହେଁ କେନ୍ଦ୍ର ନିକଟରେ ଓଡ଼ିଶାର ନାର୍ଯ୍ୟ ଦାବି ବ୍ୟବସ୍ଥିତ ଢଙ୍ଗରେ ଉପସ୍ଥାପିତ ହୋଇପାରୁନଥିବା ହେତୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହା ସତ୍ତ୍ୱେ ଓଡ଼ିଶା ସାଂସଦଙ୍କ ତୁଣ୍ଡ ଖୋଲୁ ନାହିଁ।

କେନ୍ଦ୍ରୀୟ ଯୋଜନାର ଅର୍ଥ ହ୍ରାସକୁ ନେଇ ରାଜନୈତିକ ମହଲରେ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ସାଧାରଣତଃ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କିସ୍ତି ଆକାରରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରାଯାଏ। ଯେଉଁ ରାଜ୍ୟଗୁଡ଼ିକ ସେମାନଙ୍କ କାମ ଶେଷ କରି 'ୟୁସି' ଦାଖଲ କରନ୍ତି, ସେମାନଙ୍କୁ ପରବର୍ତ୍ତୀ କିସ୍ତିରେ ଅର୍ଥ ମିଳିଥାଏ। ଫଳରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ରରୁ ଅଧିକ ଅର୍ଥ ପାଇବାକୁ ସମର୍ଥ ହୋଇଥାଆନ୍ତି। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରଶାସନିକ ସ୍ଥାଣୁତା ଓ ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ କ୍ଷେତ୍ରରେ ବାଧକ ହୋଇଛି। ବିରୋଧୀମାନେ ଏ ସଂକ୍ରାନ୍ତରେ କରୁଥିବା ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଛି ଓ ଏହା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା କ୍ଷେତ୍ରରେ ଦୃଶ୍ୟମାନ ହୋଇଛି।

ପୁନଶ୍ଚ ୨୦୧୧ ଜନଗଣନା ଆଧାରରେ ୨୦୧୭-୧୮ ମସିହାରେ ପ୍ରସ୍ତୁତ ସୂଚୀରେ ରାଜ୍ୟରେ ୫୯,୯୭୧ଟି ରାଜସ୍ୱ ଗ୍ରାମ ରହିଥିଲା। ସେଥିମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଡ଼କ ସଂଯୋଗୀକରଣ ହୋଇପାରିଛି। ଏବେ ବି ରାଜ୍ୟର ୮୩୦୦ ଗ୍ରାମକୁ ସଡ଼କ ସଂଯୋଗ ହୋଇନାହିଁ। ଏହାମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯, ନବରଙ୍ଗପୁରର ୬୪୧, କଳାହାଣ୍ଡିର ୫୭୪ ଗ୍ରାମ ରହିଛି। ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ ଗ୍ରାମ ରହିଥିବା ଜଣାପଡ଼ିଛି।

### ଧାନ ଏମ୍‌ଏସ୍‌ପି...

ତାହେଲେ ରାଜ୍ୟ ସରକାର ଇନ୍‌ପୁଟ ସହାୟତା ବାବଦରେ ଯେଉଁ ଅତିରିକ୍ତ ଅର୍ଥ ବୋଝ ମୁଣ୍ଡାଉଛନ୍ତି, ସେଥିରୁ ଅନେକାଂଶରେ ମୁକ୍ତି ପାଇଥା'ନ୍ତେ। ମାତ୍ର ଚିରାଚରିତ ଭାବେ ସରକାର ମାତ୍ର କିଛି ଟଙ୍କା ବଢ଼ାଇ ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟଗୁଡ଼ିକୁ ଆଉଥରେ ଲଲିପପ୍ ଧରାଇ ଦେଲେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୭ ମସିହା ମାର୍ଚ୍ଚ ୨୫ ତାରିଖଠାରୁ ଓଡ଼ିଶା ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ବିଜେପି ମଧ୍ୟ ନିଜର ସମ୍ମତି ପ୍ରଦାନ କରିଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିବା ବେଳେ ଧାନ ଉତ୍ପାଦନରେ ଖର୍ଚ୍ଚ ଏବଂ ଆନୁଷଙ୍ଗିକ ଅର୍ଥ ବହୁଗୁଣରେ ବୃଦ୍ଧି ପାଇଛି। ସେସବୁକୁ ବିଚାରକୁ ନେଲେ ଧାନର ଏମ୍‌ଏସ୍‌ପି ସର୍ବନିମ୍ନ ୩୫୦୦ ଟଙ୍କା ହେବା ଆବଶ୍ୟକ ବୋଲି ଚାଷୀକୁଳ ଦାବି କରୁଛନ୍ତି।

ଅପରପକ୍ଷେ ଧାନ ବ୍ୟତୀତ ଅନ୍ୟ ଖରିଫ ଫସଲର ଏମ୍‌ଏସ୍‌ପିରେ ଆଖିଦୃଶିଆ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। କଳାରାଶି କ୍ୱିଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା, ମାଣ୍ଡିଆ ୫୯୬ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ସୂର୍ଯ୍ୟମୁଖୀ ୪୪୧ ଟଙ୍କା, ସୋୟାବିନ୍ ୪୩୬ ଟଙ୍କା, ହରଡ଼ ୪୫୦ ଟଙ୍କା, ବିରି ୪୦୦ ଟଙ୍କା ଆଦି ବୃଦ୍ଧି କରାଯାଇଛି। ମାତ୍ର ଧାନ ପ୍ରତି ଏତେ ଅବିଚାର କାହିଁକି ବୋଲି ଚାଷୀ ନେତାଏ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ମଜୁରି ସହ ପେଟ୍ରୋଲ, ଡିଜେଲ ଏବଂ ସାର , କୀଟନାଶକ ଦର ବୃଦ୍ଧି ହେଉଛି। ମାତ୍ର ସେହି ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉନାହିଁ। ଯାହା ଚାଷୀକୁଳ ପ୍ରତି କେବଳ ଉପହାସ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଓଡ଼ିଶାରେ ମୌସୁମୀ ...

ଅନୁକୂଳ ପାଗ ଓ ସକ୍ରିୟ ଲଘୁଚାପ କାରଣରୁ ମୌସୁମୀ କ୍ଷିପ୍ର ଗତିରେ ପ୍ରବେଶ କରିଥିବା କୁହାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପ୍ରଥମ ଦିନରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ବେଳେ ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଏହିସବୁ ସ୍ଥାନରେ ଦୁଇ ଦିନ ହେବ ଭାରି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବାରୁ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ଅନ୍ୟ କେତେକ ଜିଲ୍ଲାକୁ ମଧ୍ୟ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସଦୃଶ୍ୟ ଲଘୁଚାପରେ ପରିଣତ ହୋଇଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ଦୁଇ ଦିନରେ ମୌସୁମୀ ଆହୁରି ସକ୍ରିୟ ହୋଇ ଆଗକୁ ବଢ଼ାଇବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଉଭୟ ମୌସୁମୀ ଓ ସକ୍ରିୟ ଲଘୁଚାପ ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଗତ ୩୬ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ସର୍ବାଧିକ ୯୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାରାଦୀପରେ ୫୨, ପୁରୀ ୬୨, ଅନୁଗୁଳ ୭୪, ଭବାନୀପାଟଣା ୫୬, ଦାରିଙ୍ଗବାଡ଼ି ୮୨, ନବରଙ୍ଗପୁର ୫୩, କେନ୍ଦ୍ରାପଡ଼ା ୫୮ ଓ ଢେଙ୍କାନାଳରେ ୪୬ ମିମି ବର୍ଷା ରେକର୍ଡ କରାଯାଇଛି।

ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ବାକି ସବୁ ଅଞ୍ଚଳ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ବର୍ଷା ସାଙ୍ଗକୁ ସମୁଦ୍ର ମଧ୍ୟରେ ପବନର ବେଗ ୪୫-୫୫ ଓ ଝଟକା ୬୫ କମି ରହିବାକୁ ଥିବାରୁ ଉତ୍ତର ବଙ୍ଗୋପସାଗର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗପୋସାଗର ଅଶାନ୍ତ ରହିବ। ତେଣୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ବର୍ଷ ମୌସୁମୀ ଆଗୁଆ ଛୁଇଁବା ନେଇ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଚଳିତ ବର୍ଷ ମୌସୁମୀ ପ୍ରବେଶ ୧୬ ବର୍ଷ ମଧ୍ୟରେ ସବୁଠୁ ସଅଳ ରହିଛି। ତଥ୍ୟ ଅନୁଯାୟୀ, ୧୯୬୦ ମସିହାରୁ ଆଜି ପର୍ଯ୍ୟନ୍ତ କେବଳ ୨ ଥର ମେ' ମାସରେ ମୌସୁମୀ ଓଡ଼ିଶା ଛୁଇଁବାର ନଜିର ରହିଛି। ୨୦୦୯ ମସିହାରେ ଶେଷଥର ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୨୫ ତାରିଖରେ ଓଡ଼ିଶା ଛୁଇଁଥିଲା। ଏହାପୂର୍ବରୁ ୧୯୯ ମସିହାରେ ମଧ୍ୟ ୨୮ ମେ'ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଏବେ ପୁଣି ଥରେ ମୌସୁମୀ ମେ' ମାସରେ ଓଡ଼ିଶା ଛୁଇଁ ପୁରୁଣା ରେକର୍ଡ ଦୋହରାଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ANTARES SYSTEMS LIMITED**
Ph.: 080-40482100/033-46046611
Email: esale@etenderwizard.com
e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.
Auction No's
1) ASL/MCL/DISPOSAL/25-26/04
Auction Date: 02-06-2025
For further information, contact Helpdesk at the above address.
Refer Sale notice for further details.

**AFFIDAVIT**
I, Anushka Agrawal, D/o.: Prakash Kumar Agarwal, Resident of Prafulla Mishra Apartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11532 dtd 27.05.2025 that now onwards I shall be known as ANUSHKA AGARWAL for all future purposes.

**NOTICE**
By virtue of an affidavit sworn before Executive Magistrate, Bhubaneswar vide Serial No. 81 dt.13.05.2025 I, PRUTHWIRAJ JENA resident of At/ PO- Raghunathpur, P.S.- Nandankanan, Dist. Khordha, Odisha declare that I have changed my name from PRUTHWI RAJA JENA to PRUTHWIRAJ JENA. Henceforth I shall be known as PRUTHWIRAJ JENA for all purposes.
(PRUTHWIRAJ JENA)

**AFFIDAVIT**
I, Prakash Agrawal, S/o.: Late Sanwar Mal Agrawalla, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11536 dtd 27.05.2025 that now onwards I shall be known as PRAKASH KUMAR AGARWAL for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *Guru Kanteri* S/o- Mangu Kanteri , Village - KhataGoudaput, Post - MaliBelgaon , PS -Nandapur, Dist - KORAPUT declare that I have changed my daughters name from *Dhanasari Kanteri to Dhaneswari Kanteri*. Henceforth, my daughter shall be known as *Dhaneswari Kanteri* for all purpose.
Sd/- *Guru Kanteri*

**AFFIDAVIT**
I, Sital Agrawal, W/o.: Prakash Kumar Agarwal, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11533 dtd 27.05.2025 that now onwards I shall be known as SHEETAL AGARWAL for all future purposes.

**AFFIDAVIT**
I, Digambar Muduli, S/o- Sunakar Muduli, resident of Kesarpur, Danapur, Kendrapara, Pin-754210, Odisha declare by this affidavit No- 462, dated-26/05/2025 that now onwards I shall be known as DIGAMBARA MUDULI for all future purposes.

**AFFIDAVIT**
By virtue of an affidavit sworn before Notary Public, Koraput, dtd. 27.05.2025, I, Danu Majhi resident of Kendumaliguda, Sunabeda, Dist.- Koraput - 763001 declare that I have changed my name from Ddnamati Majhi to danu Majhi. Henceforth I shall be known as Danu Majhi for all purposes.
Sd/- Danu Majhi

**AFFIDAVIT**
I, Deepak Chandra Ota, aged about 48 years, S/o- Gobinda Ota, resident of Flat No- 302, Paradise Home, K3b, Kalingaganar, Bhubaneswar, Pin-751003, Odisha declared by this affidavit No. 1088, dtd- 27/05/2025 that now onwards I shall be known as DEEPAK KUMAR HOTA for all future purposes.

**NOTICE**
By virtue of an affidavit No. 2537, dated 27/05/2025 sworn before The Notary Public, Sunabeda, I, Smt. Jimu Muduli, W/o- Damodara Muduli Vill:- Taintar, PO- Bheja PS- Padwa, Dist.: Koraput declare that I have changed my name from Jimbu Muduli to Jimu Muduli. Henceforth, I shall be known as Jimu Muduli for all purposes.
Jimu Muduli

**AFFIDAVIT**
I, Hata Kishore Misra, S/o- Late Dinabandhu Mishra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 85, dtd.- 27/05/2025 that now onwards I shall be known as HATA KISHORE MISHRA for all future purposes.

**AFFIDAVIT**
I, Jayadeep Achariya, S/o- Nilambar Achariya, resident of At- Ground Floor, Plot No- 261, Forest Park, Ps- Capital, Bhubaneswar, Pin-751009, Odisha declare that changed my minor daughter's name from Ayushi Acharya To Ayushi Achariya by this affidavit No- 891, dated- 19/04/2025 that now onwards she shall be known as Ayushi Achariya for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri DHANIA GEMAL S/o- *GURU GEMAL*, Village - JANTAPUT, Post - BADEL, PS- PADUA, Dist.- KORAPUT declare that I have changed my daughters name from *Jagani Gemal to JOGINI GEMEL*. Henceforth, my daughter shall be known as *JOGINI GEMEL* for all purpose.
Sd/- Dhania Gemal

**AFFIDAVIT**
By virtue of an affidavit sworn before Notary Public Titilagarh, dated 27.05.2025 I, Kasturi Devi, Address At- Brahmanipali Jungle, Po- Gajabandh, Ps- S. Rampur, Dist- Subarnapur, Odisha, Pin-767019 declare that I have changed my name from Kasturi Bag to Kasturi Devi. Henceforth, I shall be known as Kasturi Devi for all purposes.
Kasturi Devi

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I *Kumari Kausalya Padal* D/o- Ghanashyam Padal, Village - Padalput, Post - Balda, PS - Padua, Dist - KORAPUT declare that I have changed my name from *Kaushalya Padal to Kumari Kausalya Padal* . Henceforth, I shall be known as *Kumari Kausalya Padal* for all purpose.
Sd/- *Kumari Kausalya Padal*

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *KAMAL LOCHAN KURUKURIA* S/o- DHANA KURUKURIA, Village - MALIBHIMDOL, Post - BALDA , PS- PADUA, Dist - KORAPUT declare that I have changed my name from *KAMAL LACHHAN KURUKURIYA to KAMAL LOCHAN KURUKURIA*. Henceforth, I shall be known as *KAMAL LOCHAN KURUKURIA* for all purpose.
Sd/- *KAMAL LOCHAN KURUKURIA*

**AFFIDAVIT**
By virtue of an affidavit no. 3854, dtd. 13.05.2025 in the court of the Executive Magistrate, Umerkote, Dist.- Nabarangpur, I, Lachaman Lahra have changed my name from Lachman Kamar to Lachman Lahra. Henceforth I shall be known as Lachaman Lahra for all purposes.
Sd/- Lachaman Lahra

**AFFIDAVIT**
I, Sanjukta Misra, W/o- Hata Kishore Misra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 86, dtd.- 27/05/2025 that now onwards I shall be known as SANJUKTA MISHRA for all future purposes.

**SALE**
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**AFFIDAVIT**
By virtue of an affidavit sworn before Notary Public Titilagarh, dated 24.05.2025 I, Rasmi Tandi, Adress At- Satighat, Turla, Po- Bhatipara, Ps- Titilagarh, Dist- Balangir, Odisha, Pin- 767042 declare that I have changed my daughter's name from Shradha Tandi to Shradhanjali Tandi. Henceforth, she shall be known as Shradhanjali Tandi for all purposes.
Rasmi Tandi

**NOTICE**
It is for information of all concern that the Partnership Firm namely M/S SAI FOOD PRODUCTS bearing Regn No.- 2420202301436 of Dist.- Nayagarh has been Re-constituted w.e.f. 01-04-2025 as follows:-
I) Rupesh Kumar Agrawalla — Existing Partner-cum-Managing Partner
ii) Rakesh Kumar Behera — Existing Partner
iii) Manoj Kumar Subudhi — Existing Partner
iv) Ashok Kumar Sahoo — Retiring Partner
v) Sunil Kumar Agrawalla — Retiring Partner
Sd/-
Sri Rupesh Kumar Agrawalla
Managing Partner

**AFFIDAVIT**
I, Krishna Chandra Rath, aged about 63 years, S/o- Raghunath Rath, resident of Damadarapur, Gop, Siso, Dist- Puri, Pin-752110, Odisha declared by this affidavit No. 1087, dtd- 27/05/2025 that now onwards I shall be known as KRUSHNA CHANDRA RATH for all future purposes.

## ଅବହେଳିତ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ୩ ବିଶେଷଜ୍ଞ, ୧୬ ଏମ୍‌ବିବିଏସ୍ ଓ ୨୬ ଏଏନ୍‌ଏମ୍ ପଦ ଖାଲି

ଖଇରା,୨୮ ।୫ (ସମିସ)




ଶବ ବ୍ୟବଚ୍ଛେଦ, ଶବଗୃହ ଅଭାବରୁ ଅସୁବିଧାରେ ମୃତକଙ୍କ ସମ୍ପର୍କୀୟ

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଜିଲ୍ଲାର ଉପାନ୍ତବର୍ତ୍ତୀ ଅଞ୍ଚଳ ଭାବେ ପରିଗଣିତ। ଖଇରାରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ୧୯୩୬ ମସିହାରେ ସ୍ଥାପନା ହୋଇଥିବା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ଅଧିକାଂଶ ଅଞ୍ଚଳବାସୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀ, ଅତ୍ୟାଧୁନିକ ଉପକରଣ ଅଭାବ ଯୋଗୁଁ ଏହା ଭରସା କରୁଥିବା ହଜାର ହଜାର ରୋଗୀ ଚିନ୍ତା ପ୍ରକଟ କରିଛନ୍ତି। ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ପ୍ରତିକାର ନ ହେବା ସ୍ୱାସ୍ଥ୍ୟ ବିଭାଗର ଅବହେଳାକୁ ପଦାରେ ପକାଇଛି। ତୁରନ୍ତ ସ୍ୱାସ୍ଥ୍ୟ ସେବାରେ ସୁଧାର ଆଣିବାକୁ ଖଇରା ବିକାଶ ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ପ୍ରତିଭା ପରିବାର ଭଳି ସଙ୍ଗଠନ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି।

ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚସି) ଉପରେ ଖଇରା ବ୍ଲକର ୩୬ ପଞ୍ଚାୟତ ସମେତ ପଡୋଶୀ ଔପଦା, ହାଟଡିହି, କପ୍ତିପଦା ଇତ୍ୟାଦି ବ୍ଲକର ରୋଗୀ ମାନେ ମଧ୍ୟ ନିର୍ଭର କରିଥାନ୍ତି। ୫ବର୍ଷ ରୋଗୀ ସଂଖ୍ୟା ହିସାବକୁ ନେଲେ ୨୦୨୦-୨୧ରେ ୧ଲକ୍ଷ ୦୩ହଜାର ୯୨୩ରୋଗୀ, ୨୦୨୧-୨୨ରେ ୧ ଲକ୍ଷ୧୬ ହଜାର ୪୭୭ ରୋଗୀ, ୨୦୨୨-୨୩ରେ ୧ଲକ୍ଷ ୩୪ ହଜାର ୮୫୨ ରୋଗୀ, ୨୦୨୩-୨୪ରେ ୧ଲକ୍ଷ ୪୧ହଜାର ୮୩୩ ରୋଗୀ, ୨୦୨୪-୨୫ରେ ୧ଲକ୍ଷ ୫୮ହଜାର ୩୧୮ ରୋଗୀ ଖଇରାରେ ଚିକିତ୍ସିତ ହୋଇଛନ୍ତି। ଅଲଟ୍ରା ସାଉଣ୍ଡ ଏବଂ ଡିଜିଟାଲ ଏକ୍ସରେ ନ ଥିବା କାରଣରୁ ଦୂରଦୂରାନ୍ତରୁ ଆସୁଥିବା ଦିନ ମଜୁରିଆ ଶ୍ରେଣୀର ରୋଗୀଙ୍କୁ ଖର୍ଚ୍ଚାନ୍ତ ହୋଇ ଭଦ୍ରକ ଓ ବାଲେଶ୍ୱରକୁ ଯିବାକୁ ପଡିଥାଏ। ସେହିଭଳି ଖଇରା ଭଳି ସିଏଏସି ପାଇଁ ୫ଜଣ ବିଶେଷଜ୍ଞ ରହିବାର ନିୟମ ଥିଲେ ବର୍ତ୍ତମାନ ଶିଶୁରୋଗ, ଶଲ୍ୟ ଓ ଦନ୍ତ ବିଶେଷଜ୍ଞ ପଦବୀ ବର୍ଷ ବର୍ଷ ଧରି ଖାଲି ପଡିଛି। ଏହାଛଡା ୨୭ ଏମବିବିଏସ ପଦବୀ ଥିବା ବେଳେ ମାତ୍ର ୬ ଜଣ ଥିବାରୁ ଏତେ ସଂଖ୍ୟକ ରୋଗୀଙ୍କୁ ଉପଯୁକ୍ତ ସେବା ପ୍ରଦାନ ଆଶା କରିବା ବୃଥା। ଏତଦ ଭିନ୍ନ ୨୬ ଏଏନଏମ, ୪୯ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ୧୨ ମହିଳା ସୁପରଭାଇଜର, ୩ ପୁରୁଷ ସୁପରଭାଇଜର, ଏକମାତ୍ର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ପଦବୀ ଖାଲି ପଡିଥିବା କାରଣରୁ ରୋଗୀ ମାନଙ୍କୁ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ଠିକ ଭାବେ ଉପଲବ୍ଧି କରାଯାଇପାରୁନାହିଁ। ସବୁଠାରୁ ବିଡମ୍ବନା ବିଷୟ ଏହି କି ଯେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ବରଣ କରୁଥିବା ବ୍ୟକ୍ତିଙ୍କ ମୃତଶରୀର ରଖିବାକୁ ସ୍ୱତନ୍ତ୍ର ଶବଗୃହ ନ ଥିବା ବେଳେ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା ନ ଥିବାରୁ ମୃତବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଖୋଲାବାରଣ୍ଡାରେ ଶୀତ କାକରରେ ରାତି ବିତାଇବାକୁ ପଡେ ଯାହା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ମେ ୭ରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଏହି ପ୍ରସଙ୍ଗରେ ଲୋକପ୍ରତିନିଧି ମାନେ ଏକସ୍ୱରରେ ଖଇରା ମେଡିକାଲରେ ଏହି ବ୍ୟବସ୍ଥା କରିବାକୁ ବିଧାୟକ ଓ ଏମ୍‌ପିଙ୍କ ନିକଟରେ ଦାବି କରିଥିଲେ।

## ସେମାନଙ୍କ ମୁହଁରୁ...

ଖଇରା ସିଏଚସିରେ ଡାକ୍ତର ହୁଅନ୍ତୁ କି କର୍ମଚାରୀ ହୁଅନ୍ତୁ ୨ଦିନ କାମ କରି ଅନ୍ୟତ୍ର ବଦଳି ହୋଇ ଚାଲି ଯାଉଛନ୍ତି। କହିବାକୁ ଗଲେ ଏବେ ସମସ୍ତେ ଖଇରାକୁ ଏବେ ପନିସମେଣ୍ଟ ଏରିଆ ଭାବେ ଭାବୁଥିବାରୁ ଅଧିକାଂଶ ପଦବୀ ଖାଲିପଡୁଛି। ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ବାରମ୍ବାର ଅବଗତ କରାଯାଉଥିଲେ ହେଁ କୌଣସି ପ୍ରତିକାର ହେଉନାହିଁ।
**ଡା. ପ୍ରଭାକର ମିଶ୍ର, ଭାରପ୍ରାପ୍ତ ଚିକିତ୍ସାଧିକାରୀ**

ସାରା ଓଡିଶାରେ ଡାକ୍ତର ସମସ୍ୟା ଲାଗି ରହିଛି। ତଥାପି ଏହି ସମସ୍ୟା ଦୂର କରିବା ସହିତ ଖଇରାରେ ଶବ ବ୍ୟବଚ୍ଛେଦ ଗୃହ, ତୁଡିଗଡିଆରେ ଫାଣ୍ଡି ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ସହ ଆଲୋଚନା କରିଛି।
**ପଦ୍ମଲୋଚନ ପଣ୍ଡା, ବିଧାୟକ, ସିମୁଳିଆ**

ଗ୍ରାମାଞ୍ଚଳରେ ଅବସ୍ଥିତ ଏହି ସ୍ୱାସ୍ଥ୍ୟକେନ୍ଦ୍ର ବହୁବିଧ ସମସ୍ୟା ରୋଗୀଙ୍କ ରୋଗ ବଢାଇ ଦେଉଛି। ବିଧାୟକ ଟିକେ ଆନ୍ତରିକତା ଦେଖାଇଲେ ବିଶେଷ ଭାବରେ ଡାକ୍ତର ସମସ୍ୟା ସୁଧୁରି ଯାଇ ପାରନ୍ତା।
**ଶରତ ବିଶ୍ୱାଳ, ସଭାପତି, ବରିଷ୍ଠ ନାଗରିକ ମଞ୍ଚ**

ଉକ୍ତ ସମସ୍ୟାକୁ ନେଇ ପରିଷଦର ବିଭିନ୍ନ ଅଧିବେସନରେ ଆଲୋଚନା ହୋଇଛି। ଆଗାମୀ ଦିନରେ ପରିଷଦ ଏହି ପ୍ରସଙ୍ଗକୁ ନେଇ ଜିଲାପାଳ, ସିଡିଏମଓଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।
**ସୁରେନ୍ଦ୍ର ପ୍ରସାଦ ଦାସ, ସଭାପତି, ଖଇରା ବିକାଶ ପରିଷଦ**

ଖଇରା ମେଡିକାଲରେ ଫ୍ୟାନ ଓ ଲାଇଟ ଅଚଳ, ଶୌଚାଳୟ ଅପରିଷ୍କାର ଭଳି ଛୋଟ ସମସ୍ୟାଠାରୁ ଆରମ୍ଭ କରି ଡାକ୍ତର, କର୍ମଚାରୀ ଅଭାବ ସାଙ୍ଗକୁ ଶବ ବ୍ୟବଚ୍ଛେଦ, ଶବ ଗୃହ ଅଭାବ ଭଳି ବଡ ସମସ୍ୟାକୁ ନେଇ ଖଇରାବାସୀ ଅତିଷ୍ଠ। ପ୍ରଶାସନ ଏହା ଉପରେ ଗୁରୁତ୍ୱ ଦେବା ଦରକାର।
**ଅନ୍ତର୍ଯ୍ୟାମୀ ପାତ୍ର, ପ୍ରାକ୍ତନ ସଭ୍ୟ, ରୋଗୀ କଲ୍ୟାଣ ସମିତି**

## ନାବାଳିକା ଅପହର୍ତ୍ତାର ଟେର ପାଉନି ପୁଲିସ

କାଳିପଦା, ୨୮।୫ (ସମିସ): ବାଲିଆପାଳ ଥାନା ଦେଉଳା ପଞ୍ଚାୟତ କୌପଦା ଗ୍ରାମର ଗୋପାଳ ଗିରିଙ୍କ ନାବାଳିକା କନ୍ୟା ଗତ ୨୧ ତାରିଖ ଦିନ ମାମୁ ଘର ମଧୁପୁରାକୁ ଯିବା ପାଇଁ ଘରୁ ବାହାରି ଆସିଥିଲା। ସନ୍ଧ୍ୟା ବେଳକୁ ଘରକୁ ଫେରି ଆସିବା କଥା। ମାତ୍ର ନ ଫେରିବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରିଥିଲେ। ଚାରିଆଡୁ ନିରାଶ ହେବା ପରେ ଗତ ୨୪ ତାରିଖ ଦିନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଗୋପାଳ ତାଙ୍କ ଅଭିଯୋଗରେ ଜଣାଇ ଥିଲେ କି ତାଙ୍କ ଝିଅଙ୍କୁ କଟିସାହି ଗ୍ରାମର ଗଙ୍ଗାଧର ଜେନା ଓ ତାଙ୍କର କେତେ ଜଣ ସହଯୋଗୀ ପ୍ରତାପପୁର ଗ୍ରାମର ସୁନୀଲ ପାଲ, ସେହି ଗ୍ରାମର ମମତା ପାଲ ଓ କଟିସାହି ଗ୍ରାମର ରାକେଶ ଜେନା ପ୍ରମୁଖ ଅପହରଣ କରି ନେଇ ଯାଇଛନ୍ତି। ଗଙ୍ଗାଧରର ସହଯୋଗୀ ସୁନୀଲ ବାଇକ ଯୋଗେ ଗୋପାଳର ଝିଅକୁ ବାଲେଶ୍ୱର ରେଳ ଷ୍ଟେସନକୁ ନେଇଯାଇ ସେଠାରୁ ପୁଣି ରେଳ ଯୋଗେ କେଉଁ ଆଡେ ନେଇ ଯାଇ ତା ଝିଅକୁ ବିକ୍ରି କରି ଦେଇଛି ବୋଲି ଅଭିଯୋଗରେ ଦର୍ଶାଇଛି। ତେବେ ବାଲିଆପାଳ ପୁଲିସ ଦୁଇ ଅଭିଯୁକ୍ତ ସୁନୀଲ ଓ ରାକେଶର କୌଣସି ଟେର ପାଉ ନ ଥିବା କୁହାଯାଇଛି। ପୁଲିସ ଗଙ୍ଗାଧର ଜେନା ଓ ମମତା ପାଲଙ୍କୁ ଗିରଫ କରିଥିବା ବେଳେ ଆଜି ଗଙ୍ଗାଧରକୁ ଛାଡି ଦେଇଛି। ଅଭିଯୁକ୍ତା ମମତା ପାଲକୁ ପୁଲିସ ଆଜି କୋର୍ଟ ଚାଲାଣ କରିଛି। ଗତ ୨୪ ତାରିଖ ଦିନ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ବୋଲି କହିଛି। ପୁଲିସ ଫେରାର ଅଭିଯୁକ୍ତ ସୁନୀଲ ଓ ରାକେଶର ମୋବାଇଲ ଟ୍ରାକିଂ କରି ଧରି ପାରନ୍ତା ବୋଲି ଗୋପାଳ କହିଛନ୍ତି। ଗତକାଲି ଗୋପାଳ ସହ ଗ୍ରାମର କିଛି ଲୋକ ଥାନାକୁ ଯାଇ ସୁନୀଲ ପାଲ ଓ ରାକେଶ ଜେନାର ତୁରନ୍ତ ଗିରଫ ଦାବି କରିଥିଲେ। ଗୋପାଳ ଓ ଗ୍ରାମବାସୀ ଆଜି ଏ ନେଇ ଏସ୍‌ପି, ଏସଡିପିଓ, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ପ୍ରମୁଖଙ୍କୁ ଜଣାଇଛନ୍ତି।

## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ବସ୍ତା ବ୍ଲକ, ୨୮।୫ (ସମିସ) : ବସ୍ତା ବ୍ଲକ ବାହାର୍ଦ୍ଦା ଗ୍ରାମର ଜନୈକା ବୃଦ୍ଧାଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଗ୍ରାମର ଅମ୍ବିକା ଘୋଷ (୮୦) ବୁଧବାର ବସ୍‌ରେ ଯାଇ ୬୦ ନମ୍ବର ଜାତୀୟ ରାଜପଥର ସୁନ୍ଦରହୋତା ତାରିଣୀ ଛକ ଠାରେ ଓହ୍ଲାଇ ରାସ୍ତା ପାରି ହେଉଥିବା ବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ସେ ଗୁରୁତର ହୋଇଥିଲେ। ଏହି ସମୟରେ ବସ୍ତା ପୁଲିସ ଭ୍ୟାନ ରାସ୍ତା ଯାଉଥିବା ବେଳେ ଦୁର୍ଘଟଣାରେ ଶିକାର ବୃଦ୍ଧାଙ୍କୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ଆଣିଥିଲା। ମାତ୍ର ଡାକ୍ତରଖାନାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇ ଥିଲା। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଛି। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇ ବାଇକ ଆରୋହୀ ଜଣକ ଫେରାର ହୋଇ ଯାଇଥିବା ବେଳେ ଘଟଣା ସ୍ଥଳରୁ ଏକ ମୋବାଇଲ ଫୋନ ମିଳିଥିଲା। ଏହି ମୋବାଇଲକୁ ନେଇ ପୁଲିସ ତଦନ୍ତ କରିବା ସହିତ ବାଇକ୍‌ଟିକୁ ଜବତ କରିଥିବା ଜଣାପଡ଼ିଛି।

## ଫଟୋ ଉଠା ପ୍ରଶିକ୍ଷଣ ଶିବିର



ଖଇରା,୨୮ ।୫ (ସମିସ): ଖଇରା ବ୍ଲକର ନହଙ୍ଗସ୍ଥିତ ସ୍ୱସ୍ତିକ କଲ୍ୟାଣ ମଣ୍ଡପରେ ଖଇରା ଔପଦା ଫଟୋଗ୍ରାଫର ସଙ୍ଘର ଏକ ଫଟୋଉଠା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି। କ୍ୟାନନର ଅଧିକାରୀ ଦିଲ୍ଲୀପ କୁମାର ଦାସ, କିଶୋର ଲେଙ୍କା, ସଂଘର ରାଜ୍ୟ ପିଏମଓ ଚିତ୍ତରଞ୍ଜନ ପାତ୍ର ପ୍ରମୁଖ ଉନ୍ନତ ମାନର ଫଟୋ ଉଠାଇବା ପ୍ରଣାଳୀ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଖଇରା-ଔପଦା ସଂଘର ସଭାପତି ସୁରୁପାନନ୍ଦ ରାଉଳ ଓ ସମ୍ପାଦକ ପ୍ରାଥଞ୍ଜୟ ବାରିକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଖଇରା ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା

ଖଇରା,୨୮ ।୫ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ନଟପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଦିନ ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସୋର ସଙ୍କୁଳର ୧୨ଟି ବିଦ୍ୟାଳୟରୁ ୭୨ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅଧାପକ ବନମାଳୀ ବାରିକ, ସଂକୁଳ ସଂଯୋଜକ ଅଶୋକ ରଞ୍ଜନ ପଲାଇ, ସହ ସଂଯୋଜକ ଖଗେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତି ବିଦ୍ୟାଳୟରୁ ଆସିଥିବା ଅଧକ୍ଷ, ଉପାଧକ୍ଷ, ସେନାପତି, ଉପସେନାପତି, ମନ୍ତ୍ରୀ, ଉପମନ୍ତ୍ରୀ ମାନଙ୍କୁ ସେମାନଙ୍କ ଦାୟିତ୍ୱ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ମିତା ପାତ୍ର, ବାସନ୍ତୀ ମହାପାତ୍ର, କବିତା ପାଣିଗ୍ରାହୀ, ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ବଳରାମ ଲେଙ୍କା, ପ୍ରଭାକର ଓଝା, ଶୁକଦେବ ପରିଡା, ପଙ୍କଜ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

## କୁଲଡିହା ଅଭୟାରଣ୍ୟ

# ଅବ୍ୟବସ୍ଥା ଦେଖି ପର୍ଯ୍ୟଟକ ଅସନ୍ତୁଷ୍ଟ



ନୀଳଗିରି, ୨୮।୫ (ସମିସ): ନୀଳଗିରି ଉପଖଣ୍ଡ ଅଧିନ କୁଲଡିହା ଅଭୟାରଣ୍ୟର ପ୍ରାକୃତିକ ପ୍ରାଚୁର୍ଯ୍ୟତାର ଗନ୍ତାଘର ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକମାନଙ୍କୁ ବିମୋହିତ କରିଥାଏ। ଏହା ସହ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନ ବିଭାଗ ପକ୍ଷରୁ ଗୋହିରାଭୋଳ ଠାରେ ରାତ୍ରିରେ ରହଣୀ ନିମନ୍ତେ ଗତ ୨୦୧୬ ରେ ନିର୍ମାଣ କରାଯାଇଥିଲା ନେଚର୍ସ ପାର୍କ (ପ୍ରକୃତି ନିବାସ)। ଏଥିରେ ୯ଟି ତମ୍ବୁଘର, ଶୌଚାଳୟ ଏବଂ ଆଲୋକର ବ୍ୟବସ୍ଥା ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରୁଥିଲା। ହେଲେ ଉକ୍ତ ରିଷିଆ ପ୍ରକୃତି ନିବାସ ଆଜିକୁ ପାଞ୍ଚ ବର୍ଷ ହେବ ଅଧିକ କିଛି ନୂତନତା ଦେଖାଯାଉନାହିଁ। ସୋଲାର ଆଲୋକର ଅବସ୍ଥା ନ କହିବା ଭଲ। ଏହା ସହିତ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ଏବେ ପର୍ଯ୍ୟଟକମାନଙ୍କୁ କୁଲଡିହା ଡାକବଙ୍ଗଳା ସମ୍ମୁଖ ପଟା ପୋଲ ଠାରୁ ଫେରାଇ ଦିଆ ଯାଉଥିବା ବେଳେ ପର୍ଯ୍ୟଟକ ମାନଙ୍କୁ ଯୋଡାଚୁଆ, ମେଛକୁଣ୍ଡ, ଗଡ଼ ସିମୁଳିଆ, ତେଣ୍ଡା ରାସ୍ତା ଦେଇ ବନ୍ଦ କରିଦିଆ ଯିବା ସହ ନେଚର୍ସ କ୍ୟାମ୍ପ ବ୍ୟତୀତ ଭ୍ରମଣ ସମୟରେ ଅନ୍ୟ ସ୍ଥାନରେ ଗାଡ଼ିରୁ ଓହ୍ଲାଇବା ପାଇଁ ମନା କରାଯାଇଛି। ତେଣୁ ପର୍ଯ୍ୟଟକ ଏତେ ଟଙ୍କା ଖର୍ଚ୍ଚ କରି କୃତ୍ରିମ ସଲ୍ଟପିଟ ଓ ୱାଚ ଟାୱାର ଆଦିର ଅନୁଭୂତି ନେଇ ପାରୁ ନାହାଁନ୍ତି। ଫଳରେ ପର୍ଯ୍ୟଟକ ଭିତରକୁ ପ୍ରବେଶ କରିବା ପରେ ରିଷିଆ ପ୍ରକୃତି ନିବାସର ସ୍ଥିତି ଦେଖି ଅସନ୍ତୁଷ୍ଟ ହେଉଛନ୍ତି। ଏ ନେଇ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। କୁଲଡ଼ିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ସୁବ୍ରତ ବେହେରାଙ୍କୁ ପଚାରିବାରୁ ଅଭୟାରଣ୍ୟରେ ହାତୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ସ୍ଥାନ ଗୁଡିକ ବନ୍ଦ ରଖାଯାଇଛି ବୋଲି କହିଛନ୍ତି।

## ଅସହାୟ ପରିବାରକୁ ସ୍ୱେଚ୍ଛାସେବୀ ସଂଗଠନର ସହାୟତା



ବସ୍ତା ବ୍ଲକ, ୨୮।୫ (ସମିସ): ବସ୍ତା ବ୍ଲକ ସଦାନନ୍ଦପୁର ପଞ୍ଚାୟତ ଦେଉଳ ପଡ଼ା ଗ୍ରାମର ଜନୈକା ବୃଦ୍ଧାଙ୍କ ମୃତ୍ୟୁଶଯ୍ୟା ନିକଟରେ ପହଞ୍ଚି ତାଙ୍କୁ ଆର୍ଥିକ ସହାୟତାର ହାତ ବଢ଼ାଇଛି ବସ୍ତାର ସ୍ୱେଚ୍ଛାସେବୀ ସଂଗଠନ ସୁରକ୍ଷା। ଗ୍ରାମର ଅମ୍ବିକା ବେହେରା (୭୫) ରୋଗରେ ପଡ଼ି ମଙ୍ଗଳବାର ରାତିରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଜଣେ ପୁଅ ଥିବା ବେଳେ ସେ ବିକଳାଙ୍ଗ। ସେ ଅତ୍ୟନ୍ତ ଗରିବ । ଖବର ପାଇ ସ୍ୱେଚ୍ଛାସେବୀ ସଂଗଠନ ର ସଭାପତି ତଥା ଯୁବନେତା ପ୍ରବୀର କୁମାର ପ୍ରଧାନ ବୃଦ୍ଧାଙ୍କ ମୃତ୍ୟୁଶଯ୍ୟା ନିକଟରେ ପହଞ୍ଚି ତାଙ୍କ ପୁଅ ସଞ୍ଜୟଙ୍କୁ ୩ ହଜାର ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ଏହି ସମୟରେ ସଂଗଠନର ଅଜୟ ରାଉଳ, ଲକ୍ଷ୍ମଣ ଜେନା, ଦିନେଶ ମଲ୍ଲିକ, ବାପୁନୁ ବେହେରା, ଜଗବନ୍ଧୁ ମଲ୍ଲିକ, ଅନିରୁଦ୍ଧ ବିଶ୍ୱାଳ ଉପସ୍ଥିତ ଥିଲେ।

## ନୀଳଗିରି ରଥଯାତ୍ରା ପାଇଁ ପାଣ୍ଠି ଯୋଗାଇଦେବାକୁ ମନ୍ତ୍ରୀଙ୍କୁ ଚିଠି

ନୀଳଗିରି, ୨୮।୫ (ସମିସ): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ପାଇଁ ରାଜ୍ୟ ଆଇନ ମନ୍ତ୍ରୀଙ୍କୁ ପାଣ୍ଠି ଯୋଗାଇ ଦେବାକୁ ଚିଠିଲେଖି ଅନୁରୋଧ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ରାଜ୍ୟର ତୃତୀୟ ସର୍ବବୃହତ ନୀଳଗିରି ଜଗନ୍ନାଥଙ୍କ ରଥଯାତ୍ରାକୁ ସରସସୁନ୍ଦର କରିବା ସହିତ ଏହାର ସୁପରିଚାଳନା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଏନେଇ ରାଜ୍ୟ ଅବକାରୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗତ ୨୪ତାରିଖରେ ଚିଠି ଲେଖିଥିବା ଜଣାଯାଇଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ନୀଳଗିରି ରଥଯାତ୍ରା ଧୁମଧାମରେ ପାଳନ ହେଉଥିବା ବେଳେ ଏହାକୁ ସୁରୁଖୁରୁରେ ପାଳନ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ବାଲେଶ୍ୱର ସାଂସଦ ମନ୍ତ୍ରୀଙ୍କୁ ଚିଠିଲେଖି ପାଣ୍ଠିଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

## ବରପଦା ଓ ଅଣ୍ଡାଇଲୋରେ ଯୋଗ ସଂଗମ ପ୍ରସ୍ତୁତି



ଖଇରା,୨୮ ।୫ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ଜୋନ ଅଧୀନ ବରପଦା ଗ୍ରାମରେ ଓ ସାରଡାଙ୍ଗ ପଞ୍ଚାୟତ ଅଧୀନ ଅଣ୍ଡାଇଲୋ ଗ୍ରାମରେ ଆଗାମୀ ଜୁନ ୨୧ ତାରିଖ ଯୋଗ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବରପଦା ଆୟୁର୍ବେଦିକ ଡାକ୍ତରଖାନା ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ ବୈଠକରେ ଯୋଗ ସଙ୍ଗମ-୨୦୨୫ ପାଳନ ପାଇଁ ୨୫ ଦିନିଆ ଯୋଗ ପୂର୍ବାଭ୍ୟାସ ଉପରେ ଆଲୋଚନା କରାଯାଇଥିଲା। ଡାକ୍ତର ଦୁର୍ଗେସ ନନ୍ଦିନୀ ବାସ୍କେ ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଯୋଗ ପ୍ରଶିକ୍ଷକ ମୁକ୍ତିକାନ୍ତ ପାଣିଗ୍ରାହୀ ଉପସ୍ଥିତ ଯୁବ, ଛାତ୍ରଛାତ୍ରୀ, ଆଶା, ଅଙ୍ଗନବାଡି କର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ ଔଷଧୀୟ ବୃକ୍ଷ ପ୍ରଦାନ ସହ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ସେହିଭଳି ସାରଡାଙ୍ଗ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ଆନୁକୂଲ୍ୟରେ ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ସୁଶ୍ରୀ ସଙ୍ଗିତା ମାହାନ୍ତ ଓ ଯୋଗଗୁରୁ ମୁକ୍ତିକାନ୍ତ ପାଣିଗ୍ରାହୀଙ୍କ ଉପସ୍ଥିତିରେ ୨୫ ଦିନିଆ ଯୋଗ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇ ଯାଇଛି। ରୋଗ ଅନୁସାରେ ଯୋଗ ପ୍ରଶିକ୍ଷଣ, ଶୁଦ୍ଧ ଆହାର, ସମ୍ମନ୍ୱିତ ବିଚାର ମାଧ୍ୟମରେ କିଭଳି ଶାରିରୀକ, ମାନସିକ ଓ ଆତ୍ମିକ ଶାନ୍ତି ମିଳି ପାରିବ ସେ ସମ୍ପର୍କରେ ଯୋଗ ଗୁରୁ ପାଣିଗ୍ରାହୀ ଆବଶ୍ୟକ ପରାମର୍ଶ ଦେଇଥିଲେ। ଆଶା କର୍ମୀ ବୈଜୟନ୍ତୀ ନାୟକ, ଅଙ୍ଗନବାଡ଼ି କର୍ମୀ କମଳିନୀ ସାମଲଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

## ଇଣ୍ଡିଆନ୍ ଅଏଲ ଡିପୋରେ 'ଡ୍ରାଇଭର୍ସ ଡେ' ପାଳିତ



ନୀଳଗିରି,୨୮।୫ (ସମିସ): ନୀଳଗିରି ଉପକଣ୍ଠ ସୋମନାଥପୁର ଇଣ୍ଡିଆନ୍ ଅଏଲ ଡିପୋରେ "ଡ୍ରାଇଭର୍ସ ଡେ' ପାଳନ ହୋଇ ଯାଇଛି। ସର୍ବପ୍ରଥମେ ଡ୍ରାଇଭର ସଙ୍ଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର ଓ ସେଖ ମୁବାରକ ଇଣ୍ଡିଆନ୍ ଅଏଲ ଡିପୋରେ ବରିଷ୍ଠ ପରିଚାଳକ ମୁକ୍ତି ସେଠୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉକ୍ତ ସଭାରେ ସୁରକ୍ଷା ଅଧିକାରୀ ଦୁର୍ଗେସ କୁଜ୍ଲେ ସଭାପତିତ୍ୱ କରିଥିବା ବେଳେ ସଂଘର ସାଧାରଣ ସମ୍ପାଦକ ବିଜୟ ପାତ୍ର ଡ୍ରାଇଭର୍ସ ଡେ ରେ ଡ୍ରାଇଭର ମାନଙ୍କ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ପରିଚାଳକ ଶ୍ରୀ ସେଠୀ ଡ୍ରାଇଭର ମାନଙ୍କୁ ସଡ଼କ ସୁରକ୍ଷା ଉପରେ ପରାମର୍ଶ ଦେଇଥିଲେ। ପାଞ୍ଚ ଜଣ ଡ୍ରାଇଭର ଙ୍କୁ ସେମାନଙ୍କର ଭଲ କାମ ପାଇଁ ପୁରସ୍କୃତ କରାଯାଇଥିଲା। ଶେଷରେ ସେଖ ମୁବାରକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଭୋଳାନାଥ ବଳ, ସଂଜୀବ ମଲ୍ଲିକ, ରମେଶ ଚଢ଼ା, ଗୁଲସନ୍ ଚୌଧୁରୀଙ୍କ ସମେତ ବହୁ ଡ୍ରାଇଭର ଉପସ୍ଥିତ ଥିଲେ।

## ବାଲିଆପାଳ ବ୍ଲକ୍

# ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ ମରୁଡ଼ି

ବାଲିଆପାଳ, ୨୮।୫ (ସମିସ)




ବାଲିଆପାଳ ବ୍ଲକରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୀର୍ଘଦିନ ଧରି କର୍ମଚାରୀ ମରୁଡି ଦେଖାଦେଇଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନିକ ଉଦାସୀନତା କାରଣରୁ ବର୍ଷ ବର୍ଷ ଧରି ଏହି ପଦବୀ ପୂରଣ ହୋଇପାରୁନଥିବା କୁହାଯାଇଛି। ଫଳରେ ବିଭିନ୍ନ କାର୍ଯ୍ୟାଳୟରେ ସେବା ବାଧାପ୍ରାପ୍ତ ହେଉଥିବା ବେଳେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୂଚନ ଅଧିକାର ତଥ୍ୟ ଆଧାରରେ ବାଲିଆପାଳ ବ୍ଲକରେ ସ୍ୱାସ୍ଥ୍ୟ, ଶିକ୍ଷା, ରାଜସ୍ୱ, ବ୍ଲକ କାର୍ଯ୍ୟାଳୟ, କୃଷି ବିଭାଗ, ପ୍ରାଣୀ ବିଭାଗ, ପୁଲିସ ବିଭାଗ ସମେତ ବିଭିନ୍ନ କାର୍ଯ୍ୟାଳୟରେ ମୋଟ ୨୩୬ଟି ସରକାରୀ ପଦବୀ ଖାଲି ପଡିଛି। କେବଳ ସ୍ୱାସ୍ଥ୍ୟ ବିଭାଗରେ ସର୍ବାଧିକ ୧୧୭ଟି ପଦବୀ ଖାଲି ପଡିଛି। ଯେଉଁଥିରେ ୨ ଜଣ ସର୍ଜରୀ ବିଶେଷଜ୍ଞ ପଦବୀ ୮ ବର୍ଷ ହେଲା ଖାଲି ପଡିଛି। ସେହିପରି ପାଞ୍ଚବର୍ଷ ହେଲା ବିପିଏଚଓ ପଦବୀ ଏବଂ ଚାରିବର୍ଷ ହେଲା ୨ଜଣ ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଖାଲି ପଡିଛି। ୧୦ବର୍ଷ ହେଲା ଚତୁର୍ଥ ଶ୍ରେଣୀ କର୍ମଚାରୀ ଆଟେଣ୍ଡାଣ୍ଟ ୭ ଜଣ, ସୁଇପର ୭ଜଣ ନାହାନ୍ତି। ସେହିପରି ବାଲିଆପାଳ ବ୍ଲକରେ ୫୭ଟି ପଦବୀ ଖାଲି ପଡିଛି। ବିଡିଓ ପଦବୀ ଖାଲିପଡିଥିବା ବେଳେ ତହସିଲଦାର ଉଭୟ ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଆକାଉଣ୍ଟ ଅଫିସର, ଦୁଇଜଣ ଏଇ, ୬ ଜଣ ପିଇଓ, ୧୧ ଜଣ ଏଡିଇଓ, ୨୭ଜଣ ଜିଆରଏସ ପଦବୀ ରହିଛି।

**୨୩୬ଟି ପଦବୀ ଖାଲି**
**୩୧ରେ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଆନ୍ଦୋଳନ ଚେତାବନୀ**

ସେହିପରି ରାଜସ୍ୱ ବିଭାଗରେ ୨୪ଟି ପଦବୀ ଖାଲି ପଡିଛି ଯେଉଁଥିରେ କେବଳ ବାଲିଆପାଳ ତହସିଲରେ ୧୮ଟି ପଦବୀ ଖାଲି ପଡିଛି। ସେଥିମଧ୍ୟରେ ଅତିରିକ୍ତ ତହସିଲଦାର ମଧ୍ୟ ରହିଛନ୍ତି। ସେହିପରି କୃଷି ବିଭାଗରେ ସହ କୃଷି ଅଧିକାରୀ, ଏବଂ ୯ ଜଣ ଭିଏ ବ୍ଲୁ ମିଶାଇ ୧୦ଟି ପଦବୀ ଖାଲି ପଡିଛି। ପ୍ରାଣୀ ସମ୍ପଦ ବିଭାଗରେ ଗତ ୨୦୨୧ ମସିହାରୁ ପ୍ରାଣୀ ଚିକିତ୍ସାଧିକାରୀ ପଦବୀ ଏବଂ ୨୨୩ ମସିହାରୁ ସହ ପ୍ରାଣି ଚିକିତ୍ସାଧରକାରୀ ପଦବୀ ଖାଲି ପଡିଛି।ଶିକ୍ଷା ବିଭାଗରେ ବ୍ଲକ ଶିକ୍ଷାଅଧିକାରୀ,୨ ଜଣ ଏବିଇଓ ସମେତ ୫ଟି ପଦବୀ ଖାଲି ପଡଛି। ସେହପରି ସମନ୍ୱିତ ଶିଶୁ ବିକାଶ ବିଭାଗରେ ୨୦୨୨ ମସିହାରୁ ୫ ଜଣ ସୁପରଭାଇଜର ପଦବୀ ଖାଲି ପଡିଛି। ଦୀର୍ଘବର୍ଷ ଧରି ଏହି ସବୁ ବିଭାଗରେ ପଦବୀ ଖାଲି ପଦବୀ ପୂରଣ ହେଉନଥିବା ବିରୋଧରେ ବାଲିଆପାଳ ସୂଚନା ଅଧିକାର ସଂଘର ସଭାପତି ଅନୁଜ ମହାପାତ୍ର ରାଜ୍ୟ ସରକାରଙ୍କ ବିରୋଧରେ ଜନସ୍ୱାର୍ଥମାମଲା ଦାଏର କରିଛନ୍ତି। ସେହିପରି ବାଲିଆପାଳ ସୂଚନା ଅଧିକାର ସଂଘ ପକ୍ଷରୁ ଆସନ୍ତା ୩୧ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଂଘର ସଭାପତି ଶ୍ରୀ ମହାପାତ୍ର କହିଛନ୍ତି।

# ଡାକ୍ତରଖାନା ଆଗରେ ଜେଏମ୍ଏମ୍‌ର ବିକ୍ଷୋଭ

ରାଇରଙ୍ଗପୁର,୨୮ ।୫(ସମିସ):



ବୁଧବାର ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ପକ୍ଷରୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜାତଳା ବ୍ଲକ ଅନ୍ତର୍ଗତ ଖନ୍ତ ପଞ୍ଚାୟତ ମଦନଶିଳା ଗ୍ରାମର ଶଙ୍କର ନାଏକଙ୍କ ସ୍ତ୍ରୀ ନନ୍ଦିନୀ ନାଏକ (୨୧)ଙ୍କ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ପ୍ରସବ ସମୟରେ ଚିକିତ୍ସା ଅବହେଳାରୁ ମୃତ୍ୟୁ ଘଟିଥିଲା। ଏ ନେଇ ତାଙ୍କ ସ୍ୱାମୀ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଆଜି ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଜିଲ୍ଲା କମିଟିର କର୍ମକର୍ତ୍ତାମାନେ ମୁର୍ମୁଛକରୁ ଏକ ଶୋଭାଯାତ୍ରାରେ ବାହାରି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୃତ ନନ୍ଦିନୀ ନାଏକଙ୍କ ସ୍ୱାମୀଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ, ଅସହାୟ କନ୍ୟାରତ୍ନ ସାବାଳିକା ହେବା ଯାଏ ଭରଣପୋଷଣ ଦାୟିତ୍ୱ ସରକାର ନିଅନ୍ତୁ, ଦାୟିତ୍ୱରେ ଥିବା ଡାକ୍ତରଙ୍କୁ ଶୀଘ୍ର ବରଖାସ୍ତ କରିବା ସହିତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ ଦୃଢ କାର୍ଯ୍ୟାନୁଷ୍ଠାନ, ସ୍ତ୍ରୀ ରୋଗ ବିଶେଷଜ୍ଞ ଏବଂ ପ୍ରସୂତି ବିଭାଗରେ ୫ ଜଣ ଡାକ୍ତର ନିଯୁକ୍ତି, ରୋଗୀଙ୍କ ସେବା ପାଇଁ କାର୍ଯ୍ୟସୂଚୀ ଅନୁଯାୟୀ ଆପଦକାଳୀନ ସେବା ନିମନ୍ତେ ସ୍ୱତନ୍ତ୍ର କକ୍ଷ ନିର୍ମାଣ ଆଦି ଦାବି କରିଛି ଜେଏମଏମ। ପରେ ଦଳ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶୋଭାଯାତ୍ରାରେ ମୃତ ନନ୍ଦିନୀ ନାଏକଙ୍କ ସ୍ୱାମୀ ଶଙ୍କର ନାଏକ, ଜିଲ୍ଲା ସଭାପତି ଚନ୍ଦ୍ର ମୋହନ ପିଙ୍ଗୁଆ, ଉପସଭାପତି ଘନଶ୍ୟାମ ପିଙ୍ଗୁଆ, କୃଷ୍ଣଚନ୍ଦ୍ର କାରୁଆ, ଚନ୍ଦନ ମୁର୍ମୁ, ଲାଭ କିସ୍କୁ, ମନୋରାମ ମୁର୍ମୁ, ମେଘରାୟ ଟୁଡୁ, ନାରାନ୍ ମାଝୀ, ଅର୍ଜୁନ ମାଝୀ, ଭଗବତ ହାଁସଦା, ଉଦୟନାଥ ସୋରେନ ପ୍ରମୁଖ ଯୋଗ ଦେଇଥିଲେ।

## ଯୋଶବନ୍ତପୁର-ପ୍ରଧାନସାହି ରାସ୍ତା କାଦୁଅ ସାଲୁବାଲୁ



ସୋସୋ,୨୮।୫(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ପଞ୍ଚୁଗୋଛିଆ ପଞ୍ଚାୟତର ଯୋଶବନ୍ତପୁର ପ୍ରଧାନସାହି ରାସ୍ତା କାଦୁଅ ସାଲୁବାଲୁ ହୋଇଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ଏନେଇ କିଛି ଗ୍ରାମବାସୀ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାସ୍ତାଟି କାଦୁଅ ସାଲୁବାଲୁ ହୋଇଥିବାରୁ ଗ୍ରାମର ଲୋକେ ଯାତାୟାତ ଏବଂ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯିବାଆସିବା ସମୟରେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ରାସ୍ତା ସମସ୍ୟାର ସମାଧାନ କରିବାକୁ ଗ୍ରାମର ଆନନ୍ଦ ସାହୁ, ଦୁର୍ଯୋଧନ ସାହୁ, ବାମଦେବ ସାହୁ, ବୁଦ୍ଧଦେବ ସାହୁ ପ୍ରମୁଖ ଦାବି କରିଛନ୍ତି। ଏନେଇ ସରପଞ୍ଚ ଦିନେଶ କୁମାର ସେଠୀଙ୍କୁ ପଚାରିବାରୁ ସେହି ରାସ୍ତାରେ ଏକ ନୂତନ ପ୍ରକଳ୍ପ ଦିଆଯିବ ବୋଲି କହିଛନ୍ତି।

## ଆନ୍ତର୍ଜାତିକ ଋତୁସ୍ରାବ ସ୍ୱଚ୍ଛତା ଦିବସ



ବାରିପଦା, ୨୮ ।୫(ସମିସ): ବୁଧବାର ଆନ୍ତର୍ଜାତିକ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଯାଇଛି। ମହିଳାମାନେ କିଭଳି ସ୍ୱଚ୍ଛତାର ସହିତ ନିଜ ଋତୁସ୍ରାବ ଚକ୍ରକୁ ସୁସ୍ଥ ଭାବରେ ସମାପନ କରିପାରିବେ ସେଥିପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦିବସ ପାଳନ ହୋଇଆସୁଛି। ଆଜିର ଆଧୁନିକ ସମାଜରେ ମଧ୍ୟ ବହୁ ବର୍ଗର ମହିଳା ସଚେତନତାର ଅଭାବ ଯୋଗୁଁ ସ୍ୱଚ୍ଛତାର ସହିତ ଋତୁସ୍ରାବର ପ୍ରଣାଳୀ ଜାଣିପାରୁନାହାନ୍ତି। ଏହି ଅବସରରେ ବାରିପଦାର ‘ବସୁନ୍ଧରା ଫାଉଣ୍ଡେସନ କେଆର୍ ଚାରିଟେବୁଲ ଟ୍ରଷ୍ଟ’ର ପ୍ରୟାସରେ ଏକ ‘ସ୍ୱଚ୍ଛ ଋତୁସ୍ରାବ ସଚେତନତା’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାରିପଦା ପୌର ପରିଷଦର ୨୨ ନମ୍ବର ୱାର୍ଡର ଅଙ୍ଗନବାଡି କେନ୍ଦ୍ରରେ ୪୦ରୁ ଅଧିକ କିଶୋରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜୀବନରେ ନୂଆକରି ଋତୁସ୍ରାବ ହେଉଥିବା କିଶୋରୀମାନେ ହିଁ ଏହି ବିଷୟରେ ସବୁଠୁ ବେଶୀ ସଚେତନ ରହିଲେ ଆଗାମୀ ପିଢିର ପରିବାର ଓ ସନ୍ତାନମାନେ ସୁସ୍ଥ ରହିବାର ବାର୍ତ୍ତା ଦେଇଥିଲା ଏହି ଅନୁଷ୍ଠାନ। ଋତୁସ୍ରାବ ବେଳେ ଛୁଆଁଅଛୁଆଁ ମାନିବା ଭଳି ପୂର୍ବକାଳରୁ ରହି ଆସିଥିବା ଅନ୍ଧ ବିଶ୍ୱାସଠୁ ଦୂରେଇ ରହିବାକୁ ମଧ୍ୟ ତାଲିମ ଦିଆଯାଇଥିଲା। ଶେଷରେ ସମସ୍ତ କିଶୋରୀଙ୍କୁ ସାନିଟାରୀ ପ୍ୟାଡ ସହିତ ଚକଲେଟ୍ ବଣ୍ଟନ କରାଯାଇଥିଲା। ଶେଷରେ ଏହି ଦିନଟିକୁ ମନେ ରଖିବା ଲାଗି ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଏଫସିସିଟିର ସଦସ୍ୟା ଦିପ୍ତିମୟୀ ଦାସ, ପୂଜା ବାରିକଙ୍କ ସହିତ ଏଫ୍ଏସଟିପିର ପ୍ଲାଣ୍ଟ ମ୍ୟାନେଜର ନିରୁପମା ସ୍ୱାଇଁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ତେଲ ଟାଙ୍କିରେ ଡିଜେଲ ମାରଣ ନୀତି

ଯୋଡ଼ା,୨୮।୫(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧୀନ ଯୋଡ଼ା, ବାଂଶପାଣିରେ ଥିବା କେତେକ ପେଟ୍ରୋଲ ପମ୍ପଗୁଡ଼ିକରେ ଡିଜେଲ ମାରଣ ନୀତି ଅବଲମ୍ବନ ହେଉଥିବା କିଛି ଗାଡ଼ିମାଲିକ ଅଭିଯୋଗ କରିଛନ୍ତି। ସୂଚନାନୁଯାୟୀ, ବାଂଶପାଣି ଓ ଯୋଡ଼ାରେ ଥିବା କିଛି ପେଟ୍ରୋଲ ପମ୍ପରୁ ସେହିଅଞ୍ଚଳର ପ୍ରାୟ ୮୦ ପ୍ରତିଶତ ଗାଡ଼ିମାଲିକ ଦୈନିକ ଶହଶହ ଡିଜେଲ ନିଜ ଖଣିଜ ବୋଝେଇ ଗାଡ଼ିଗୁଡ଼ିକରେ ଭର୍ତ୍ତି କରୁଛନ୍ତି। ହେଲେ ମଝିରେ ମଝିରେ ଗାଡ଼ିଗୁଡ଼ିକରେ କମ ତେଲ ଭର୍ତ୍ତି ହେଉଥିବା କିଛି ଗାଡ଼ିମାଲିକ ନିଜ ନାଁ ଗୋପନ କରି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି। ଗାଡ଼ି ମାଲିକଙ୍କ କହିବା କଥା ଏବେ ଗାଡ଼ିଗୁଡ଼ିକ ବିଏସ୍‌ସିକ୍ସ ମଡେଲ। ଯାହାଫଳରେ ସେମାନେ ତେଲ ଖର୍ଚ୍ଚର ସଠିକ ହିସାବ ଏବଂ ଡିଜେଲ ହେରଫେରି ତଥା କ୍ଷତିରୁ ବଞ୍ଚିବା ପାଇଁ ମୋବାଇଲ ଆପ୍‌ରେ ଗାଡ଼ିଗୁଡ଼ିକରେ କେତେ ତେଲ ଭର୍ତ୍ତି ଓ ଖର୍ଚ୍ଚ ହେଉଛି ତାହା ଜାଣି ପାରୁଛନ୍ତି। କିନ୍ତୁ ଏହି ଆପ୍ ମାଧ୍ୟମରେ ଆଉ ଏକ ସତ୍ୟ ସାମ୍ନାକୁ ଆସିଛି, ତାହା ହେଉଛି ତେଲ ଟାଙ୍କି ତରଫରୁ ୨୦୦ ଲିଟର ଡିଜେଲ ଗାଡ଼ିରେ ଭର୍ତ୍ତି ହେଉଥିବା ବେଳେ ତାହା ମୋବାଇଲ ଆପ୍‌ରେ ୧୯୦ ଲିଟର ଦେଖାଉଛି। ଯାହା ଗାଡ଼ିମାଲିକଙ୍କୁ ଆର୍ଥିକ କ୍ଷତି ଦେଉଛି। ତେଣୁ କିଛି ଗାଡ଼ିମାଲିକ ଏହାର ସଠିକ ପ୍ରମାଣ ଯୋଗାଡ଼ କରି ଆଗକୁ ଆଇନ୍‌ର ଆଶ୍ରୟ ନେବେ ବୋଲି ସୂଚନା ପ୍ରଦାନ କରିଛନ୍ତି।

## ମୃତ ତପନଙ୍କ ପରିବାରକୁ ସହାୟତା ପ୍ରଦାନ

ରାମଚନ୍ଦ୍ରପୁର,୨୮।୫(ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ତିଗିରିଆ ଗାଁର ଯୁବ କାରିଗର ତପନ ରାଉତଙ୍କ ଗତ ସୋମବାର ସାବିତ୍ରୀ ଅମାବାସ୍ୟାରେ ହୃଦଘାତରେ ମୃତ୍ୟୁ ଘଟିଛି। ଘଟଣାରେ ପୁରା ଗାଁ ସ୍ତବ୍ଧ ହେବାସହ ପରିବାର ଅସହାୟ ହୋଇ ପଡ଼ିଥିବା ବେଳେ ବିଧବା ପତ୍ନୀଙ୍କ ଆଖିରୁ ଏଯାଏଁ ଲୁହ ଶୁଖିନି। ଏଭଳି ଦୁଃଖଦ ଖବର ଶୁଣି ସ୍ଥାନୀୟ ବସନ୍ତ ମଞ୍ଜରୀ ଫାଉଣ୍ଡେସନର ଟ୍ରଷ୍ଟି ଡ. ରତିକାନ୍ତ ବରାଳ, ସମାଜସେବୀ ମାନସ ନାୟକ ପ୍ରମୁଖ ବୁଧବାର ତାଙ୍କ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ବିଧବା ପତ୍ନୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ତାଙ୍କ ଦୁଇ ପିଲାଙ୍କ ପାଠପଢା ଖର୍ଚ୍ଚ ବସନ୍ତମଞ୍ଜରୀ ଟ୍ରଷ୍ଟ ତୁଲାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମର ମହେନ୍ଦ୍ର ବେହେରା, ପ୍ରମୋଦ ବେହେରା, ଗାଣ୍ଡୁଚରଣ ବେହେରା, ମଳୟ ରାଉତ, ଜଗନ ବେହେରା, ସିପୁନ ନାୟକ, ଗୋବିନ୍ଦ ମଲ୍ଲିକ, କାଜଲ ଧୀର, ଅମୂଲ୍ୟ ମାଝୀ, ସୋମନାଥ ଧୀର, ଅଭିଷେକ ବେହେରା ସମେତ ଅନେକ ଗ୍ରାମବାସୀ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ତାଲା ଭାଙ୍ଗି ଶିବ ମନ୍ଦିରରୁ ଚୋରି

ରାଇରଙ୍ଗପୁର,୨୮ ।୫(ସମିସ): ସୋମବାର ବିଳମ୍ବିତ ରାତିରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ମୁଣ୍ଡା ଠାକୁରା ଗାଁ ସ୍ଥିତ ଶିବ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦାନ ବାକ୍ସ, ସୁନା ଓ ରୂପା ଆଦି ଅଳଙ୍କାର ସହିତ ପିତ୍ତଳ ଜିନିଷପତ୍ର ଚୋରି କରି ନେଇପଳାଇଛନ୍ତି। ମଙ୍ଗଳବାର ସକାଳେ ଗ୍ରାମବାସୀ ଦେଖିବା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ରାଇଡିହି ଗ୍ରାମରେ ନାବାଳକର ମୃତ୍ୟୁ

କୁଆମରା, ୨୮।୫(ସମିସ): ଖୁଣ୍ଟା ଥାନା ରାଇଡିହି ଗ୍ରାମର ଜଣେ ନାବାଳିକର ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ରାମଚନ୍ଦ୍ର ମାରାଣ୍ଡିଙ୍କ ପୁଅ ଅଜିତ (୧୭)। ସୋମବାର ସେ ରାତିରେ ସାଂଗମାନଙ୍କ ସହ ଏକ ଭୋଜିରେ ଯୋଗଦେଇ ଘରକୁ ଫେରିଥିଲେ। ତେବେ ବିଳମ୍ବିତ ରାତିରେ ତାଙ୍କର ରକ୍ତବାନ୍ତି ହୋଇଥିଲା ବୋଲି ପରିବାର ଲୋକେ କହିଛନ୍ତି। ଫଳରେ ସେ ଗୁରୁତର ଅସୁସ୍ଥ ହୋଇ ପଡିଥିଲେ। ଆଜି ସକାଳେ ପରିବାର ଲୋକେ ତାଙ୍କୁ ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକଙ୍କୁ ନୂଆ ଦାୟିତ୍ୱ



କେନ୍ଦୁଝର,୨୮।୫(ସମିସ): କେନ୍ଦୁଝର ଜିଲ୍ଲାର ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକଙ୍କୁ ପିସିସି ସାଧାରଣ ସମ୍ପାଦକ ଭାବରେ ନିଯୁକ୍ତି ପାଇବା ପରେ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ତାଙ୍କୁ ଗଞ୍ଜାମ(ପୂର୍ବ) ଏବଂ (ପଶ୍ଚିମ), ଅନୁଗୁଳ, ଢେଙ୍କାନାଳ ଜିଲ୍ଲାର ସଂଗଠନକୁ ମଜବୁଦ କରିବା ପାଇଁ ନୂଆ ଦାୟିତ୍ୱ ମିଳିଛି। ସେ ପିସିସି ଉପ ସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକଙ୍କ ସହିତ ଏହି ଗୁରୁ ଦାୟିତ୍ୱ ତୁଲାଇବେ।

■ ଅଲ୍ ଇଣ୍ଡିଆ ହୋ’ ଲାଙ୍ଗୁଆଜ୍ ଆକ୍ସନ କମିଟି

## କେନ୍ଦ୍ରୀୟ ଉପସଭାପତି ଗିରୀଶ ହେମ୍ବ୍ରମଙ୍କ ଇସ୍ତଫା



ବାରିପଦା, ୨୮ ।୫(ସମିସ): ଅଲ୍ ଇଣ୍ଡିଆ ହୋ ଲାଙ୍ଗୁଏଜ ଆକ୍ସନ କମିଟି ହୋ ଭାଷାର ମାନ୍ୟତା ନିମନ୍ତେ ଜାତୀୟସ୍ତରରେ କାର୍ଯ୍ୟ କରିଆସୁଛି। ରାଇରଙ୍ଗପୁରରେ ୨୦୧୧ ମସିହାରେ ଏହି ସଙ୍ଗଠନ ପ୍ରତିଷ୍ଠା ହୋଇଥିଲା। ସଂଗଠନର ପ୍ରଥମ ସଭାପତି ରୂପେ କେନ୍ଦ୍ରୀୟ ସଭାପତି ରୂପେ କନ୍ଦାଚରଣ ନାଏକ (ବିରୁଲି) ନିର୍ବାଚିତ ହୋଇଛନ୍ତି। ୨୦୨୨ ମସିହାରୁ କେନ୍ଦୁଝର ଜିଲ୍ଲାର ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାମରାୟ ମୁନ୍ଦୁୟା କେନ୍ଦ୍ରୀୟ ସଭାପତି ଦାୟିତ୍ୱରେ ରହିଛନ୍ତି। ତେବେ ଏହି କମିଟିର ପଦାଧିକାରୀଙ୍କ ମଧ୍ୟରୁ କେତେକ ହୋ ଭାଷାର ସ୍ୱୀକୃତି କଥା ଅପେକ୍ଷା ନିଜର ରାଜନୈତିକ ପ୍ରତିଷ୍ଠାକୁ ଅଧିକ ଗୁରୁତତ୍ୱଦେଉଥିବା ଅଭିଯୋଗ ହେଉଛି। ଫଳରେ ଜାତୀୟ ସ୍ତରର ଏହି ସଂଗଠନ ପ୍ରତି ହୋ ଭାଷା ପ୍ରେମୀଙ୍କ ଆସ୍ଥା କମି ଯାଉଛି। ଅଲ୍ ଇଣ୍ଡିଆ ହୋ ଲାଙ୍ଗୁଏଜ ଆକ୍ସନ କମିଟିର ବରିଷ୍ଠ କେନ୍ଦ୍ରୀୟ ଉପସଭାପତି ପଦବୀରୁ ଗିରିଶ ଚନ୍ଦ୍ର ହେମ୍ବ୍ରମ ଆଜି ଇସ୍ତଫା ଦେଇଛନ୍ତି। ଏଥିରୁ କେନ୍ଦ୍ରୀୟ କମିଟିରେ ସବୁ ଠିକ୍ ନଥିବା ଜଣାପଡୁଛି। ନିଜ ପଦବୀରୁ ଇସ୍ତଫା ଦେଇଥିବା ଗିରିଶଚନ୍ଦ୍ର ଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ସହିତ ସାକ୍ଷାତ ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ତେବେ ଆଜି ଅଚାନକ ନିଜ ପଦବୀରୁ ଇସ୍ତଫା ଦେବା ପ୍ରସଙ୍ଗ ଅନେକ ହୋ ଭାଷା ପ୍ରେମିମାନଙ୍କୁ ଚକିତ କରିଛି। କେନ୍ଦ୍ରୀୟ କମିଟି ଏବଂ ରାଜ୍ୟ ଶାଖା କମିଟିଗୁଡ଼ିକର ପୁର୍ନଗଠନ, ଏଥିରେ ଅଧିକରୁ ଅଧିକ ହୋ ଭାଷା ଆନ୍ଦୋଳନକାରୀ, ଭାଷାପ୍ରେମୀଙ୍କୁ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଗତ ବିଧାନସଭା ନିର୍ବାଚନରେ ବର୍ତ୍ତମାନର ଜଙ୍ଗଲ, ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆଙ୍କୁ ବିପୁଳ ଭୋଟରେ ବିଜୟୀ କରାଇବାରେ ଗିରିଶଚନ୍ଦ୍ରଙ୍କ ଅବଦାନ ଅନେକ। ହୋ ଲାଙ୍ଗୁଏଜ ଆକ୍ସନ କମିଟି କେନ୍ଦ୍ରୀୟ ଉପସଭାପତି ପଦବୀରୁ ଇସ୍ତଫାକୁ ନେଇ ରାଜନୈତିକ ମହଲରେ କଳ୍ପନାଜଳ୍ପନା ଚାଲିଛି।

## ଆକ୍ରମଣ ଅଭିଯୋଗରେ ଜଣେ ଗିରଫ; ପିକଅପ୍ ଜବତ

କୁଆମରା,୨୮।୫(ସମିସ): ଖୁଣ୍ଟା ଥାନା ଅଧୀନ କଡଦା ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଆରପଟା ପଞ୍ଚାୟତ ପାଳଶା ଗ୍ରାମର ଦୁଇ ଭାଇ ଆକ୍ରମଣ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ଦୁଇ ଅଭିଯୁକ୍ତ ଫେରାର ଥିଲେ। କଡଦା ଗ୍ରାମର ମନୋରଞ୍ଜନ ଦାଶଙ୍କଠାରୁ ପାଳଶା ଗ୍ରାମର ମନୋଜ ସିଂ ଗତ ଫେବୃଆରୀରେ ଟେଣ୍ଟ ସାମଗ୍ରୀ ଭଡା ନେଇଥିଲେ। ଭଡା ବାବଦକୁ ୯ ହଜାର ୬ଶହ ଟଙ୍କା ମନୋଜ ସିଂଙ୍କ ଉପରେ ବାକି ଥିଲା। ତେବେ ମନୋଜ ଏହି ବାକି ଟଙ୍କାକୁ ନେଇ ଶ୍ରୀ ଦାଶଙ୍କ ସହ ଖେଳି ବୁଲୁଥିଲେ। ଫଳରେ ନ୍ୟାୟ ପାଇଁ ଶ୍ରୀ ଦାଶ କୁଆମରା ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଉଭୟଙ୍କୁ ନେଇ ବୁଝାମଣା କରିବା ପରେ ଏପ୍ରିଲ ୨୦ ତାରିଖ ମଧ୍ୟରେ ସମସ୍ତ ଟଙ୍କା ପରିଶୋଧ କରିବେ ବୋଲି ମନୋଜ ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଆଉ ଧରାଛୁଆଁ ଦେଇ ନ ଥିଲେ। ଗତ ୧୧ ତାରିଖରେ ମନୋଜଙ୍କ ଦୁଇ ପୁଅ ପପୁନ ଓ ବିତୁନ ପୁରୁଣା ବାରିପଦାଠାରେ ଛିଡା ହୋଇଥିବା ବେଳେ ଶ୍ରୀ ଦାଶ ଟଙ୍କା ଦେବାକୁ ତାଗିତ୍ କରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଏଥିରେ ଦୁଇ ଭାଇ ଉତ୍ତ୍ୟକ୍ତ ହୋଇ ଶ୍ରୀ ଦାଶଙ୍କୁ ଆକ୍ରମଣ କରିଥିଲେ। ପରେ ଶ୍ରୀ ଦାଶଙ୍କୁ ତାଙ୍କ ଗାଡିରେ ୫୦ ଫୁଟ ପର୍ଯ୍ୟନ୍ତ ଘୋଷାଡି ନେଇ ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲେ। ଫଳରେ ଶ୍ରୀ ଦାଶ ଗୁରୁତର ହୋଇପଡିଥିଲେ। ତାଙ୍କୁ ପ୍ରଥମେ କୁଆମରା ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଘଟଣା ପରଠାରୁ ଦୁଇ ଭାଇ ଫେରାର ଥିବା ବେଳେ ୧୭ ଦିନ ପରେ ପୁଲିସ ଗତକାଲି ରାତିରେ ମନୋଜଙ୍କ ଘରୁ ସାନଭାଇ ବିତୁନ ସିଂଙ୍କୁ ଗିରଫ କରିବା ସହିତ ପିକଅପ୍‌କୁ ଜବତ କରି ଥାନା ରେ ଅଟକ ରଖିଛି। ଅନ୍ୟ ଅଭିଯୁକ୍ତ ପପୁନ ଫେରାର ରହିଛି।

## ସନ୍ତୋଷ ମୁର୍ମୁ ଜେଏମଏମରୁ ନିଲମ୍ବିତ

ବାରିପଦା, ୨୮ ।୫(ସମିସ): ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ସନ୍ତୋଷ କୁମାର ମୁର୍ମୁଙ୍କୁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ)ରୁ ନିଲମ୍ବିତ କରାଯାଇଛି। ଏ ନେଇ ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ଚିତ୍ରଡ଼ା ଓ ହଳଦୀପାଳରେ ନାହିଁ ବାତ୍ୟା ଆଶ୍ରୟସ୍ଥଳୀ

ମୋରଡ଼ା,୨୮।୫(ସମିସ): ମୋରଡ଼ା ବ୍ଲକ ଅନ୍ତର୍ଗତ ହଳଦୀପାଳ ଓ ଚିତ୍ରଡା ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ନ ଥିବାରୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍କୁଲ ଘର ଏକମାତ୍ର ଭରସା। ତେଣୁ ଦୁଇ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ। ସୂଚନାଯୋଗ୍ୟ ଯେ, ଜମ୍ବୀରା ନଦୀ ଅବବାହିକାରେ ଥିବା ଘୋଳମୁହାଁ, ଚିତ୍ରଡା, ହଳଦୀପାଳ, ମୋରଡ଼ା, ବରକନ୍ଦ ଆଦି ପଞ୍ଚାୟତର ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରତିବର୍ଷ ବନ୍ୟା ଓ ବାତ୍ୟା ଦ୍ୱାରା ପ୍ରଭାବିତ ହୋଇଥାନ୍ତି। ବିପର୍ଯ୍ୟୟ ସମୟରେ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସ୍ଥାନାନ୍ତର କରି ସୁରକ୍ଷିତ ସ୍ଥାନରେ ରଖାଯାଇଥାଏ; କିନ୍ତୁ ଚିତ୍ରଡା ଓ ହଳଦୀପାଳ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇନାହିଁ। ଉଭୟ ପଞ୍ଚାୟତରେ ଦଳିତଙ୍କ ସଂଖ୍ୟା ୭୦ ଭାଗରୁ ଅଧିକ ଥିବାବେଳେ ସରକାରଙ୍କ ନିରବତା ଓ ସ୍ଥାନୀୟ ନେତାଙ୍କ ଦାବି ଉପସ୍ଥାପନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ସରକାର ତୁରନ୍ତ ଏହି ଦୁଇ ପଞ୍ଚାୟତରେ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଦାବି ହେଉଛି।

## ‘ବିକଶିତ ଗାଁ ବିକଶିତ ଓଡିଶା’ର ସ୍ୱତନ୍ତ୍ର ବୈଠକ

ମହୁଲଡିହା,୨୮।୫(ସମିସ): ଠାକୁରମୁଣ୍ଡା ବ୍ଲକରେ ବୁଧବାର ‘ବିକଶିତ ଗାଁ ବିକଶିତ ଓଡିଶା’ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମିତି ସଭ୍ୟ/ସଭ୍ୟା ଓ ସରପଞ୍ଚ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ସରକାରଙ୍କ ସ୍ୱତନ୍ତ୍ର ଯୋଜନାରେ ଲୋକଙ୍କ କାମକୁ ଗୁରୁତ୍ୱ ଦେଇ ପ୍ରସ୍ତାବ ପଠାଇବା ପାଇଁ ପରାମର୍ଶ ଦେଇଥିଲେ। ଗ୍ରାମସଭାରେ ସମସ୍ତ ଲୋକ ପ୍ରତିନିଧି ଯୋଗଦେଇ ବିଚାର ବିମର୍ଶ କରି ପ୍ରସ୍ତାବ ଗୃହୀତ କରାନ୍ତୁ; ଯେପରି ପ୍ରସ୍ତାବ ରିପିଟ ନ ହେଉ। ସମସ୍ତେ ନିର୍ବାଚିତ ପ୍ରତିନିଧି ଲୋକଙ୍କ ସହିତ ଯୋଗାଯୋଗ କରି ଗାଁର ବିକାଶ ହିଁ ମୂଳ ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ। ସାଂସଦ ପ୍ରତିନିଧି ତାରାକାନ୍ତ ପଟ୍ଟନାୟକ ସମସ୍ତ ଲୋକ ପ୍ରତିନିଧିଙ୍କୁ ଗୁରୁତ୍ୱ ଓ ସୁଯୋଗ ଦିଆଯାଉ। ଯାହା ଫଳରେ ସରକାରଙ୍କ ବିକଶିତ ଓଡିଶା ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ। ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ। ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏପିଓ ଧାନ ଚନ୍ଦ୍ର ମହାନ୍ତ ୨୦୨୪-୨୫ ଆର୍ଥିକ ବର୍ଷରେ ଅନୁମୋଦନ ପାଇଁ ଯାଇଥିବା ୪.୮ କୋଟିର ପ୍ରସ୍ତାବ ପଢି ଶୁଣାଇଥିଲେ ଏବଂ ୨୦୨୫-୨୬ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ କହିଥିଲେ। ଶେଷରେ ଏପିଓ ଧାନ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ସାବିତ୍ରୀ ଓ ସୁଦଶାବ୍ରତ ପୁସ୍ତକ ବଣ୍ଟନ



ରାଇରଙ୍ଗପୁର,୨୮ ।୫(ସମିସ): ଭଦ୍ରକ ଉତ୍କଳ ସଂସ୍କୃତି ଶିବିର ପ୍ରତିଷ୍ଠାତା ମନୀନ୍ଦ୍ର ମହାନ୍ତି ଦ୍ୱାରା ପ୍ରଦାନ କରାଯାଇଥିବା ପୁସ୍ତକ ବଣ୍ଟନ କରାଯାଇଛି। ଷଢେଇକଳାରେ ଆଧାତ୍ମିକ ବିକାଶ ଜଗନ୍ନାଥ ମଣ୍ଡଳୀ ଓ ଛିନ୍ନମସ୍ତା ଉତ୍କଳ ଜନନୀ ପ୍ରତିଷ୍ଠାତା ଜ୍ୟୋତିଲାଲ ସାହୁଙ୍କ ପକ୍ଷରୁ ସାବିତ୍ରୀ ବ୍ରତ ଓ ସୁଦଶା ବ୍ରତ ପୁସ୍ତକ ବିଛିନାଞ୍ଚଳ ଷଢେଇକଳାର ବିଭିନ୍ନ ୱାର୍ଡରେ ବିତରଣ କରାଯାଇଛି।

## ଲୁହାପଥର ଚୋରାଚାଲାଣ; ଟ୍ରକ, ଜେସିବି ଓ ବାଇକ୍ ଜବତ



କରଞ୍ଜିଆ, ୨୮।୫(ସମିସ): ବେଆଇନ ଲୁହାପଥର ଚୋରା ଚାଲାଣ ବେଳେ କରଞ୍ଜିଆ ପୁଲିସ ଏବଂ ଖଣି ବିଭାଗ ମିଳିତଭାବେ ଚଢଉ କରି କରଞ୍ଜିଆ ଥାନା ଅନ୍ତର୍ଗତ ବାଟଟାଇସିରା ଗ୍ରାମରୁ ଗୋଟିଏ ଆଇରନ ଭର୍ତ୍ତି ୧୨ ଚକିଆ ଟ୍ରକ, ଗୋଟିଏ ଜେସିବି ଏବଂ ବାଇକ ଜବତ କରିଛି। ହେଲେ ଘଟଣା ସ୍ଥଳରୁ ମାଫିଆମାନେ ଚମ୍ପଟ ମାରିଛନ୍ତି। କିଛି ଦିନ ପୂର୍ବରୁ ମଧ୍ୟ ଏକ ଟ୍ରକକୁ କରଞ୍ଜିଆ ପୁଲିସ ଜବତ କରିଥିଲା। ତେବେ ଉକ୍ତ ଅଞ୍ଚଳରେ ବହୁ ଦିନରୁ ବେଆଇନ ଭାବେ ଏପରି ଚୋରା ଆଇରନ ଚୋରାରେ ଚାଲାଣ ହେଉଥିବା ବେଳେ ବର୍ତ୍ତମାନ ପୁଲିସ ଏବଂ ମାଇନିଂ ବିଭାଗ ତତ୍ପର ହୋଇଉଠିଛନ୍ତି। ଫଳରେ ଗତ କିଛି ଦିନ ମଧ୍ୟରେ ଦୁଇ ଦୁଇଟି ସଫଳତା ପାଇଛି ବିଭାଗ। ଏହି ଚଢଉରେ କରଞ୍ଜିଆ ପୁଲିସର ଦୁଇଟି ଟିମ ଏବଂ ଖଣି ବିଭାଗର ଦୁଇଟି ଟିମ୍ ସାମିଲ ହୋଇଥିଲେ।

‘ବିକଶିତ ଗାଁ ବିକଶିତ ଓଡ଼ିଶା’କୁ ନେଇ ସ୍ୱତନ୍ତ୍ର ବୈଠକ

# ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାକୁ ନେଇ ଅସନ୍ତୋଷ

ବେତନଟୀ,୨୮ ।୫(ସମିସ):



ବେତନଟୀ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ ବେତନଟୀ ବ୍ଲକ ସଭାଗୃହରେ ବୁଧବାର ଆୟୋଜିତ ହୋଇଯାଇଛି। ବେତନଟୀ ବ୍ଲକ ଅଧ୍ୟକ୍ଷା କୈାଶଲ୍ୟା ମାଝୀଙ୍କ ପୈାରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ ବିଡିଓ ସୁଶାନ୍ତ କୁମାର ସୂତାର ସଂଯୋଜନା ଏବଂ ପରିଚାଳନା ଦାୟୀତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ସନାତନ ବିଜୁଳି, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି, ୩୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ୩୬ନଂ ଜୋନ ଜିଲ୍ଲାପରିଷଦ ସଦସ୍ୟା ସବିତା ଦାସ, ୩୭ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଧାନୀ କିସ୍କୁ ଏବଂ ଏବିଡିଓ ଗଗନବିହାରୀ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବେତନଟୀ ବ୍ଲକ ଶିକ୍ଷାଅଧିକାରୀ ବିପ୍ଳବ କରଙ୍କ ସମେତ ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନକୃଷି, ମୃତ୍ତିକା ସଂରକ୍ଷଣ, ଜଳବିଭାଜିକା, ମତ୍ସ୍ୟସମ୍ପଦ, ପ୍ରାଣି ସମ୍ପଦ ତଥା ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସମିତିସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତସମିତି ସ୍ୱତନ୍ତ୍ର ବୈଠକରେ ମୁଖ୍ୟତଃ “ବିକଶିତ ଗାଁ ବିକଶିତ ଓଡିଶା’(ବିଜିବିଓ) ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। ତେବେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ସରପଞ୍ଚ, ସମିତିସଭ୍ୟ/ସମିତିସଭ୍ୟା ମାନଙ୍କର ଗ୍ରାମସଭା ଦ୍ୱାରା ପାରିତ ପ୍ରକଳ୍ପ ଗୁଡିକ ମଧ୍ୟରୁ ଅଧିକାଂଶ ପ୍ରକଳ୍ପ ଅନୁମୋଦନଲାଭ କରିପାରିନଥିବାରୁ ଅସନ୍ତୋଷ ଦେଖାଦେଇଥିଲା। ତେବେ ବିକଶିତ ଗାଁ ବିକଶିତ ଓଡିଶା ଏକ ୫ବର୍ଷିଆ ଦୀର୍ଘମିଆଦି ଯୋଜନା ଏବଂ ପର୍ଯ୍ୟାୟକ୍ରମେ ବୈଷୟିକ ଟିମର ସରଜମିନ ତଦନ୍ତ ପୂର୍ବକ ଗ୍ରାମସଭା ଦ୍ୱାରା ପାରିତ ଏବଂ ସରପଞ୍ଚ ଓ ସମିତିସଭ୍ୟ/ସମିତିସଭ୍ୟାଙ୍କ ଦ୍ୱାରା ଆଗତ ପ୍ରକଳ୍ପ ଗୁଡିକ ଅନୁମୋଦନ କରାଯିବ ବୋଲି ଜନପ୍ରତିନିଧିଙ୍କ ପଶ୍ନରେ ବିଡିଓ ଶ୍ରୀ ସୂତାର ଉତ୍ତର ରଖିଥିଲେ। ପରିଚାଳନାରେ ବ୍ଲକର ସମସ୍ତ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ। ବୈଠକର ସଫଳ ସମାପନ ପରେ ଏବିଡିଓ ଗଗନବିହାରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



# ଏଆଇ ଚିହ୍ନିବ ଥାଇରଏଡ୍ ରୋଗ




ଭୁବନେଶ୍ୱର, ୨୮।୫ (ସମିସ): ଦିନକୁ ଦିନ ବୃଦ୍ଧି ପାଉଛି ଥାଇରଏଡ୍ ରୋଗୀଙ୍କ ସଂଖ୍ୟା। ଶୀଘ୍ର ଏହି ରୋଗର ଚିହ୍ନଟ ନହେଲେ, ଏହା ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ରୋଗର ପ୍ରାରମ୍ଭିକ ନିର୍ଣ୍ଣୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ।

ଭୁବନେଶ୍ୱର ଏମ୍ସରେ ବିଶ୍ୱ ଥାଇରଏଡ୍ ଦିବସ ଭାବେ ପାଳନ ଅବସରରେ ଡ. ବିଶ୍ୱାସ ଆହୁରି କହିଛନ୍ତି ଯେ ଥାଇରଏଡ୍ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଏବଂ ପରିଚାଳନାକୁ ପରିବର୍ତ୍ତନ କରିବାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ନିମନ୍ତେ ବ୍ୟବସ୍ଥା ହେଉଛି। ଏ.ଆଇ ମାଧ୍ୟମରେ ଏହି ରୋଗର ଚିହ୍ନଟ ସହ ବ୍ୟକ୍ତିକେନ୍ଦ୍ରିକ ଔଷଧ ଏବଂ ଚିକିତ୍ସା ପ୍ରଦାନ କରାଯାଇପାରିବ। ବିଶେଷକରି, ଦେଶର ପ୍ରାୟ ୧୦ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଥିବା ହାଇପୋଥାଇରଏଡିଜମ୍‌ର ନିରାକରଣ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ବିଶିଷ୍ଟ ସଂକ୍ରମଣ ରୋଗ ବିଶେଷଜ୍ଞ ସେ ପ୍ରକାଶ କରିଛନ୍ତି। ଏଆଇ ଥାଇରଏଡ୍‌ର ପ୍ରାରମ୍ଭିକ ନିର୍ଣ୍ଣୟରେ ସାହାଯ୍ୟ କରିବ, ରୋଗର ଅଗ୍ରଗତିକୁ ଅନୁସରଣ କରିବ ଓ ଫଳାଫଳ-ଆଧାରିତ ଔଷଧ ସମ୍ପର୍କରେ ସୂଚନା ଦେବ। ବିଶେଷକରି ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ଅଞ୍ଚଳର ରୋଗୀଙ୍କୁ ଲାଭ ଦେବା ନେଇ ଡ. ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି।

ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. କହ୍ନେୟାଲାଲ ଅଗ୍ରୱାଲ ଓ ଅନ୍ୟ ବକ୍ତାମାନେ ପ୍ରାରମ୍ଭିକ ଥାଇରଏଡ୍ ରୋଗ ଚିହ୍ନଟର ଗୁରୁତ୍ୱ ଏବଂ ଏଆଇର ଭୂମିକା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ରୋଗରେ ପୀଡ଼ିତ ହେଲେ, ପ୍ରଜନନ ବୟସ ଗୋଷ୍ଠୀର ରୋଗୀମାନେ ବନ୍ଧ୍ୟାତ୍ୱ, ରକ୍ତସ୍ରାବ ଅନିୟମିତତା, ଆଳସ୍ୟ, ଦ୍ୱନ୍ଦ୍ୱ, ଉଚ୍ଚ ରକ୍ତଚାପ ଏବଂ ଓଜନ ବୃଦ୍ଧି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ବୟସ୍କ ରୋଗୀମାନେ ଶୁଷ୍କ ଚର୍ମ, ଥକ୍କାପଣ, କୋଷ୍ଠକାଠିନ୍ୟ, ହୃଦଘାତ, ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ସହିତ ଯୁଝିଥାଆନ୍ତି। ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ମାଇକ୍ସେଡେମା କୋମା, ପେରିକାର୍ଡିଆଲ୍ ଇଫ୍ୟୁଜନ, ହୃଦଘାତ ଏବଂ ମୃତ୍ୟୁ ଭଳି ଗମ୍ଭୀର ଜଟିଳତାକୁ ରୋକିପାରିବ।

# ଆଇନଜୀବୀ ଗୌତମ ଲେଙ୍କାଙ୍କୁ କାରଣ ଦର୍ଶାଅ ନୋଟିସ୍

କଟକ, ୨୮।୫ (ସମିସ): ଦେଶଦ୍ରୋହ ଅପରାଧରେ ଚାଉଳିଆଗଞ୍ଜ ପୁଲିସ୍ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଆଇନଜୀବୀ ଗୌତମ ଲେଙ୍କାଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଗତ ୧୫ ତାରିଖରେ ଶ୍ରୀ ଲେଙ୍କା ଓ ଅନ୍ୟ ଜଣେ 'ପାକିସ୍ତାନ ଜିନ୍ଦାବାଦ' ନାରା ଦେବା ସହ ଏକ ଭିଡିଓ କ୍ଲିପ୍ ପ୍ରସ୍ତୁତ କରିଥିଲେ ଏବଂ ପରେ ତାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଉକ୍ତ ଘଟଣାରେ ଚାଉଳିଆଗଞ୍ଜ ଥାନା ଅଧିକାରୀଙ୍କ ଏତଲାକ୍ରମେ ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାଉଳିଆଗଞ୍ଜ ଥାନାରେ ଦେଶଦ୍ରୋହ ଅପରାଧରେ ଏକ ମାମଲା ରୁଜୁ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାକୁ ଗମ୍ଭୀରତାର ସହ ବିଚାରକୁ ନେଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତ୍ୱରିତ କାର୍ଯ୍ୟାନୁଷ୍ଠାନପୂର୍ବକ ଆଇନଜୀବୀ ଶ୍ରୀ ଲେଙ୍କାଙ୍କୁ ନୋଟିସ୍ ଜାରି କରିଛି। ଆଇନଜୀବୀ ଅଧିନିୟମର ଧାରା ୩୫ ଅନୁଯାୟୀ ତାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେଥିପାଇଁ ନୋଟିସ୍ ଜାରି କରାଯାଇଛି। ୨୧ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ, ନିୟମ ଅନୁସାରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

■ ପାକିସ୍ତାନ ଜିନ୍ଦାବାଦ ନାରା ଦେଇ ଗିରଫ ହୋଇଛନ୍ତି
■ ଦେଶଦ୍ରୋହ ଅପରାଧରେ ଅନ୍ୟତମ ଅଭିଯୁକ୍ତ

# ଆଇସିଏମ୍ଏଆଇ ପକ୍ଷରୁ ସୋଆ ପ୍ରତିଷ୍ଠାତା ସଭାପତି ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୮।୫ (ସମିସ): ଦେଶରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ଡ. ମନୋଜ ରଞ୍ଜନ ନାୟକଙ୍କୁ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆଣ୍ଡ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍ଏଆଇ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆଇସିଏମ୍ଏଆଇ ଭୁବନେଶ୍ୱର ପକ୍ଷରୁ ଏହାର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ବିଶ୍ୱାଳ ସୋଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ପ୍ରଫେସର୍ ନାୟକଙ୍କୁ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଅବଦାନ ନିମନ୍ତେ ସୋଆ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛି। ସେହିଭଳି ଶ୍ରୀ ନାୟକଙ୍କ ଔଦ୍ୟୋଗିକତା ଯାତ୍ରା ଏବଂ ସମାଜ ପ୍ରତି କିଛି କରିବାର ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଆଇସିଏମ୍ଏଆଇ ପକ୍ଷରୁ ପ୍ରଶଂସା କରାଯାଇଛି।

# ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅରୁଣାଚଳପ୍ରଦେଶର ଇଟାନଗରସ୍ଥିତ ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ବୁଧବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୭ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ହିମାଳୟାନ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିସ୍ କରିଥିଲେ ଏବଂ ସର୍ବସମ୍ମତିକ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନଜନକ ଡକ୍ଟର ଅଫ୍ ଲେଟର୍ସ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ଅରୁଣାଚଳପ୍ରଦେଶର ଶିକ୍ଷା, ଗ୍ରାମୀଣ ନିର୍ମାଣ, ସଂସଦୀୟ ବ୍ୟାପାର, ପର୍ଯ୍ୟଟନ ଏବଂ ପାଠାଗାର ବିଭାଗ ମନ୍ତ୍ରୀ ପାସାଙ୍ଗ ଦୋର୍ଜୀ ସୋନା, ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ଗୋଏଲ, କୁଳପତି ପ୍ରଫେସର୍ ପ୍ରକାଶ ଦିବାକରନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଆର୍‌ଟିଇ ନାମଲେଖା ପାଇଁ ଚୟନ ହେଲେ ୪୦୮୩ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୪୦୮୩ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ସମୁଦାୟ ୬୧୪୬ ପିଲା ଆବେଦନ କରିଥିବା ବେଳେ ୪୯୪୩ଜଣଙ୍କ ଆବେଦନକୁ ଯୋଗ୍ୟ ବିବେଚିତ କରାଯାଇଛି। କେନ୍ଦ୍ରୀୟ ଲଟେରି ମାଧ୍ୟମରେ ୪୦୮୩ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ମିଳିଥିବା ବେଳେ ୮୬୦ ଜଣଙ୍କୁ ସିଟ୍ ଆଲର୍ଟ କରାଯାଇନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ସମ୍ପୃକ୍ତ ଘରୋଇ ବିଦ୍ୟାଳୟକୁ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ବୁଧବାରଠାରୁ ଜୁନ୍ ୧୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ। ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ନିଃଶୁଳ୍କ। କୌଣସି ଘରୋଇ ବିଦ୍ୟାଳୟ ଅଭିଭାବକଙ୍କଠାରୁ ଅର୍ଥ ଦାବି କରିପାରିବେ ନାହିଁ। କୌଣସି ଅଭିଯୋଗ ଥିଲେ, ଟୋଲ୍-ଫ୍ରି ନମ୍ବର ୧୮୦୦୩୪୫୬୭୭୨ରେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଆର୍‌ଟିଇରେ ନାମଲେଖା ପାଇଁ ଚଳିତବର୍ଷ ସମୁଦାୟ ୫୦,୩୯୫ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୧,୮୪୩ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଥିଲେ। ଉଭୟ ପର୍ଯ୍ୟାୟରେ ମୋଟ୍ ୨୫,୯୨୬ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ଆଲର୍ଟ କରାଯାଇଥିବା ବେଳେ ଆଉ ୨୪,୪୬୯ଟି ଆର୍‌ଟିଇ କୋଟା ସିଟ୍ ବଳକା ରହିବ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଏଡ୍ ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର,୨୮।୫(ସମିସ): ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବା ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ଆବେଦନ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀମାନେ ଜୁନ୍ ୧୭ତାରିଖ ମଧ୍ୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଜୁନ୍ ୨୯ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମାଧ୍ୟମରେ ଅନୁଷ୍ଠିତ ହେବ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଚାରି ବର୍ଷିଆ ବିଏ-ବିଇଡି ଓ ବିଏସ୍‌ସି-ବିଇଡି, ଛଅ ବର୍ଷିଆ ଏମ୍‌ଏସ୍‌ସିଇଡି, ଦୁଇ ବର୍ଷିଆ ବିଇଡି, ତିନିବର୍ଷିଆ ବିଇଡି-ଏମ୍‌ଇଡି, ଦୁଇବର୍ଷିଆ ଏମ୍‌ଏ ଓ ଏଏମ୍‌ଇଡି ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ

ଭୁବନେଶ୍ୱର, ୨୮।୫(ସମିସ): ଦେଶର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ସଫଳତାକୁ ସମର୍ଥନ ଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆସନ୍ତାକାଲି ଅର୍ଥାତ୍ ବୁଧବାର "ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫' ଆୟୋଜିତ ହେବ। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ଏକ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ୩କୋଟି ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବା ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ସେହିପରି, ଅନ୍ୟ ମହିଳାଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ। ଜାତୀୟ ସଂହତି ଏବଂ ଜ୍ଞାନ ଆଦାନପ୍ରଦାନର ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।

ଏକାଠି ହେବେ ୨୫ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦି

# ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କୁ କ୍ଲିନ୍‌ଚିଟ୍

ନୂଆଦିଲ୍ଲୀ,୨୮।୫(ଏଜେନ୍ସି):



ପୂର୍ବତନ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦୁର୍ନୀତିର ଅଭିଯୋଗଗୁଡ଼ିକର ତଦନ୍ତ କରିବା ପରେ ଲୋକପାଳ ତାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ଲୋକପାଳ କହିଛନ୍ତି ଯେ ମାଧବୀଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗଗୁଡ଼ିକ କେବଳ ଅନୁମାନ ଏବଂ ଧାରଣା ଉପରେ ଆଧାରିତ, ଯାହାର କୌଣସି ଠୋସ୍ ପ୍ରମାଣ ନାହିଁ। ଅଭିଯୋଗଗୁଡ଼ିକରେ ହିଣ୍ଡେନବର୍ଗ ରିସର୍ଚ୍ଚର ରିପୋର୍ଟକୁ ଆଧାର କରାଯାଇଥିଲା, କିନ୍ତୁ ଲୋକପାଳ ଏହାକୁ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହିଥିଲେ।

ମାଧବୀ ପୁରୀ ବୁଚଙ୍କ ବିରୁଦ୍ଧରେ ଅଭିଯୋଗ ୨୦୨୩ରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏବଂ ଅନ୍ୟ ଦୁଇଜଣଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏହି ଅଭିଯୋଗଗୁଡ଼ିକରେ ଦର୍ଶାଯାଇଥିଲା ଯେ ବୁଚ୍ ଏବଂ ତାଙ୍କ ସ୍ୱାମୀ କିଛି ଅଫଶୋର ପାଣ୍ଠିରେ ଅଂଶଧନ ରଖିଛନ୍ତି, ଯାହା ଆଦାନୀ ଗ୍ରୁପ୍ ସହିତ ଜଡିତ କଥିତ ପାଣ୍ଠି ସ୍ଥାନାନ୍ତର ସହିତ ଜଡିତ ବୋଲି କୁହାଯାଇଥିଲା। ଏହି ଅଭିଯୋଗଗୁଡ଼ିକ ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ରିସର୍ଚ୍ଚ ଦ୍ୱାରା ୨୦୨୪ ଅଗଷ୍ଟ ୧୦ରେ ପ୍ରକାଶିତ ଏକ ରିପୋର୍ଟ ଉପରେ ଆଧାରିତ ଥିଲା। ବୁଚ୍ ଏବଂ ତାଙ୍କ ସ୍ୱାମୀ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ କହିଥିଲେ ଯେ ଏକ ଛୋଟ ଶର୍ଟ ସେଲିଂ ସଂସ୍ଥା ଦେଶର ନିୟାମକ ସଂସ୍ଥାର ବିଶ୍ୱସନୀୟତା ଉପରେ ଆକ୍ରମଣ କରିବାକୁ ଏବଂ ଏହାର ଚରିତ୍ରକୁ ବଦନାମ କରିବାକୁ ଚେଷ୍ଟା କରୁଛି। ଆଦାନୀ ଗ୍ରୁପ୍ ମଧ୍ୟ ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ଏବଂ ଭ୍ରମାତ୍ମକ ବୋଲି କହିଥିଲା।

ବିଚାରପତି ଏଏମ୍ ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଲୋକପାଳର ୬ ଜଣିଆ ଖଣ୍ଡପୀଠ ମେ ୨୨ରେ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ ଯେ କରାଯାଇଥିବା ଅଭିଯୋଗଗୁଡ଼ିକ ଅନୁମାନ ଏବଂ ଧାରଣା ଉପରେ ଆଧାରିତ ଏବଂ କୌଣସି ପ୍ରାମାଣିକ ଦସ୍ତାବିଜ ଦ୍ୱାରା ପ୍ରମାଣିତ ନୁହେଁ। ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଅଭିଯୋଗଗୁଡ଼ିକରେ ଏପରି କୌଣସି ଉପାଦାନ ନାହିଁ ଯାହା ଦୁର୍ନୀତି ନିବାରଣ ଆଇନର ଧାରା ଅନୁଯାୟୀ ତଦନ୍ତ କରିବା ଯୋଗ୍ୟ। ତେଣୁ, ଏହି ଅଭିଯୋଗଗୁଡ଼ିକୁ ଖାରଜ କରାଯାଉଛି।

● ସମସ୍ତ ଅଭିଯୋଗକୁ ଲୋକପାଳ ଖାରଜ କଲେ

# ଇଣ୍ଡିଗୋରୁ ଶେୟାର ବିକିଲେ ସହପ୍ରତିଷ୍ଠାତା
# ୧୧,୩୮୫ କୋଟିରେ ବିକିଲେ ୫.୭% ଅଂଶଧନ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଇଣ୍ଟରଗ୍ଲୋବ ଆଭିଏସନର ପ୍ରମୋଟର ରାକେଶ ଗଙ୍ଗଓ୍ୱାଲ ଏବଂ ତାଙ୍କ ଫ୍ୟାମିଲି ଟ୍ରଷ୍ଟ, ଇଣ୍ଡିଗୋରେ ଥିବା ଏହାର ୫.୭ ପ୍ରତିଶତ ଅଂଶଧନ ବିକ୍ରି କରିଛି। 'ବ୍ଲକ୍ ଡିଲ୍' ଦ୍ୱାରା ପ୍ରାୟ ୧୧,୩୮୬ କୋଟି ଟଙ୍କାରେ ଏହି ଶେୟାର ବିକ୍ରି ହୋଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗଙ୍ଗଓ୍ୱାଲଙ୍କ ବ୍ୟତୀତ ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟ ଏହି ଶେୟାର ବିକ୍ରି କରିଛି। ଗୋଲ୍ଡମ୍ୟାନ ସାକ୍ସ, ମର୍ଗାନ ଷ୍ଟାନଲି ଏବଂ ଜେପି ମର୍ଗାନ ଭଳି ବଡ଼ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଏହି ଡିଲ୍‌କୁ କାର୍ଯ୍ୟକାରୀ କରିବେ। ସୂଚନାଥାଉକି, ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟର ଟ୍ରଷ୍ଟି ହେଉଛି ଶୋଭା ଗଙ୍ଗଓ୍ୱାଲ ଏବଂ ଡେଲାଓ୍ୱେୟାରର ଜେପି ମର୍ଗାନ ଟ୍ରଷ୍ଟ କମ୍ପାନି । ପୂର୍ବରୁ ଗଙ୍ଗଓ୍ୱାଲ ଏବଂ ପାରିବାରିକ ଟ୍ରଷ୍ଟ ନିକଟରେ ଇଣ୍ଡିଗୋରେ ପ୍ରାୟ ୧୩.୫ ପ୍ରତିଶତ ଅଂଶଧନ ଥିଲା। ଏହି ବ୍ଲକ୍ ଡିଲ ଅନୁଯାୟ ୫,୧୭୫ ଟଙ୍କା ପ୍ରତି ଶେୟାରର ମୂଲ୍ୟରେ ୨.୨ କୋଟି ଶେୟାର ବିକ୍ରି ହୋଇଛି।

ଏହା ପୂର୍ବରୁ ରାକେଶ ଗଙ୍ଗଓ୍ୱାଲଙ୍କ ଫ୍ୟାମିଲି ଟ୍ରଷ୍ଟ ବିମାନ କମ୍ପାନିରେ ୫.୨୪ ପ୍ରତିଶତ ଅଂଶଧନ ୯, ୫୪୯ କୋଟି ଟଙ୍କାରେ ଅଗଷ୍ଟ ୨୦୨୪ରେ ବିକ୍ରି କରିଥିଲେ। ଏହା ପୂର୍ବରୁ ଗଙ୍ଗଓ୍ୱାଲ ମାର୍ଚ୍ଚରେ ଇଣ୍ଡିଗୋର ଶେୟାର ବିକିଥିଲେ। ସୂଚନାଯୋଗ୍ୟ, ମାର୍କେଟ ଶେୟାର ହିସାବରେ ଇଣ୍ଡିଗୋ ଦେଶର ସବୁଠୁ ବଡ଼ ଏୟାରଲାଇନ। ଭାରତୀୟ ଏୟାରଲାଇନ ମାର୍କେଟରେ କମ୍ପାନିର ଶେୟାର ପ୍ରାୟ ୬୪% ରହିଛି। ୨୦୦୫ରେ ରାହୁଲ ଭାଟିଆ ଏବଂ ରାକେଶ ଗଙ୍ଗଓ୍ୱାଲ କମ୍ପାନିର ସ୍ଥାପନା କରିଥିଲେ। କମ୍ପାନି ପ୍ରତିଦିନ ୨୦୦୦ରୁ ଅଧିକ ଫ୍ଲାଇଟ ଅପରେଟ କରୁଛି। ୮୦ରୁ ଅଧିକ ଘରୋଇ ଏବଂ ୩୦ରୁ ଅଧିକ ଅନ୍ତର୍ଜାତୀୟ ରୁଟରେ ଉଡ଼ାଣ କରୁଛି। ଏହା ୧୧୦ରୁ ଅଧିକ ଗନ୍ତବ୍ୟସ୍ଥଳକୁ ଯୋଡୁଛି। ଏୟାରଲାଇନ୍ସର ୩୨୦ରୁ ଅଧିକ ଏୟାରକ୍ରାଫ୍ଟ ଫ୍ଲିଟ୍ ରହିଛି। ଏହାର ୫୦ କୋଟିରୁ ଅଧିକ ଗ୍ରାହକ ଅଛନ୍ତି।

## ଦେଶସାରା ବୟକଟ୍ ତୁର୍କୀ ନାରା

# ଇସ୍ତାନବୁଲ୍‌କୁ ପ୍ରଶଂସା କଲା ନିତି ଆୟୋଗ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି):ସାରା ଦେଶରେ ବର୍ତ୍ତମାନ ତୁର୍କୀ ବଏକଟ୍ ନାରେ ଜାରି ରହିଛି। ହେଲେ ଏଭଳି ସମୟରେ ଇସ୍ତାନବୁଲ୍‌କୁ ପ୍ରଶଂସା କରିଛି ନୀତି ଆୟୋଗ। ନୀତି ଆୟୋଗର ଏକ ରିପୋର୍ଟରେ ତୁର୍କୀକୁ ପ୍ରଶଂସା କରାଯାଇଛି। ପାକିସ୍ତାନର ବନ୍ଧୁ ରାଷ୍ଟ୍ରଠାରୁ ଶିଖିବାର ଥିବା ଏଥିରେ କୁହାଯାଇଛି। ଏହି ରିପୋର୍ଟ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ତୁର୍କୀ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ। ଅପରେସନ ସିନ୍ଦୁର ସମୟରେ ତୁର୍କୀ ପାକିସ୍ତାନ ସହିତ ଠିଆ ହୋଇଥିଲା। ଏହା ଭାରତୀୟମାନଙ୍କୁ ଏହାର ବିରୁଦ୍ଧରେ କ୍ରୋଧିତ କରିଛି। ଲୋକମାନେ ତୁର୍କୀ ଉତ୍ପାଦ ଏବଂ ସେବାକୁ ବୟକଟ୍ କରୁଛନ୍ତି। ସେହି ସମୟରେ, ନୀତି ଆୟୋଗ ଭଳି ସରକାରୀ ପ୍ରତିଷ୍ଠାନ ବିଶ୍ୱାସ କରନ୍ତି ଯେ ତୁର୍କୀର କିଛି କ୍ଷେତ୍ରରେ ଉତ୍କୃଷ୍ଟ ପଦ୍ଧତି ଅଛି ଯେଉଁଠାରୁ ଭାରତ ଶିଖିପାରିବ। ନିତି ଆୟୋଗ ରିପୋର୍ଟରେ ତୁର୍କୀକୁ ଏପରି ଏକ ଦେଶ ଭାବରେ ବର୍ଣ୍ଣନା କରାଯାଇଛି ଯେଉଁଠାରୁ ଭାରତ ଏହାର ମଧ୍ୟମ ଉଦ୍ୟୋଗଗୁଡ଼ିକରେ ଦକ୍ଷତାର ବ୍ୟବଧାନକୁ ଦୂର କରିବା ପାଇଁ ସର୍ବୋତ୍ତମ ବିଶ୍ୱସ୍ତରୀୟ ଅଭ୍ୟାସ ଗ୍ରହଣ କରିପାରିବ। ରିପୋର୍ଟରେ କାନାଡା, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ବ୍ୟତୀତ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍ସାହିତ କରିବା ପାଇଁ ତୁର୍କୀର କାର୍ଯ୍ୟକ୍ରମଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି।




ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି ଯେ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସଫଳ କରିବା ପାଇଁ, ଦକ୍ଷତା ବିକାଶ ପାଇଁ ଏକ କଷ୍ଟୋମାଇଜ୍ଡ, ଡାଟା-ଚାଳିତ ପଦ୍ଧତି ଆବଶ୍ୟକ ଯାହା ଶିଳ୍ପର ଆବଶ୍ୟକତା ସହିତ ମେଳ ଖାଇପାରିବ ଏବଂ ଏକ ପ୍ରତିଯୋଗିତାମୂଳକ, ଦକ୍ଷ କର୍ମଶକ୍ତି ସୁନିଶ୍ଚିତ କରିପାରିବ। ତୁର୍କୀର ଇ-ଏକାଡେମୀ ଏବଂ କୋସ୍‌ଜେବ୍ କାର୍ଯ୍ୟକ୍ରମ ଉଲ୍ଲେଖ କରାଯାଇଛି ରିପୋର୍ଟରେ କୁହାଯାଇଛି ଯେ ତୁର୍କୀର କୋସ୍‌ଜେବ୍ ଉଦ୍ୟୋଗିତା ଉପରେ ଦୂର ଶିକ୍ଷା ପ୍ରଦାନ କରେ। ଇ-ଏକାଡେମୀ କାର୍ଯ୍ୟକ୍ରମ ସାହାଯ୍ୟରେ, ସମୟ ଏବଂ ସ୍ଥାନର ପ୍ରତିବନ୍ଧକ ବିନା ପ୍ରଭାବଶାଳୀ, ସହଜ ଏବଂ ନମନୀୟ ଉଦ୍ୟୋଗିତା ତାଲିମ ପ୍ରଦାନ କରାଯାଏ। ତୁର୍କୀର ଇ-ଏକାଡେମୀକୁ ଏକ ଅନଲାଇନ୍ ତାଲିମ ପ୍ଲାଟଫର୍ମ ଭାବରେ ବର୍ଣ୍ଣନା କରି ରିପୋର୍ଟରେ କୁହାଯାଇଛି ଯେ ଏହା ରିହାତି ଦରରେ ପାଠ୍ୟକ୍ରମ ପ୍ରଦାନ କରେ।

# ମ୍ୟୁଚୁଆଲ ଫଣ୍ଡ ବିକିବେ ମୁକେଶ ଅମ୍ବାନୀ, ସେବି ଦେଲା ମଞ୍ଜୁରୀ

ମୁମ୍ବଇ,୨୮।୫(ଏଜେନ୍ସି): ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବି ଅନୁମୋଦନ ଲାଭ କରିଛି । ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫଏସଏଲ) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ। ଆଶା କରାଯାଉଛି ଯେ କମ୍ପାନୀଟି ଖୁବ୍ ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓ ବ୍ଲାକରକ୍ ଦ୍ୱାରା ସିଡ୍ ସ୍ୱାମୀନାଥନଙ୍କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରାଯାଇଛି। ଜେଏଫଏସଏଲର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଶା ଅମ୍ବାନୀ କହିଛନ୍ତି: ବ୍ଲାକରକ୍‌ର ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ରହିଛି ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଏକାଠି, ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ। ମୁଁ ନିଶ୍ଚିତ ଯେ ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତିକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

# ୨୦୨୫-୨୬ରେ ବି ଜାରି ରହିବ ସୁଧ ସବ୍‌ସିଡି ଯୋଜନା

ନୂଆଦିଲ୍ଲୀ,୨୮।୫(ଏଜେନ୍ସି):



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସଂଶୋଧିତ ସୁଧ ସବସିଡି ଯୋଜନା (ଏମଆଇଏସଏସ) ଅନ୍ତର୍ଗତ ସୁଧ ସବସିଡି (ଆଇଏସ) ବ୍ୟବସ୍ଥା ଜାରି ରଖିବାକୁ ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ବନ୍ଦୋବସ୍ତକୁ ଅନୁମୋଦନ ଦେଇଛନ୍ତି। ସଂଶୋଧିତ ସୁଧ ସବସିଡି ଯୋଜନା ହେଉଛି ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ଲକ୍ଷ୍ୟ ହେଉଛି କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧ ହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତା ସୁନିଶ୍ଚିତ କରିବା।

ଏହି ଯୋଜନା ଅଧୀନରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ୭ ପ୍ରତିଶତ ରିହାତି ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ପାଆନ୍ତି, ଯୋଗ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ୧.୫ ପ୍ରତିଶତ ସୁଧ ରିଆତି ପ୍ରଦାନ କରାଯାଏ। ଏହାସହିତ, ଯେଉଁମାନେ ସମୟସୀମା ମଧ୍ୟରେ ସେମାନଙ୍କର ଋଣ ପରିଶୋଧ କରନ୍ତି, ସେମାନେ ତୁରନ୍ତ ପରିଶୋଧ ପ୍ରୋତ୍ସାହନ (ପିଆରଆଇ) ଭାବରେ ୩ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ, ଯାହା ପ୍ରଭାବଶାଳୀ ଭାବରେ କିଷାନ କ୍ରେଡିଟ୍ କାର୍ଡ ଋଣ ଉପରେ ସେମାନଙ୍କର ସୁଧ ହାରକୁ ୪ ପ୍ରତିଶତକୁ ହ୍ରାସ କରିଥାଏ। ପଶୁପାଳନ କିମ୍ବା ମତ୍ସ୍ୟପାଳନ ପାଇଁ ନିଆଯାଇଥିବା ଋଣ ଉପରେ କେବଳ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ସୁଧ ଲାଭ ପ୍ରଯୁଜ୍ୟ। ଏହି ସ୍କିମର ଢାଞ୍ଚା ଓ ଅନ୍ୟ ଉପାଦାନଗୁଡ଼ିକ ଲାଗି କୌଣସି ପରିବର୍ତ୍ତନର ପ୍ରସ୍ତାବ ନାହିଁ। ଦେଶରେ ୭.୭୫ କୋଟିରୁ ଅଧିକ କିଷାନ କ୍ରେଡିଟ୍ କାର୍ଡ ଖାତା ଅଛି। କୃଷିକୁ ସଂସ୍ଥାଗତ ଋଣ ପ୍ରବାହ ବଜାୟ ରଖିବା ପାଇଁ ଏହି ସମର୍ଥନ ଜାରି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଉତ୍ପାଦକତା ବୃଦ୍ଧି ଏବଂ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷି ଋଣର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ସଂସ୍ଥାଗତ ଋଣ ପ୍ରଦାନ ୨୦୧୪ ମସିହାରେ ୪.୨୬ ଲକ୍ଷ କୋଟି ଟଙ୍କାରୁ ଡିସେମ୍ବର ୨୦୨୪ ସୁଦ୍ଧା ୧୦.୦୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାମଗ୍ରିକ କୃଷି ଋଣ ପ୍ରବାହ ମଧ୍ୟ ୨୦୧୩-୧୪ ଆର୍ଥିକ ବର୍ଷରେ ୭.୩ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ ଆର୍ଥିକ ବର୍ଷରେ ୨୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅଗଷ୍ଟ ୨୦୨୩ରେ ଆରମ୍ଭ ହୋଇଥିବା କିଷାନ ଋଣ ପୋର୍ଟାଲ୍ (କେଆରପି) ଭଳି ଡିଜିଟାଲ୍ ସଂସ୍କାର ଦାବି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିଛି।

● କିଷାନ କ୍ରେଡିଟ୍ କାର୍ଡରେ ଚାଷୀ ନେବେ ସ୍ୱଳ୍ପ ସୁଧରେ ଋଣ

ଆଳାପ ଓ ଝଲକ

ନୃତ୍ୟଶିଳ୍ପୀ ସହିତ କଣ୍ଠଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖୁଥିଲେ। ଅନେକ ଲାଇଭ୍ ଷ୍ଟେଜ୍‌ରେ ସେ ନୃତ୍ୟ ପରିବେଷଣ କରିଛନ୍ତି। ହେଲେ ୨୦୧୯ ମସିହା 'ରଜକୁଇନ୍' ଅଡିସନ୍ ତାଙ୍କ ଜୀବନରେ ଏକ ପରିବର୍ତ୍ତନ ନେଇ ଆସିଥିଲା। ଏହା ପରେ ସେ ମ୍ୟୁଜିକ୍ ଭିଡିଓ, ଟେଲି ଫିଲ୍ମ ଓ ଏକାଧିକ ଓଡ଼ିଆ ଧାରାବାହିକରେ କାମ କରିଛନ୍ତି। ସେ ହେଉଛନ୍ତି ଯାଜପୁରର ଲିପିକା ପରିଡ଼ା। ନାୟିକା ହେବାକୁ ଇଚ୍ଛା ରଖିଥିବା ଲିପିକା ଓଡ଼ିଆ ଧାରାବାହିକର ଖଳନାୟିକା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅଭିନେତ୍ରୀ ଲିପିକାଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ କ୍ୟାରିଅର୍ ସଂପର୍କରେ।



## "ସବୁ ଚରିତ୍ରରେ ଅଭିନୟ କରିବାର କଳା ଜାଣିଛି"

**ଲିପିକା ପରିଡ଼ା**, ଅଭିନେତ୍ରୀ

**କ୍ୟାମେରା ଆଗରେ ପ୍ରଥମ ଦିନ ଅନୁଭୂତି କେମିତି ଥିଲା ?**

● ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ ଥାଏ। ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ। ଯେହେତୁ ମୋ ବାପା ଜଣେ କ୍ଲାସିକାଲ ଡ୍ୟାନ୍ସର, ତାଙ୍କର କିଛି କଥାକୁ ଧ୍ୟାନରେ ରଖି କ୍ୟାମେରାକୁ ସାମ୍ନା କରିଥିଲି।

**ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ମୋ ବାପା ଜଣେ କ୍ଲାସିକାଲ୍ ନୃତ୍ୟଶିଳ୍ପୀ। ଭବିଷ୍ୟତରେ ମୁଁ ମଧ୍ୟ ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀ ହେବାକୁ ସ୍ୱପ୍ନ ଦେଖି ନାଚ ଓ ଗୀତ ଶିଖୁଥିଲି। ହେଲେ ୨୦୧୯ ମସିହାରେ 'ରଜ କୁଇନ୍' ଅଡିସନ୍ ଦେଇ ଫାଇନାଲ୍ ରାଉଣ୍ଡ ଯାଏଁ ଯାଇଥିଲି। ଏହା ପରେ 'ସିନେ ଷ୍ଟାର୍‌କି ଖୋଜ୍'ରେ ଭାଗ ନେଇଥିଲି। କିଛି ଦିନ ବ୍ରେକ୍ ନେଇଥିବା ବେଳେ ଜି-ସାର୍ଥକରୁ ମୋତେ ଧାରାବାହିକରେ ଅଡିସନ୍ ଦେବାକୁ ଯୋଗାଯୋଗ କରାଯାଇଥିଲା। ମୁଖ୍ୟ ଚରିତ୍ର କରିବି ଭାବିଥିଲି ; ହେଲେ 'ରହିଛି ରହିବି ତୋରି ପାଇଁ' ମୋର ପ୍ରଥମ ଧାରାବାହିକରୁ ଖଳନାୟିକା ଭାବେ ଅଭିନୟ କରିବାର ସୁଯୋଗ ମିଳିଲା। 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ମୋ ଅଗଣାର ତୁଳସୀ ତୁ', 'ଝିଲି', 'ତୁ ରାଜା ମୁଁ ରାଣୀ' ଧାରାବାହିକରେ 'ଖଳନାୟିକା' ଭାବେ କାମ କରିଛି। 'ଟିଙ୍ଗା ରାଜୁ', 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ', 'ହାପି ଏଣ୍ଡିଂ' ଆଦି ଟେଲି ଫିଲ୍ମ ଓ କିଛି ମ୍ୟୁଜିକ୍ ଭିଡ଼ିଓ କରିବାକୁ ସୁଯୋଗ ପାଇଛି।

**ଖଳନାୟିକାରୁ ନାୟିକା ହେବାକୁ ଇଚ୍ଛା ରଖିଛନ୍ତି ?**


● ଧାରାବାହିକ ହେଉ କି ଫିଲ୍ମ, ସବୁଥିରେ ନାୟିକା ପରି ଖଳନାୟିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଯେହେତୁ ମୁଁ କଳାକୁ ଗୁରୁତ୍ୱ ଦିଏ, ତେଣୁ ମୋତେ ଯାହା ଚରିତ୍ର ମିଳିଥିଲା, ମୁଁ କରିଥିଲି। ମୁଁ କେବଳ ଖଳନାୟିକା ନୁହେଁ, ସମସ୍ତ ପ୍ରକାର ଚରିତ୍ରକୁ ନିଖୁଣ ଭାବେ ଫୁଟାଇ ପାରିବି। ତେବେ ଗୋଟେ ପରେ ଗୋଟେ ଧାରାବାହିକରେ ଖଳନାୟିକା ଭାବେ ଦେଖି ଦର୍ଶକ ମଧ୍ୟ ମୋ ଚରିତ୍ରକୁ ଭଲ ପାଇବା ଦେଲେ। ଏ ସବୁ ମଧ୍ୟରୁ 'ଝିଲି'ର ମାୟା ଚରିତ୍ର ମୋ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ। ଆଗକୁ କେବଳ ଖଳନାୟିକା ହେବି ତାହା ନୁହେଁ, ସବୁ ପ୍ରକାର ଚରିତ୍ରକୁ ଭଲ ଭାବେ କରିପାରିବାର କଳା ମୁଁ ଜାଣିଛି।

**ଚରିତ୍ରକୁ ଦମ୍‌ଦାର କରିବାକୁ କେତେ ପରିଶ୍ରମ କରନ୍ତି?**

● ପ୍ରତିଦିନ ଦର୍ପଣ ସାମ୍ନାରେ ସଂଳାପ କହେ। ଧାରାବାହିକ ସୁଟିଂ ପରେ ବି ମୁଁ ସେହି ସଂଳାପକୁ ଅଭ୍ୟାସ କରୁଥାଏ। ସିନିୟର୍ କଳାକାରଙ୍କ ଅଭିନୟ, ସେମାନଙ୍କ ଭାବଭଙ୍ଗୀକୁ ଗୁରୁତ୍ୱ ଦିଏ। ସେହିପରି ଅନୁପମ ଖେରଙ୍କ ଶୋ'ରେ ଅନେକ ବଲିଉଡ୍ କଳାକାରଙ୍କ ଜୀବନୀ ବିଷୟରେ ଜାଣେ। ସବୁପରେ ନିଜ ହିସାବରେ କେମିତି ଆଗକୁ ବଢ଼ିବି ତାହାକୁ ଗୁରୁତ୍ୱ ଦିଏ। ଏବେ ମୁଁ ଅଭିନୟ ସହିତ ପୁଣି ଓଡ଼ିଶୀ ନୃତ୍ୟ ଶିଖୁଛି।

**ଆଗାମୀ ଯୋଜନା?**

● ଭଲ କଳାକାରଟିଏ ସହ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଗୁରୁତ୍ୱ ଦେବି। ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା ଅଛି। ଭଗବାନଙ୍କ ଆଶୀର୍ବାଦରେ ଆଗକୁ ନିଜ ପାଇଁ ପ୍ରଡକ୍ସନ୍ ହାଉସ୍ ଖୋଲିବି। ଯେଉଁମାନେ ପରିଶ୍ରମ କରି କାମ ପାଉନାହାଁନ୍ତି, ସେମାନଙ୍କ ପାଇଁ କିଛି କରିବାକୁ ଯୋଜନା ରଖିଛି। ■



## ୨୦୨୬ରେ 'ଲ୍ୟାଣ୍ଡଫଲ୍'

ପିକ୍ସେଲ ମୁଭି ନିବେଦିତ ନୂଆ ଓଡ଼ିଆ ସିନେମା 'ଲ୍ୟାଣ୍ଡଫଲ' ଖୁବ୍‌ଶୀଘ୍ର ଆସିବ। ଇତି ମଧ୍ୟରେ ଏହାର ମୋସନ୍ ପୋଷ୍ଟର ଲଞ୍ଚ କରାଯାଇଛି। ଯାହାକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଲୋକେ ଏହି ସିନେମା ମାଧ୍ୟମରେ ବାତ୍ୟାର କରାଳ ରୂପ ଦେଖିବେ। ବିଶେଷକରି ଏଥିରେ ୧୯୯୯ ମହାବାତ୍ୟାଠୁ ଆରମ୍ଭ କରି ଫାଇଲିନ୍ ପର୍ଯ୍ୟନ୍ତ ବାତ୍ୟାଗୁଡ଼ିକକୁ ଦେଖାଇବାକୁ ପ୍ରୟାସ କରାଯାଇଛି। ପ୍ରଭାତ କୁମାର ପ୍ରଧାନଙ୍କ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀ। ସିନେମାଟିର କାହାଣୀ ବିଶାଳ ମୌର୍ଯ୍ୟ ଲେଖିଥିବା ବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଦେବୀ ପ୍ରସାଦ ଲେଙ୍କା। ତେବେ ଏହା ହେବ ଓଡ଼ିଶାର ସବୁଠାରୁ ବ୍ୟୟ ବହୁଳ ସିନେମା। ଏହାର ବିଶାଳ ସେଟ୍ ୧୦ କୋଟି ଟଙ୍କା ବ୍ୟୟରେ କରାଯିବ। ସେହିପରି ଏହା ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେବ। ତେବେ ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ଏହି ସିନେମା ମାଧ୍ୟମରେ ସବ୍ୟସାଚୀ ଦର୍ଶକଙ୍କ ମନ ଜିଣିବେ ବୋଲି ସେ ନିଜ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ■

## ରୁପେଲିରେ ପୀୟୂଷ

ଯାତ୍ରାରେ ନିଜର ଦମ୍‌ଦାର୍ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଛନ୍ତି ଅଭିନେତା ପୀୟୂଷ। ତେବେ ଏବେ ସେ ରୁପେଲିରେ ପରଦାରେ ପାଦ ଥାପିବେ। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶମ୍ଭୁ'ରେ ପୀୟୂଷଙ୍କୁ ଦେଖିବାକୁ ମିଳିବ। ସିନେମାର ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟରେ ଅଛନ୍ତି ଏସ୍. ଦିଲୀପ ପଣ୍ଡା। ସେହିପରି ସିନେମାର ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀ ରଞ୍ଜନ। ଏହାର କାହାଣୀ ମନୋରମା ଜେନା ରଚନା କରିଥିବା ବେଳେ ସହ ପ୍ରଯୋଜନାରେ ଅଛନ୍ତି ବିବେକ ଜେନା ଏବଂ ଅଭିଷେକ ଜେନା। ସେହିପରି ସଂଗୀତରେ ଅଛନ୍ତି ଦୀପକ କୁମାର। ତେବେ ଯାତ୍ରା ଭଳି ସିନେମାରେ ପୀୟୂଷଙ୍କୁ ସଫଳତା ମିଳୁଛି କି ନାହିଁ, ସେକଥା ସିନେମା ରିଲିଜ୍ ହେଲେ ଜଣାପଡ଼ିବ। ■





## 'ୱାର୍ -୨ 'ର ଟିଜର ରିଲିଜ୍

ବଲିଉଡ୍‌ର ବହୁ ପ୍ରତିକ୍ଷୀତ ଫିଲ୍ମ 'ୱାର୍-୨'ର ଟିଜର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଏହି ସିନେମାରେ ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ଦମଦାର ଆକ୍ସନ ଦେଖିବାକୁ ମିଳିବ। ଏହା ହେଉଛି ଏକ ଆକ୍ସନ୍ ଓ ଥ୍ରିଲରଧର୍ମୀ ସିନେମା। ତେବେ ଟିଜର୍‌ର ଆକ୍ସନ ଦୃଶ୍ୟ ମଝିରେ କିୟାରାଙ୍କ ବୋଲ୍ଡ ଲୁକ୍ ଦେଖିବାକୁ ମିଳିଛି। ଟିଜର୍‌କୁ ଦେଖି ଦର୍ଶକେ ଏହାକୁ ୫୦୦ କୋଟିର ଫିଲ୍ମ ବୋଲି କହିଛନ୍ତି। ତା'ସହ ସିନେମାକୁ ନେଇ ଅଧିକ ଉତ୍ସାହିତ ହୋଇଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ସିନେମା ମାଧ୍ୟମରେ ସାଉଥ୍ ସୁପରଷ୍ଟାର୍ ଜୁନିୟର ଏନ୍‌ଟିଆର୍ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ଅନ୍ୟପଟେ 'ୱାର୍-୨'ର ପ୍ରଥମ ଭାଗ ୨୦୧୯ ମସିହାରେ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ୩୪୪ କୋଟି ଟଙ୍କା ଆୟ କରିଥିଲା। ■

## ମୁହଁ ଲୁଚାଇଲେ ବାଣୀ

ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ଅଭିନୀତ 'ରେଡ୍-୨' ସିନେମାକୁ ଦର୍ଶକୀୟ ଆଦୃତି ମିଳିଛି। ଏଥିରେ ସେ ଅଜୟ ଦେବଗନଙ୍କ ସ୍ତ୍ରୀ ଚରିତ୍ରରେ ଅଭିନୟ କରିଛନ୍ତି। ଏହାରି ଭିତରେ ବାଣୀଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଯାହାକି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ତେବେ ଏ ଭିଡିଓରେ ସେ ପାପାରାଜିଙ୍କଠାରୁ ନିଜକୁ ଲୁଚାଇଥିବା ଦେଖିବାକୁ ମିଳିଛି। ସେହିପରି ଏହି ଭିଡିଓ ସାମ୍ନାକୁ ଆସିବା ପରେ ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ତେବେ ବାଣୀ ଡ୍ୟାନ୍ସି ପୋଷାକରେ ନଜର ଆସିଛନ୍ତି। ସେଟ୍ ବାହାରେ ସେ ଜଣେ ତାଙ୍କ ଟିମ୍ ସଦସ୍ୟଙ୍କ ସହ ନଜର ଆସିଛନ୍ତି। ସେମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ପାପାରାଜିଙ୍କୁ ଦେଖି ତାଙ୍କୁ ଫଟୋ ଉଠାଇବାକୁ ତାଙ୍କ ଟିମ୍ ସଦସ୍ୟ ମନା କଲେ। ଫଳରେ ସେ ତାଙ୍କ ମୁହଁ ଲୁଚାଇ ଚାଲି ଯାଇଛନ୍ତି। ଯାହାକୁ ନେଇ ତାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। ତେବେ ବାଣୀ କ'ଣ ପାଇଁ ଏମିତି କଲେ, ତାହାକୁ ନେଇ ଲୋକେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ■



## ଆସିବ 'ଓଃ ମାଇଁ ଗଡ୍-୩'

୨୦୧୨ ମସିହାରେ ପ୍ରେକ୍ଷାଳୟକୁ ଆସିଥିଲା 'ଓଃ ମାଇଁ ଗଡ୍'। ଏହାର ସଫଳତାକୁ ଦେଖି ପୁଣି ଥରେ ଏହାର ଦ୍ୱିତୀୟ ଭାଗ ୨୦୨୩ ମସିହାରେ ଆସିଥିଲା। ଏହାର ଉଭୟ ପ୍ରଥମ ଓ ଦ୍ୱିତୀୟ ଭାଗରେ ଅକ୍ଷୟ କୁମାର ନଜର ଆସିଥିଲେ। ତା'ସହ ଏଥିରେ ଅକ୍ଷୟଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଏହି କ୍ରମରେ ଏବେ ଆସିବାକୁ ଯାଉଛି ଏହାର ତୃତୀୟ ଭାଗ। ଏ ନେଇ ଅକ୍ଷୟ ଓ ନିର୍ଦ୍ଦେଶକ ଅମିତ ରାୟ ଏହାର ତୃତୀୟ ଭାଗ ନିର୍ମାଣ ଉପରେ ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର କାହାଣୀ ଉପରେ କାମ ଆରମ୍ଭ ହେବା କୁହାଯାଉଛି। ତେବେ କାହାଣୀ ତିଆରି ହେବା ପରେ କାଷ୍ଟିଂ କଥା ଚିନ୍ତା କରାଯିବ ବୋଲି କୁହାଯାଇଛି। ସେହିପରି ଯଦି ସବୁକିଛି ଠିକ୍‌ଠାକ୍ ରହେ, ତେବେ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ ଏବଂ ୨୦୨୭ରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ■



ପରଦା ପଛର କାହାଣୀ

## ବାଇକ୍‌ରୁ ଖସି ପଡ଼ିଥିଲେ ଶାହାରୁଖ୍



ବଲିଉଡ୍ ସୁପର୍‌ଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ସ୍ୱଦେଶ' ୨୦୦୪ ମସିହାରେ ମୁକ୍ତିଲାଭ କରିଥିଲା। ଆଶୁତୋଷ ଗୋବାରିକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ମୋହନ ଭାର୍ଗବ ଚରିତ୍ରରେ ଅଭିନୟ କରିଥିଲେ। ଏଥିପାଇଁ ଶାହରୁଖ୍ ବେଷ୍ଟ ଆକ୍ଟର ଭାବେ ଫିଲ୍ମ ଫେୟାର୍ ଆୱାର୍ଡ ପାଇଥିଲେ। ଏହି ଫିଲ୍ମରେ ଶାହାରୁଖ୍‌ଙ୍କ ସହ ମେଲା ରାମ ଚରିତ୍ରରେ ଦୟା ଶଙ୍କର ପାଣ୍ଡେ ଅଭିନୟ କରିଥିଲେ। ନିକଟରେ ଦୟା ଶଙ୍କର ପାଣ୍ଡେ ଫିଲ୍ମ 'ସ୍ୱଦେଶ'କୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି। ଏହି ଫିଲ୍ମର ଏକ ଦୃଶ୍ୟ ସୁଟିଂ ସମୟରେ ଶାହରୁଖ୍ ଖାନ୍ କିପରି ବାଇକ୍‌ରୁ ସତରେ ଖସି ପଡ଼ିଥିଲେ ସେ ବିଷୟରେ କହିଛନ୍ତି। ଫ୍ରାଇଡେ ଟକିଜ୍‌ରେ ବାର୍ତ୍ତାଳାପ କରି ଦୟା କହିଛନ୍ତି, ଫିଲ୍ମରେ ଗୋଟିଏ ସିନ୍ ଥିଲା ଯେଉଁଥିରେ ସେ ସ୍କୁଟର୍ ଚଲାଉଥିଲେ। ତାଙ୍କ ପଛରେ ଶାହରୁଖ୍ ଖାନ୍ ବସିଥିଲେ। ତାଙ୍କୁ ଗାଡ଼ି ଚଲାଇବା ଆସୁନଥିଲେ ମଧ୍ୟ ସେ ଗାଡ଼ି ଚଲାଇ ପାରନ୍ତି ବୋଲି କହିଥିଲେ। ସେଟ୍‌ରେ ସେହି ସିନ୍‌ର ଅଭ୍ୟାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୟାଙ୍କୁ ଶାହରୁଖ୍ ଚାହିଁଥିଲେ ଏବଂ ପାଖକୁ ଡାକି ସେ ଗାଡ଼ି ଚାଳନା ଜାଣିଛନ୍ତି କି ନାହିଁ ପ୍ରଶ୍ନ କରିଥିଲେ। ଦୟା ମିଛରେ ହଁ କହିଥିଲେ। ଫଳରେ ଶାହରୁଖ୍ ଆଗପଛ ବିଚାର ନ କରି ତାଙ୍କ ବାଇକ୍‌ରେ ବସିଥିଲେ। ସେତେବେଳେ ସତକୁ ସତ ପବନରେ ବାଇକ୍‌ଟି ଉପରକୁ ଉଠିଗଲା। ଫଳରେ ଶାହରୁଖ୍ ଖାନ ତଳେ ପଡ଼ିଗଲେ। ଦୟା ସଙ୍ଗେ ସଙ୍ଗେ ବାଇକ୍ ଛାଡ଼ି ସେହି ସ୍ଥାନରେ ଛିଡ଼ା ହୋଇ ଭୟରେ ଥରିବାକୁ ଲାଗିଲେ। ଏସବୁ ହେବା ପରେ ସେ ଶାହରୁଖ୍‌ଙ୍କୁ ଖାଲି ଚାହୁଁଥିଲେ, ତାଙ୍କୁ ଉଠାଇବାକୁ ସାହସ କରୁ ନଥିଲେ। ଶାହରୁଖ୍ ଖାନ୍ ଆପେ ଆପେ ଉଠିଲେ। ଦୟାଙ୍କ ପାଖକୁ ଆସି ତାଙ୍କ କାନ୍ଧରେ ହାତ ରଖି, କହିଲେ, ମୁଁ ଜାଣିଥିଲି ତମକୁ ଗାଡ଼ି ଚଳାଇବା ଆସେନି। ଏହାପରେ ସେ ଆଶୁତୋଷ ଗୋବାରିକରଙ୍କୁ ଚାହିଁ ଚାଲ ସଟ୍ ନେବା ବୋଲି କହିଥିଲେ। ଏହାପରେ ଆଶୁତୋଷ ଦୟାଙ୍କୁ ବଡ଼ ଆଖିରେ ଚାହୁଁଥିଲେ। କିନ୍ତୁ ଶାହରୁଖ୍ ତାଙ୍କୁ କହିଥିଲେ "ଏମିତି କାଇଁ ଚାହୁଁଛ। ଭୁଲ ମୋର ଥିଲା। ମୁଁ ତାଙ୍କ ଭାରସାମ୍ୟ ବିଗାଡ଼ି ଦେଇଥିଲି।" ■

**ଆଇପିଏଲ୍-୧୮** | **ରୋମାଞ୍ଚକ ହେବ ପ୍ଲେ ଅଫ୍ ମୁକାବିଲା**

## କ୍ୱାଲିଫାୟର-୧ ମୁକାବିଲା ଆଜି

# ପଞ୍ଜାବ-ବେଙ୍ଗାଲୁରୁ ଲଢ଼େଇ

**ମୁଲାନପୁର, ଚଣ୍ଡିଗଡ଼,୨୮।୫ (ଏଜେନ୍ସି):**

ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ୬ ୱିକେଟରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିବା ସହ ଆଇପିଏଲ୍-୧୮’ର ଲିଗ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ଏହା ମଧ୍ୟରୁ ପଏଣ୍ଟ ଟେବଲରେ ଥିବା ପ୍ରଥମ ୪ଟି ଦଳ ଯଥା ପଞ୍ଜାବ କିଙ୍ଗ୍‌ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଅନ୍ୟ ୬ଟି ଦଳ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଆସନ୍ତାକାଲି ବା ମେ ୨୯ ତାରିଖ ଗୁରୁବାର ନଂ-୧ ଟିମ୍ ପଞ୍ଜାମ ସହ ନଂ-୨ ଟିମ୍ ବେଙ୍ଗାଲୁରୁ ସହ କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲ ଖେଳିବ। ସେହିପରି ମେ ୩୦ରେ ଗୁଜରାଟ ଟାଇଟନ୍ସ ଓ ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ କ୍ୱାଲିଫାୟର-୨କୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ର ବିଜେତା ଦଳ ଓ କ୍ୱାଲିଫାୟର-୧’ରେ ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ଜୁନ୍-୧ରେ ଖେଳାଯିବ। ଦୁଇ କ୍ୱାଲିଫାୟରର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଜୁନ୍-୩ରେ ଖେଳାଯିବ।

### ନଂ-୧ ଓ ୨ ମଧ୍ୟରେ ପ୍ରଥମ ଲଢ଼େଇ

ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ଥିବା ପଞ୍ଜାବ ଓ ବେଙ୍ଗାଲୁରୁ ମଧ୍ୟରେ ଆସନ୍ତାକାଲି କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ



ସ୍ଥିର ଖେଳ ପ୍ରଦର୍ଶନ କରି ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୧୦ମ ଓ ପଞ୍ଜାବ ଚତୁର୍ଥଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୩ଥର ଓ ପଞ୍ଜାବ ଥରେ ଫାଇନାଲ ଖେଳିଛି। କିନ୍ତୁ ଉଭୟ ଦଳ ଏଯାଏ ଟାଇଟଲ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୨୦୧୪ରେ ପଞ୍ଜାବ ଶେଷଥର ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା ଓ ଏହି ବର୍ଷ ମଧ୍ୟ ଦଳ ଫାଇନାଲ ଖେଳି କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାଜିତ ହୋଇଥିଲା। ୨୦୨୪ରେ ବେଙ୍ଗାଲୁରୁ ପ୍ଲେ ଅଫ୍ ଖେଳିଥିଲେ ମଧ୍ୟ ଫାଇନାଲକୁ ଯାଇ ପାରି ନ ଥିଲା। ଏହି ମୁକାବିଲାରେ ବେଙ୍ଗାଲୁରୁ ଦଳରେ ଅଧିକ ଅଭିଜ୍ଞ ଓ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଖେଳାଳି ରହିଛନ୍ତି। ଅନ୍ୟ ପକ୍ଷରେ ପଞ୍ଜାବ ଅନ୍‌କ୍ୟାପ୍‌ଡ ବା ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିବା ଖେଳାଳିଙ୍କ ଉପରେ ନିର୍ଭର କରିଛି। ଆସନ୍ତାକାଲି ମୁକାବିଲାରେ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ବୋଲର ପଞ୍ଜାବର ଯୁଜବେନ୍ଦ୍ର ଚହଲ ଓ ବେଙ୍ଗାଲୁରୁ ଜୋଶ ହାଜ୍‌ଲେଉଡ୍‌ଙ୍କୁ ଦଳରେ ସାମିଲ କରିବ ବୋଲି ଆଶା କରାଯାଉଛି। ଉଭୟ ଆଘାତ ଜନିତ କାରଣରୁ ଶେଷ ଦୁଇଟି ମ୍ୟାଚ୍ ନିଜ ଟିମ୍ ପକ୍ଷରୁ ଖେଳି ପାରି ନ ଥିଲେ। ଦୁଇ ବିଦେଶୀ ଖେଳାଳି ପଞ୍ଜାବର ମାର୍କୋ ଜାନ୍‌ସେନ ଓ ବେଙ୍ଗାଲୁରୁର ଟିମ୍ ଡେଭିଡ୍ ଭିନ୍ନ କାରଣରୁ ଏହି ମ୍ୟାଚ୍ ଖେଳିବେ ନାହିଁ।

### କୋହଲି ବନାମ ଆୟର

ଏହି ଟୁର୍ଣ୍ଣାମେଣ୍ଟରେ ବେଙ୍ଗାଲୁରୁ ପକ୍ଷରୁ ତାରକା ଖେଳାଳି ବିରାଟ କୋହଲି ଓ ପଞ୍ଜାବ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। କୋହଲି ୧୩ଟି ମ୍ୟାଚ୍‌ରୁ ୬୦.୨୦ ହାରରେ ସର୍ବାଧିକ ୬୦୨ ରନ୍ କରିଛନ୍ତି। ଏହା ମଧ୍ୟରେ ୮ଟି ଅର୍ଦ୍ଧଶତକ ରହିଛି। ଅନ୍ୟପକ୍ଷରେ ଆୟର ୧୪ଟି ମ୍ୟାଚ୍‌ରୁ ୫୧.୪୦ ହାରରେ ୫୧୪ ରନ୍ ସଂଗ୍ରହ କରିଛନ୍ତି। କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଥିବା ମୁଲାନପୁରରେ ଆୟରଙ୍କ ଅପେକ୍ଷା କୋହଲି ଆଗରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ଏଠାରେ ଅନୁଷ୍ଠିତ ମୁକାବିଲାରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା। ଏଥିରେ କୋହଲି ୫୪ ବଲ୍‌ରୁ ଅପରାଜିତ ୭୩ ରନ୍ କରିଥିଲେ। କିନ୍ତୁ ଏଠାରେ ଆୟର ୪ଟି ମ୍ୟାଚ୍ ଖେଳି ମାତ୍ର ୨୫ ରନ୍ ସଂଗ୍ରହ କରିଛନ୍ତି।

ବ୍ୟାଟିଂରେ ବେଙ୍ଗାଲୁରୁ ପକ୍ଷରୁ ଫିଲ ସଲ୍ଟ ୩୧୧, ରଜତ ପାଟିଦାର ୨୭୧, ଜିତେଶ ଶର୍ମା ୨୩୭, କ୍ରୁନାଲ ପାଣ୍ଡ୍ୟା ୧୦୫ ରନ୍ କରିଛନ୍ତି। ପାଡିକଲ ୨୪୭ ଓ ଡେଭିଡ ୧୮୭ ରନ୍ କରିଥିଲେ ମଧ୍ୟ ଏହି ମ୍ୟାଚ୍ ଖେଳିବେ ନାହିଁ। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଅନ୍‌କ୍ୟାପ୍‌ଡ ଖେଳାଳି ପ୍ରଭସିମରନ ସିଂହ ୪୯୯, ଡେବ୍ୟୁଟାଣ୍ଟ ପ୍ରିୟାଂଶ ଆର୍ଯ୍ୟ ୪୨୪, ନେହାଲ ୱାଧେରା ୨୯୮, ଶଶାଙ୍କ ସିଂ ୨୮୪ ରନ୍ କରିଛନ୍ତି। କିନ୍ତୁ ଜୋଶ ଇଂଲିଶ ୧୬୪.୧୬ ଷ୍ଟ୍ରାଇକ୍‌ରେଟ୍‌ରେ ୧୯୭ ଓ ମାର୍କସ ଷ୍ଟୋଇନିସ ୧୯୩.୮୪ ହାରରେ ୧୨୬ ରନ୍ କରି ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି।

### ଅର୍ଶଦୀପ ବନାମ ହାଜ୍‌ଲେଉଡ୍

ବୋଲିଂରେ ଉଭୟ ଦଳର ସ୍ଥିତି ପ୍ରାୟ ସମାନ। ପେସ୍ ବୋଲିଂରେ ଜୋଶ ହାଜ୍‌ଲେଉଡ୍ (୧୮ ୱିକେଟ)ଙ୍କ ନେତୃତ୍ୱରେ ଭୁବନେଶ୍ୱର କୁମାର (୧୪), ଯଶ ଦୟାଲ (୧୦) ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ରୋମାରିଓ ସେଫର୍ଡ ଓ ନୁୱାନ ତୁଷାରା ବେଶ ଚତୁର ବୋଲିଂ ପ୍ରଦର୍ଶନ କରିଛନ୍ତି। ସ୍ପିନ୍‌ର ଭାବେ କ୍ରୁନାଲ ପାଣ୍ଡ୍ୟା (୧୫ ୱିକେଟ)ଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ସଫଳତା ମିଳିଛି। ଅନ୍ୟ ପକ୍ଷରେ ଭାରତର ନଂ-୧ ବୋଲର ଅର୍ଶଦୀପ ସିଂ ପଞ୍ଜାବ ପକ୍ଷରୁ ଶ୍ରେଷ୍ଠ ସଫଳତା ପାଇ ୧୮ ୱିକେଟ ପାଇଛନ୍ତି। ୧୬ଟି ୱିକେଟ ନେଇଥିବା ଜାନ୍‌ସେନ ଏହି ମ୍ୟାଚ୍ ଖେଳିବେନି। ଦଳର ପେସ୍ ବୋଲିଂ ଦୁର୍ବଳ। ଆଫାନିସ୍ତାନର ଆଜମତୁଲ୍ଲା ଓମରଜାଇ, ଜାଭିୟର ବାର୍ଟଲେଟ୍, ବିଜୟ କୁମାର ବ୍ୟାସକ ପେସ ସ୍ଥାନ ପୂରଣ କରିବେ। ଦଳ ନିକଟରେ କିନ୍ତୁ ଦୁଇ ଜଣ ପ୍ରଭାବୀ ସ୍ପିନର ଅଛନ୍ତି। ୧୪ଟି ୱିକେଟ ନେଇଥିବା ଯୁଜବେନ୍ଦ୍ର ଚହଲ ଓ ୧୦ଟି ୱିକେଟ ନେଇଥିବା ହରପ୍ରୀତ ବ୍ରାର ସଫଳ ହେବେ ବୋଲି ଆଶା କରାଯାଉଛି।

### ସମ୍ଭାବ୍ୟ ଖେଳାଳି ଦଳ

**ପଞ୍ଜାବ କିଙ୍ଗ୍‌ସ :** ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ୍, ଆଜମତୁଲ୍ଲା ଓମରଜାଇ, କାଏଲ ଜାମିସନ, ହରପ୍ରୀତ୍ ବ୍ରାର୍, ଅର୍ଶଦୀପ ସିଂହ ଓ ଯୁଜବେନ୍ଦ୍ର ଚହଲ।

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ :** ବିରାଟ କୋହଲି, ଫିଲ ସଲ୍ଟ, ମୟଙ୍କ ଅଗରୱାଲ, ରଜତ ପାଟିଦାର (ଅଧିନାୟକ), ଜିତେଶ ଶର୍ମା (ୱିକେଟରକ୍ଷକ), କ୍ରୁନାଲ ପାଣ୍ଡ୍ୟା, ଲିଆମ ଲିଭିଙ୍ଗଷ୍ଟୋନ୍, ରୋମାରିଓ ସେଫର୍ଡ, ଭୁବନେଶ୍ୱର କୁମାର, ଯଶ ଦୟାଲ, ଜୋଶ ହାଜ୍‌ଲେଉଡ୍ ଓ ସୂୟାଶ ଶର୍ମା।

### ବ୍ୟାଟିଂରେ ପଞ୍ଜାବ ଆଗୁଆ

ବେଙ୍ଗାଲୁରୁ ନିକଟରେ ଅଧିକ ଅଭିଜ୍ଞ ବ୍ୟାଟର ରହିଛନ୍ତି, କିନ୍ତୁ ପଞ୍ଜାବ କିଙ୍ଗ୍‌ସ ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ମ୍ୟାଚ୍‌ରୁ ୭ଥର ୨୦୦ କିମ୍ବା ତା’ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ହାଇଦରାବାଦ୍ ବିପକ୍ଷରେ ୬ ୱିକେଟରେ ୨୪୫ ରନ୍ ଦଳର ସର୍ବାଧିକ ଦଳଗତ ସ୍କୋର। ସେହିପରି ବେଙ୍ଗାଲୁରୁ ୪ଥର ୨୦୦ରୁ ଅଧିକ ରନ୍ କରିଥିଲାବେଳେ ଏଲ୍‌ଏସ୍‌ଜି ବିପକ୍ଷରେ ୪ ୱିକେଟରେ ୨୩୦ ରନ୍‌ର ସର୍ବାଧିକ ସ୍କୋର ସଂଗ୍ରହ କରିଛି। ପଞ୍ଜାବ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ଏକମାତ୍ର ଶତକ ହାସଲ କରିଛନ୍ତି। ଶ୍ରେୟସ ଆୟର ଅପରାଜିତ ୯୭, ୮୨, ୭୨ ରନ୍‌ର ପାଳି ଖେଳିଛନ୍ତି। ପ୍ରଭସିମରନ ୯୧, ୮୩ ଓ ୬୯ ରନ୍‌ର ପାଳି ଖେଳିଛନ୍ତି। ବେଙ୍ଗାଲୁରୁ ପକ୍ଷରୁ ଶେଷ ଲିଗ୍‌ରେ ଜିତେଶ ଶର୍ମାଙ୍କ ଅପରାଜିତ ୮୫ ରନ୍ ସର୍ବାଧିକ। ୮ଟି ଅର୍ଦ୍ଧଶତକ ହାସଲ କରି କୋହଲି ସ୍ଥିର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଫିଲିପ୍ ସଲ୍ଟ ୬୫ ଓ ୬୨ ରନ୍ କରି ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

## ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ପଦକୁ ଫେରିଲେ ଟି ଦିଲୀପ

**ନୂଆଦିଲ୍ଲୀ,୨୮।୫(ଏଜେନ୍ସି):** ଟି ଦିଲୀପ ପୁଣି ଥରେ ଭାରତୀୟ କ୍ରିକେଟ ଦଳରେ ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ଗୋଟିଏ ବର୍ଷ ପାଇଁ ଚୁକ୍ତି କରିଛି। ସେ ଆସନ୍ତା ମାସରେ ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତରେ ଯିବେ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଖରାପ ପ୍ରଦର୍ଶନ ପରେ



ଦଳର କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ କରାଯାଇଥିଲା। ଫଳରେ ଦିଲୀପଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରିଆନ ଟେନ ଡୋଏଶ୍ଚେଟ ଦାୟିତ୍ୱ ସମ୍ଭାଳିଥାନ୍ତେ। ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ପରାମର୍ଶ କ୍ରମେ ଦିଲୀପଙ୍କୁ ପୁଣି ଥରେ ଏହି ଗୁରୁ ଦାୟିତ୍ୱ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଟେଷ୍ଟରୁ ଅବସର ଘୋଷଣା କରିସାରିଥିଲେ ମଧ୍ୟ ରୋହିତ କୋଚ୍ ଗୌତମ ଗମ୍ଭୀରଙ୍କୁ ଫେରାଇଆଣିବାକୁ ଅନୁରୋଧ କରିଥିଲେ। ଦିଲୀପଙ୍କୁ ୨୦୨୧ରେ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଥିଲେ। ସେ ଆର ଶ୍ରୀଧରଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୪ ଟି-୨୦ ବିଶ୍ୱକପ୍ ପରେ ତାଙ୍କ ଚୁକ୍ତି ଶେଷ ହୋଇଥିଲା। ଫଳରେ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କୁ ଚୁକ୍ତିକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ତାଙ୍କୁ ପରେ ହଟାଇ ଦିଆଯାଇଥିଲା। କିନ୍ତୁ ବିକଳ୍ପ ନ ମିଳିବା ଫଳରେ ଦିଲୀପଙ୍କୁ ପୁଣି ଦାୟିତ୍ୱ ମିଳିଛି। ଦିଲୀପ୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ହାଇଦରାବାଦ କ୍ରିକେଟ ଆସୋସିଏସନ (ଏଚ୍‌ସିଏ) ସହିତ କୋଚିଂ ଦେବା ଆରମ୍ଭ କରିଥିଲେ।

## ଅନିରୁଦ୍ଧଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଗଞ୍ଜାମ ବିଜୟୀ

**କଟକ,୨୮।୫(ସମିସ):** କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଗଞ୍ଜାମ ୫୪ରନରେ ନୂଆପଡାକୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଅନିରୁଦ୍ଧ ପଟ୍ଟନାୟକ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନୂଆପଡା ଟସ୍ ଜିତି ଗଞ୍ଜାମକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅନିରୁଦ୍ଧଙ୍କ ୨୯ରନ ସହାୟତାରେ ଦଳ ସମସ୍ତ ୱିକେଟ ହରାଇ ୧୦୮ରନ ସଂଗ୍ରହ କରିଥିଲା। ନୂଆପଡାର ଅର୍ମାନ ପତି ୫ଟି ୱିକେଟ ଦଖଲ କରିଥିଲେ। ୧୦୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନୂଆପଡା ମାତ୍ର ୫୪ରନରେ ଅଲଆଉଟ ହୋଇଥିଲା। ଅଭିରୂପ ଦାସ ସର୍ବାଧିକ ୧୬ରନ କରିଥିଲେ। ଅନିରୁଦ୍ଧ ୧୩ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ।



ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୫ରନରେ ବରଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ ୧୩୮ ରନରେ ଅଲଆଉଟ ହୋଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୭ରନ କରିଥିଲେ। ବରଗଡର ସେଖ ହାୟତ ଏବଂ କ୍ରୀଷ୍ଣା ସାମଲ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ୨୩.୪ ଓଭରରେ ବରଗଡ ସମସ୍ତ ୱିକେଟ ହରାଇ ୧୨୩ରନ କରିଥିଲା। ଭୁବନେଶ୍ୱରର ଅର୍ଣ୍ଣଭ ଶତପଥୀ ୩ଟି ୱିକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବାଲେଶ୍ୱର ୭ ୱିକେଟରେ ପୁରୀକୁ ହରାଇଛି। ଓଦା ଗ୍ରାଉଣ୍ଡ ଯୋଗୁଁ ୨୪ଓଭର ବିଶିଷ୍ଟ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୭ ୱିକେଟ ହରାଇ ୮୫ରନ ସଂଗ୍ରହ କରିଥିଲା। ରୋହନ ସାହୁ ସର୍ବାଧିକ ୩୬ରନ କରିଥିଲେ। ବାଲେଶ୍ୱରର ଶୁଶୋଭନ ଦାସ ଏବଂ ଶୁଭମ ପଲାଇ ଯଥାକ୍ରମେ ୨ଟି ଏବଂ ଗୋଟିଏ ୱିକେଟ ହାସଲ କରିଥିଲେ। ଶୁଭମଙ୍କ ଅପରାଜିତ ୧୯ରନ ସହାୟତାରେ ୩ ୱିକେଟ ହରାଇ ବାଲେଶ୍ୱର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶୁଭମ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ କେନ୍ଦୁଝର ୪୬ରନରେ କନ୍ଧମାଳକୁ ହରାଇଥିଲା। ୩ରନ ବ୍ୟୟରେ ୩ ୱିକେଟ ଦଖଲ କରିଥିବା କେନ୍ଦୁଝରର ସରୱନ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟବଲ | ମେଘାଳୟ ଚାମ୍ପିଅନ, ଓଡ଼ିଶା ତୃତୀୟ

**ଭୁବନେଶ୍ୱର,୨୮।୫(ସମିସ):** ଆସାମ ରାଜଧାନୀ ଗୌହାଟୀରେ ଅନୁଷ୍ଠିତ ଉତ୍ତର ପୂର୍ବାଞ୍ଚଳି ଦୃଷ୍ଟିବାଧିକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଜାତୀୟସ୍ତର ଟୁର୍ଣ୍ଣାମେଣ୍ଟ ଖେଳିବାକୁ ମନୋନୀତ ହୋଇଛି। କିନ୍ତୁ ଓଡ଼ିଶା ମହିଳା ଦଳ ଜାତୀୟସ୍ତରକୁ ମନୋନୀତ ହେବାରେ ବିଫଳ ହୋଇଛି। ଏ ଗ୍ରୁପ୍‌ର ବିଜେତା ମେଘାଳୟ ଫାଇନାଲ ମୁକାବିଲାରେ ବି ଗ୍ରୁପ୍‌ର ବିଜେତା ଅରୁଣାଚଳକୁ ୯-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏ ଗ୍ରୁପ୍‌ରେ ଓଡ଼ିଶା ୪-୦ ଗୋଲରେ ଆସାମକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ବି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ନାଗାଲାଣ୍ଡକୁ ୧-୦ ଗୋଲରେ



ପରାସ୍ତ କରିଥିଲା। ଏଥିରେ ଓଡ଼ିଶା ଅଧିନାୟକ ଆଶିଷ ସାହୁ ମ୍ୟାଚ୍‌ର ଏକାମାତ୍ର ଗୋଲ ସ୍କୋର କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନକୁ ଭିତ୍ତିକରି ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

## ଜାତୀୟ କନିଷ୍ଠ ସଫ୍ଟବଲ: ରାଜ୍ୟ ଦଳର ଚଣ୍ଡିଗଡ ଯାତ୍ରା

**କଟକ,୨୮।୫(ସମିସ):** ଗୁରୁବାର ଠାରୁ ଚଣ୍ଡୀଗଡରେ ୪୫ତମ କନିଷ୍ଠ ଜାତୀୟ ସଫ୍ଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଏଥି ନିମନ୍ତେ ଆଜି ରାଜ୍ୟ ସଂଘ ପକ୍ଷରୁ ଘୋଷିତ ଉଭୟ ବାଳକ ଏବଂ ବାଳିକା ଦଳ ଚଣ୍ଡୀଗଡ ଯାତ୍ରା କରିଛନ୍ତି। ବାଳକ ଦଳରେ ଅମରନାଥ ଭୋଳ, ମୁକ୍ତିକାନ୍ତ ପ୍ରଧାନ, ଶିବ କିରସାନି, କୁମାର ଶୁଭଙ୍କର, ଅନୀଲ କଦରକା, ମିଥୁନ କୁମାର ମଲ୍ଲିକ, ଗଡୁ ବଡନାୟକ, ରାଜୁ ପିଡିସିକା, ସଂଗ୍ରାମ ସୋରେନ, ସୋନାଲ ସଞ୍ଜୀବ ବେହେରା, ସତ୍ୟ ନାରାୟଣ ଦାସ, ସରୋଜ ମାଝୀ, ସୁବ୍ରତ ସାହୁ, ନିହାର ରଞ୍ଜନ ନାୟକ, ଶାନ୍ତନୁ କୁମାର ମଲ୍ଲିକ, ହେମନ୍ତ କୁମାର କର ସ୍ଥାନ ପାଇଛନ୍ତି। ମନୋଜ କୁମାର ପ୍ରଧାନ ପ୍ରଶିକ୍ଷକ ଏବଂ ପ୍ରଭାତ କୁମାର ସାହୁ ମ୍ୟାନେଜର ଭାବେ ଦଳରେ ରହିଛନ୍ତି।

**ଫ୍ରେଞ୍ଚ୍ ଓପନ୍ ଟେନିସ**

## ତୃତୀୟ ରାଉଣ୍ଡରେ ଆଲ୍‌କାରାଜ୍, ମୁସେଟ୍ଟି, ସେଲ୍‌ଟନ୍

**ପ୍ୟାରିସ୍,୨୮।୫(ଏଜେନ୍ସି):**

ଚଳିତ ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ଅଷ୍ଟମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୧୩ତମ ସିଡ୍ ଆମେରିକାର ବେନ୍ ସେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ସପ୍ତମ ସିଡ୍ ନରୱେର କାସ୍ପେର ରୁଡ୍ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲର ନୁନୋ ବୋର୍ଗେସ୍‌ଙ୍କଠାରୁ ୬-୨, ୪-୬, ୧-୬, ୦-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଲକାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ, ମୁସେଟ୍ଟି ୬-୪, ୬-୦, ୬-୪ ସେଟ୍‌ରେ କଲମ୍ବିଆର ଡାନିଏଲ୍ ଗଲାନଙ୍କୁ, ୨୫ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍ ୭-୫, ୬-୩, ୬-୪ ସେଟ୍‌ରେ ଚିଲିର ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେଲଟନ ଫ୍ରାନ୍ସର ହୁଗୋ ଗାଷ୍ଟନଙ୍କ ବିପକ୍ଷରେ ୱାକ୍‌ଓଭର ପାଇଁ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।



### ଭିଟୋଲିନା, ପାଓଲିନି, ଝେଙ୍ଗ୍‌ଙ୍କ ଅଗ୍ରଗତି

ମହିଳା ଏକକରେ ମଧ୍ୟ ସିଡେଡ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୩, ୬-୩ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଅଜଲା ଟୋମଲଜାନୋଭିକଙ୍କୁ, ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ ୬-୨, ୬-୩ ସିଧାସଳଖ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଅରାଙ୍ଗୋଙ୍କୁ, ୧୬ତମ ସିଡ୍ ଆମେରିକାର ଅମଣ୍ଡା ଅନିସିମୋଭା ୬-୦, ୬-୨ ସିଧାସଳଖ ସେଟ୍‌ରେ ସ୍ୱିଜରଲାଣ୍ଡର ଭିକ୍ଟୋରିଆ ଗୋଲୁବିକଙ୍କୁ, ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ୬-୧, ୬-୧ ସେଟ୍‌ରେ ତୁର୍କୀର ଜେନେପ ସୋନମେଜଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ୧୪ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନ୍ ମୁଚୋଭା ୩-୬, ୬-୨, ୧-୬ ସେଟ୍‌ରେ ଆମେରିକାର ଆଲିସିଆ ପାର୍କଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି।

### ଯୁଗଳରେ ହାରିଲେ ବୋଲିପାଲ୍ଲି

ଫ୍ରେଞ୍ଚ୍ ଓପନ ପୁରୁଷ ଯୁଗଳରେ ଭାରତର ରତଭିକ ଚୌଧୁରୀ ବୋଲିପାଲ୍ଲି ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋଲିପାଲ୍ଲି ଓ କଲମ୍ବିଆ ପାର୍ଟନର ନିକୋଲାସ ବାରିଏଣ୍ଟୋସ୍ ୦-୬, ୨-୬ ସିଧାସଳଖ ସେଟ୍‌ରେ ବ୍ରିଟେନର ଜ୍ୟାକବ ଫିୟର୍ଣ୍ଣଲି ଓ କାନାଡାର ଗାବ୍ରିଏଲ୍ ଡିଆଲୋଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଚେକ ଗଣରାଜ୍ୟ ପାର୍ଟନର ଆଡାମ ପାଭଲାସେକ ଏବଂ ୟୁକି ଭାମ୍ବ୍ରି ଓ ତାଙ୍କ ଆମେରିକୀୟ ପାର୍ଟନର ରୋବେର୍ଟ ଗାଲୋୱେ ପ୍ରଥମ ରାଉଣ୍ଡରେ ଅଭିଯାନ ଆରମ୍ଭ କରିବେ।

**■ ଏସିଆନ ଆଥ୍‌ଲେଟିକ୍ ଚାମ୍ପିଅନସିପ୍**

## ୪ ଗୁଣା ୪୦୦ମି ମିକ୍ସଡ୍ ରିଲେରେ ଭାରତକୁ ସ୍ୱର୍ଣ୍ଣ

**ଗୁମି,୨୮।୫(ଏଜେନ୍ସି):** କୋରିଆର ଗୁମିଠାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ ବୁଧବାର ତୃତୀୟ ଦିବସରେ ଭାରତୀୟ ଖେଳାଳିମାନେ ଏକାଧିକ ପଦକ ହାସଲ କରିଛନ୍ତି। ୪ ଗୁଣା ୪୦୦ମିଟର ମିକ୍ସଡ ରିଲେ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ପ୍ରଥମସ୍ଥାନରେ ରହି ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ଏହି ଇଭେଣ୍ଟରେ ୩ ମିନିଟ୍ ୧୮.୧୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ଏଥିରେ ଚୀନ ରୌପ୍ୟ ଓ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ତେଜସ୍ୱିନ ଶଙ୍କର ଡେକାଥଲନ୍‌ରେ, ପ୍ରବୀଣ ଚିତ୍ରାଭେଲ୍ ପୁରୁଷ ଟ୍ରିପଲ ଜମ୍ପରେ, ପାରୁଲ ଚୌଧୁରୀ ମହିଳା ୪୦୦ମିଟରରେ, ପୂଜା ମହିଳା ୧୫୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହି



ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ପୁରୁଷ ୧୫୦୦ମି ରେସ୍‌ରେ ୟୁନୁସ ଶାହା କାଂସ୍ୟ ପଦକ ହାସଲ କରିଛନ୍ତି। ଭାରତ ଏବେ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ କାଂସ୍ୟ ପଦକ ସହ ମୋଟ୍ ୮ ପଦକ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଚୀନ୍ ୧୧ ସ୍ୱର୍ଣ୍ଣ ସହ ମୋଟ୍ ୧୩ ପଦକ ଏବଂ ଜାପାନ ୩ ସ୍ୱର୍ଣ୍ଣ ସହ ୧୪ ପଦକ ପାଇଁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS